RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -83 ସଂଖ୍ୟା-୮୩
ଭୁବନେଶ୍ୱର, ରବିବାର ୦୭ ଜୁନ୍ ୨୦୨୬
Bhubaneswar, Sunday 07 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- ଦ୍ୱିତୀୟ ପର୍ଯ୍ୟାୟରେ ୩୦ଟି ଜିଲ୍ଲାର ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ
- ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେଲା
- ୧୨ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ନିର୍ମାଣ ହେବ ୨୨୦୦ ଆଦର୍ଶ ବିଦ୍ୟାଳୟ
- ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଢାଂଚାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବିକାଶ କରାଯିବ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ନି.ପ୍ର): ପଂଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ୍ୟ ସେହିପରି ଢାଂଚାରେ ପ୍ରସ୍ତୁତ କରାଯାଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତିପ୍ରସ୍ତର ରଖିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ

ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ସେ ପୁଣି କହିଥିଲେ ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି। ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତିଭୂମିକୁ ସୁଦୃଢ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ। ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଆସିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ୨ ବର୍ଷ ମଧ୍ୟରେ ୨୬,୦୦୦ ସ୍କୁଲକୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡି ହୋଇଥିଲେ। ଖୋର୍ଦ୍ଧା କୁମାରବସ୍ତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଜିଲ୍ଲାପାଳ ଖୋର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

ବନ୍ଧା ହେଲେ ସହକାରୀ ଯନ୍ତ୍ରୀଙ୍କୁ ଗିରଫ କଲା ଭିଜିଲାନ୍ସ

ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ

ଭୁବନେଶ୍ୱର ୭।୬(ନି.ପ୍ର): :ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ଶ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ବେଳେ ଭିଜିଲାନ୍ସ ବିପୁଳ ସଂପତ୍ତି ଠାବ କରିଥିଲା। ସେ ତାଙ୍କ ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ କରିଛନ୍ତି। ସେଥିମଧ୍ୟରେ ରହିଛି ୬ଟି କୋଠା ଓ ୧୪ଟି ଦାମୀ ଫ୍ଲାଟ୍। ତାଙ୍କଠାରୁ ୨.୦୪ କୋଟିରୁ ଅଧିକ ନଗଦ ଟଙ୍କା ଓ ୫୫୨ ଗ୍ରାମର ସୁନା ଜବତ କରାଯାଇଛି। ସେହିପରି ସେ ବ୍ୟାଙ୍କରେ ୪୫ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତା' ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି। ତାଙ୍କର ୫ଟି କୋଠା ମଧ୍ୟରୁ ୪ଟି ଭୁବନେଶ୍ୱରରେ ରହିଛି। ସେ ରହୁଥିବା ଘରର ଇଣ୍ଟେରିଅର ଦେଖିଲେ ଯେ କେହି ବି ଚକିତ ହୋଇଯିବେ। ତେବେ ସେ କିଭଳି ଏତେ ସଂପତ୍ତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି।

ଶ୍ରୀ ବେହେରାଙ୍କର ୬ଟି ବହୁତଳ କୋଠା ଠାବ କରାଯାଇଥିବା ବେଳେ ସେଥିରୁ ୫ଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡିକରେ ରହିଛି। ନିଳାଦ୍ରୀ ବିହାରରେ ତାଙ୍କର ଏକ ୪ ମହଲା କୋଠା (୧୦ ହଜାର ୫୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ) ଥିବା ବେଳେ ୧୧୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ଏକ ତିନି ମହଲା କୋଠା ଶୈଳଶ୍ରୀ ବିହାର ଅଞ୍ଚଳରେ ରହିଛି। ପଟିଆର କାନନ ବିହାର ଫେଜ୍-୧ରେ ତାଙ୍କର ଏକ ଦ୍ୱିମହଲା କୋଠା (୩୭୫୦ ବର୍ଗଫୁଟ ଜାଗାରେ ନିର୍ମିତ) ଥିବା ବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଆଉ ଏକ ଦ୍ୱିମଲା କୋଠା ରହିଛି, ଯାହା ୨୫୦୦ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳାରେ ପୈତୃକ ଜାଗା ଉପରେ ତାଙ୍କର ଏକ ଦ୍ୱିମହଲା କୋଠା ରହିଛି। ଏହି କୋଠା ମଧ୍ୟ ୨୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତା' ସହିତ ଜୟଦେବ ବିହାରରେ ତାଙ୍କର ଏକ ଘର ଅଛି, ଯାହା ୧୦୦୦ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି। ୧୩ଟି ଦାମୀ ଫ୍ଲାଟ୍ ମଧ୍ୟରୁ ୮ଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନମାନଙ୍କରେ ଥିବା ବେଳେ ୫ଟି ଯାଜପୁରର ଧର୍ମଶାଳରେ ଓ ଗୋଟିଏ ବାରିପଦାରେ ରହିଛି। ତାଙ୍କଠାରୁ ୨ କୋଟି ୪ ଲକ୍ଷ ୧୪ ହଜାର ୪୦୦ ଟଙ୍କା ଜବତ କରାଯାଇଛି। ସେଥିରୁ ୨ କୋଟିରୁ ଅଧିକ ଟଙ୍କା ବ୍ୟାଙ୍କ ଲକରରେ ଥିଲା। ତାଙ୍କର ଏକ ଚାରି ଚକିଆ ଗାଡି (ଐଈଙ୍କଭୟବସ ଉକ୍ୱରଗ୍ବବ) ଅଛି। ତାଙ୍କର ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୪୪ ଲକ୍ଷ ୩୫ ହଜାର ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ସେଲ୍ ଥାନାରେ ମାମଲା ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ବୈକୁଣ୍ଠ ନାଥ ବେହେରାଙ୍କ ବିରୋଧରେ ମାମଲା ଦାଖଲ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି। ବୈକୁଣ୍ଠ ନାଥ ବେହେରା (ଜନ୍ମ ତାରିଖ- ୧୩.୦୬.୧୯୭୪) ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ (ସିଭିଲ) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ନବରଙ୍ଗପୁର ବ୍ଲକରେ ଅବସ୍ଥାପିତ ହୋଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୬୦୦୦ ଟଙ୍କା। ୨୦୦୧ରେ ତାଙ୍କୁ ଉଦଳା ଆଇ.ଟି.ଡି.ଏ. ରେ କନିଷ୍ଠ ଯନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୦୧ ରୁ ୨୦୦୭ ପର୍ଯ୍ୟନ୍ତ ସେ କୁସୁମଗୁଡା ବ୍ଲକ ଓ ଡାବୁଗାଁ ବ୍ଲକ ଏବଂ ନବରଙ୍ଗପୁର ଆଇ.ଟି.ଡି.ଏରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୬ରେ ସେ ସହକାରୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇଥିଲେ ଏବଂ ନବରଙ୍ଗପୁର ଆଇଟିଡିଏରେ ଅବସ୍ଥାପିତ ହୋଇଥିଲେ। ୧୨.୦୨.୨୦୨୬ ରିଖରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇ ବାଲିଗୁଡା ଓଝଡଇରେ ଅବସ୍ଥାପିତ ହୋଇଥିଲେ ଏବଂ ଆଜି ପର୍ଯ୍ୟନ୍ତ ସେହି ପଦବୀରେ ଅଛନ୍ତି।

ବାଘ ଛାଲ ଜବତ: ୮ ଜଣ ଗିରଫ

ରାୟଗଡ:(ନି.ପ୍ର) ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ରେଞ୍ଜ ଅଧୀନସ୍ଥ ରିଭଲକଣା ଛକଠାରେ ଚାଲିଥିବା ଏକ ବେଆଇନ କଲରାପତରିଆ ବାଘ ଛାଲ କିଣାବିକା (ଡିଲ୍) ଉପରେ ବନ ବିଭାଗ ଚ ?ାଉ କରିଛି। ଏହି ମାମଲାରେ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହିତ ଏକ ମୋଟରସାଇକେଲ ଏବଂ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରୁ ୩ ଜଣ କଳାହାଣ୍ଡି ଜିଲ୍ଲାର ଏବଂ ୫ ଜଣ ରାୟଗଡା ଜିଲ୍ଲାର ବୋଲି ଜଣାପଡ଼ିଛି। ?କଳାହାଣ୍ଡି ଜିଲ୍ଲା: ଜିତେନ୍ଦ୍ର ବେନିଆ, ଇ ଜେ ରାଓ ସାହୁ ଏବଂ ମୁନୁଗା ମାଝି। ରାୟଗଡା ଜିଲ୍ଲା: ଭରତ ନାଚିକା, ସୀମାଦ୍ରି ତାଡିଙ୍ଗି, କୈଳାସ ଜାନି, ପ୍ରଶାନ୍ତ କାଡ୍ରାକା ଏବଂ ଧର୍ମେ ପାତିକା। କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡାଙ୍କ ସୂଚନା ଅନୁସାରେ, ଏହି ବେଆଇନ ଡିଲ୍ ସମ୍ପର୍କରେ ବନ ବିଭାଗକୁ ଦୁଇ ଦିନ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ରାୟଗଡା ଡିଏଫଓ ସଚିନ ଆନ୍ନାସାହେବ ଓହୋଲଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କଲ୍ୟାଣସିଂହପୁର ଓ ରାୟଗଡା ରେଞ୍ଜ ଟିମ୍ ମିଳିତ ଭାବେ ଟ୍ରାପ୍ ବିଛାଇ ଏହି ଚଢ଼ାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ କଳାହାଣ୍ଡି ଜିଲ୍ଲା ବନ ବିଭାଗ ଟିମ୍ ମଧ୍ୟ ସହାୟତା କରିଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ପ୍ରାୟ ୨ ରୁ ୪ ମାସ ପୂର୍ବେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରୁ ମାତ୍ର ୮-୧୦ କିଲୋମିଟର ଦୂର ଜଙ୍ଗଲରେ ଏହି କଲରାପତରିଆ ବାଘର ଶିକାର କରାଯାଇଥିଲା। ଶିକାରୀ ଜଣକ କଳାହାଣ୍ଡି ଜିଲ୍ଲାର ବୋଲି ଜଣାପ ?ିବା ପରେ ସେଠାକାର ବନ ବିଭାଗ ତାକୁ ମଧ୍ୟ ଗିରଫ କରିଛି। କଲ୍ୟାଣସିଂହପୁର ବ୍ଲକ ସହ କଳାହାଣ୍ଡି ଜିଲ୍ଲାର ସୀମା ନିକଟତର ହୋଇଥିବାରୁ ବେପାରୀମାନେ ଏହି ରାସ୍ତା ଦେଇ ରିଭଲକଣାକୁ ଡିଲ୍ ପାଇଁ ଆସିଥିଲେ। ବୋଲି ସୂଚନା ଦେଇଛନ୍ତି ରାୟଗଡା ଡ଼ିଏଫଓ ସଚିନି ଆନ୍ନାସାହେବ ଓହୋଲ।

ସବୁ ପୌରାଂଚଳରେ ହେବ ଇଭି ଚାର୍ଜିଂ ଷ୍ଟେସନ

ଭୁବନେଶ୍ୱର,(ନି.ପ୍ର): ରାଜ୍ୟରେ ବୈଦ୍ୟୁତିକ ଯାନ ବା ଇଭି ଗାଡି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସରକାରୀ ଅଫିସଗୁଡିକରେ ଭଡା ପାଇଁ ଇଭି ଗାଡି ବାଧ୍ୟତାମୂଳକ କରିବା ପରେ ଏବେ ରାଜ୍ୟର ସବୁ ସହରାଂଚଳରେ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସବୁ ମହାନଗର ନିଗମ, ପୌରପାଳିକା ଓ ଏନଏସିଗୁଡିକରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ଷ୍ଟାଣ୍ଡର୍ଡ ଅପରେଟିଂ ପ୍ରୋସିଜିଅର ବା ଏସଓପି ପ୍ରସ୍ତୁତ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଡ୍ରାଫ୍ଟ ଏସଓପିକୁ ଏବେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶା ଇଭି ପଲିସି ୨୦୨୧ ର ନିୟମାବଳୀ ଆଧାରରେ ଯାଂଚ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନରଙ୍କ ପାଖକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଏହି ଇଭି ଚାର୍ଜିଂ ଷ୍ଟେସନ ଗୁଡିକୁ ସହରାଂଚଳର ଏକ ରାଜସ୍ୱ ଆଦାୟକାରୀ ଭିତ୍ତିଭୂମି ଭାବେ ସାମିଲ କରାଯାଇଛି, ଯାହା ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବା ସହ ପୌରସଂସ୍ଥା ଗୁଡିକର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ। ଏହି ଏସଓପି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସହରାଂଚଳର ସ୍ଥାନୀୟ ସଂସ୍ଥା ବା ୟୁଏଲବିଗୁଡିକ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିକୁ ଏହି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ। ଏହି ସ୍ଥାନ ଚୟନ ସମୟରେ ବିଶେଷକରି ପାର୍କିଂ ହବ୍, ବ୍ୟବସାୟିକ କେନ୍ଦ୍ର, ସରକାରୀ କୋଠାବାଡି, ବଜାର ଓ ପ୍ରମୁଖ ଯାତାୟାତ କରିଡରଗୁଡିକୁ ପ୍ରାଥମିକତା ଦିଆଯିବ।

କନଷ୍ଟେବଲ ସ୍ୱାମୀଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ କନଷ୍ଟେବଲ ସ୍ତ୍ରୀ!

ଭୁବନେଶ୍ୱର (ନି.ପ୍ର): ଏମଭି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେ ଦେଇଥିବା ବୟାନର ଭିଡିଓ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆ କହିଛନ୍ତି ଯେ ସେ ତାଙ୍କ ସ୍ତ୍ରୀଙ୍କ ସରକାରୀ ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କ ସ୍ତ୍ରୀ ଓ ଶାଳକ ତାଙ୍କ ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ସେ ଗୈଡି ପଳାଇ ଆସୁଥିବା ବେଳେ ସେମାନେ ଦିଆସିଲ ମାରି ଦେଲେ। ଏହା ପରେ ସେ ଗୈଡି ଯାଇ ଜଣଙ୍କ ଘରକୁ ପଶି ଯାଇଥିଲେ। ସେହି ଘରର ଲୋକେ ତାଙ୍କ ଉପରେ ପାଣି ଢାଳି ଦେବାରୁ ନିଆଁ ଲିଭି ଯାଇଥିଲା। ଏହା ପରେ ଆମ୍ବୁଲାନ୍ସ ଆସି ତାଙ୍କୁ ଉଦ୍ଧାର କରିଥିଲା।

କଳାମୁମୁନି ପଥର ଖଣିରେ ବିସ୍ଫୋରଣ, ଜଣେ ମୃତ

ନିହାଲପ୍ରସାଦ (ନି.ପ୍ର): ଢେଙ୍କାନାଳଜିଲ୍ଲା ନିହାଲପ୍ରସାଦ ଥାନା କଷ୍ଟିପାଳ ଗ୍ରାମସ୍ଥିତ କଳାମୁଗୁନି ପଥର ଖଣିରେ ଆଜି ବିସ୍ଫୋରଣ ହୋଇଛି। ଏହି ବିସ୍ଫ ?ରଣରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ଜଣା ପଡିବାପରେ ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି। ଅନ୍ୟାନ କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବିସ୍ଫ ?ରଣ ହୋଇଥିବା ଖଣିକୁ ନିୟମ ଅନୁଯାୟୀ ନିଲାମ ଦିଆଯାଇଛି। ସେହି ଖଣିର ବ୍ଲାଷ୍ଟିଂ ଅନୁମତି ମଧ୍ୟ ରହିଛି। ତେବେ ତାର ସ୍ଥାୟିତ୍ୱ କେବେ ପର୍ଯ୍ୟନ୍ତ ରହିଛି ତାର ତଦନ୍ତ ଚାଲିଛି। ବ୍ଲାଷ୍ଟିଙ୍ଗ ସମ୍ପର୍କିତ ଅନ୍ୟାନ ତଦନ୍ତ ସମ୍ପର୍କରେ ପୁଲିସ ପକ୍ଷରୁ ସୂଚନା ଦିଆନଯିବା ପର୍ଯ୍ୟନ୍ତ ଅପପ୍ରଚାର ପ୍ରଘଟ ନ କରିବାକୁ ଅନୁରୋଧ କରାଯାଇଛି।

୫ ବାଲି ଟ୍ରାକ୍ଟର, ୨ଟି ଟଲି ଜବତ

ବାଲେଶ୍ୱର,(ନି.ପ୍ର.): :ବାଲେଶ୍ୱର ଜିଲ୍ଲା ପ୍ରତିନିଧି:ଛୁଟି ଦିନ ମାନଙ୍କରେ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବେଆଇନ୍ ବାଲି ଉତ୍ତୋଳନ କରି ପଶ୍ଚିମବଂଗ କୁ ଚୋରା ଚାଲାଣ ହୋଇଥାଏ। ଏହା ସହିତ ପ୍ରଶାସନର ଗାଡ଼ି ଗୁଡିକୁ ଟ୍ରାକିଂ କରି ଚାଲାଣ କାରୀ ମାନେ ସତର୍କ ହୋଇ ଥାଆନ୍ତି। ଏହାକୁ ନଜର ରଖି ତହସିଲଦାର ସତ୍ୟଜିତ ମହାନ୍ତି ଙ୍କ ନେତୃତ୍ୱରେ, ସରକାରୀ ଗାଡ଼ି ପରିବର୍ତ୍ତ ? ଘରୋଇ ଗାଡିରେ ରାଜସ୍ୱ ବିଭାଗର ଏକ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଶନିବାର ରାତି ୩ଟାରୁ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତରେ ଛକି ରହିଥିଲେ। ରବିବାର ସକାଳୁ ବେଆଇନ ବାଲି ଖାଦାନ ଉପରେ ଅତର୍କିତ ଚଢ଼ାଉ ଫଳରେ ବାଲି ଉତ୍ତୋଳନ କରୁଥିବ ୧୦ଟି ଟ୍ରାକ୍ଟର ଓ ଡ୍ରାଇଭର ଓ ଶ୍ରମିକ ମାନେ ଛତ୍ରଭଙ୍ଗ ଦେଇଥିଲେ। ୭ଟି ଟ୍ରାକ୍ଟର ଟଲି ଛାଡ଼ି ଇଞ୍ଜିନ ନେଇ ପଶ୍ଚିମବଂଗ ମୁହାଁ ଚମ୍ପଟ ମାରିଥିବା ବେଳେ ଟ୍ରାକ୍ଟର ଗୁଡିକ ନଦୀ ଗର୍ଭକୁ ପଶିଯାଇଥିଲେ। ଫଳରେ ୫ଟି ଟ୍ରାକ୍ଟର ଓ ୨ ଟି ଟଲି କୁ ଜବତ୍ କରିବା ପାଇଁ ଦୀର୍ଘ ସମୟଧରି ଜେସିବି ର ସହାୟତା ନିଆଯାଇଥିଲା।

୩୭୯୩ କୋଟିର ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ, ୨୦ହଜାରଙ୍କୁ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, (ନି.ପ୍ର.): ରାଜ୍ୟରେ ୨୪ଟି ଶିଳ୍ପ ପ୍ରକଳ୍ପକୁ ଆଜି ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ମିଳିଛି। ଏହି ୩୭୯୩.୩୩କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ଆଉ ୧୯୯୨୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟର ଆଂଚଳିକ ସନ୍ତୁଳିତ ବିକାଶକୁ ଆଖିରେ ରଖି ଏହି ପ୍ରକଳ୍ପଗୁଡିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ, ଗଞ୍ଜାମ, ଜଗତସିଂହପୁର ଓ ମୟୂରଭଞ୍ଜ ପରି ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି।

ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡିକୁ ଅନୁମୋଦନ ମିଳିଛି। ଙ୍କାନାଳଠାରେ ସିଇଏସସି ଗ୍ରୀନ ପାୱାର ଲିମିଟେଡ୍ ପକ୍ଷରୁ ୬୮୩.୮୩ କୋଟି ଟଙ୍କା ବ୍ୟୟରେ ଏକ ବ୍ୟାଟେରୀ ଶକ୍ତି

ସଂରକ୍ଷଣ ପ୍ରଣାଳୀ ପ୍ରକଳ୍ପ ପ୍ରତିଷ୍ଠା ହେବ, ଯାହା ୧୫୩ ଜଣଙ୍କୁ ରୋଜଗାର ସୁଯୋଗ ଦେବ। ସେହିପରି ଏଭିପି ଷ୍ଟାର୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାଠାରେ ୫୦୦କୋଟି ଟଙ୍କା ନିବେଶରେ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ଉତ୍ପାଦନ କେନ୍ଦ୍ର ସ୍ଥାପନ ହେବ ଓ ୫୦୦ ଜଣଙ୍କୁ ନିଯୁକ୍ତି ଦେବ। ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୧୬୮.୬୪ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ କରିବ, ଯାହା ୧୦୩୦୬ଜଣଙ୍କୁ କର୍ମନିଯୁକ୍ତି ଦେବ ବୋଲି ଜଣାପଡିଛି। ସେହିପରି ଶାହୀ ଏକ୍ସପୋର୍ଟସ୍ ସମ୍ବଲପୁରରେ ୧୪୫.୫୦ କୋଟି ଟଙ୍କା ବ୍ୟୟରେ ଗାର୍ମେଣ୍ଟସ ୟୁନିଟ୍ ସ୍ଥାପନ କରିବ ଓ ୧୮୪୦ ନିଯୁକ୍ତି ସୁଯୋଗ ଦେବ। ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ଗଞ୍ଜାମରେ ୭୦ କୋଟି ଟଙ୍କାର ଏକ ସମନ୍ୱିତ ବସ୍ତ୍ର ପ୍ରକଳ୍ପ ପ୍ରତିଷ୍ଠା କରିବ।

ସେହିପରି ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ ୨୫୦କୋଟି ଟଙ୍କା ବ୍ୟୟରେ କୋରାପୁଟଠାରେ ପଂଚତାରକା ରିସୋର୍ଟ ଓ ଏସଏନଏମ୍ ହୋଟେଲ ୧୩୩.୩୪କୋଟି ଟଙ୍କା ବ୍ୟୟରେ ଅନ୍ୟ ଏକ ରିସୋର୍ଟ ସ୍ଥାପନ କରିବ। କେନ୍ଦୁଝରରେ ଇକୋ ରିସୋର୍ଟସ୍ ପକ୍ଷରୁ ୧୦୫.୬୦କୋଟି ଟଙ୍କା ବ୍ୟୟରେ ୱାଟର ଆମ୍ୟୁଜମେଂଟ ପାର୍କ, ପୁରୀରେ ୯୨.୮୦କୋଟି ଟଙ୍କା ବ୍ୟୟରେ ଶୈଳବାଳା ଇନଫ୍ରାଷ୍ଟ୍ରକର ଓ ଜଗତସିଂହପୁରରେ ୭୦କୋଟି ଟଙ୍କା ବ୍ୟୟରେ ସୂର୍ଯ୍ୟ ଉଦ୍ୟୋଗ କମ୍ପାନୀ ୪ଷ୍ଟାର ହୋଟେଲ ସ୍ଥାପନ କରିବ। ମୟୂରଭଞ୍ଜରେ ପ୍ରାଚୀ ଏଣ୍ଟରପ୍ରାଇଜେସ୍ ୫୨କୋଟି ଟଙ୍କାରେ ଇକୋ ରିସୋର୍ଟ, ଓ ସୁନ୍ଦରଗଡରେ ଲହର୍ସ ଏକ୍ସପୋର୍ଟସ ୬୦କେଟି ଟଙ୍କା ବ୍ୟୟରେ ହୋଟେଲ ପ୍ରକଳ୍ପ ନିର୍ମାଣ କରିବ। ଏସବୁ ବ୍ୟତୀତ ଜେଏସଡବ୍ଲ୍ୟୁ ସେଭରଫିଲ୍ଡସ ଷ୍ଟ୍ରକଚର୍ସ ଲିମିଟେଡ୍ ଯାଜପୁରଠାରେ ୨୧୫ କୋଟି ଟଙ୍କା ନିବେଶରେ ଏକ ଷ୍ଟିଲ୍ ଫାବ୍ରିକେସନ ୟୁନିଟ୍ ପ୍ରତିଷ୍ଠା କରି ୧୪୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ଦେବ। କୋଶଳ ସେରାମିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡାଠାରେ ୨୭୫.୦୭ କୋଟି ଟଙ୍କା ବ୍ୟୟରେ ଏହାର ରିଫ୍ରାକ୍ଟୋରି ଇଟା ଉତ୍ପାଦନ କେନ୍ଦ୍ରର ସମ୍ପ୍ରସାରଣ କରି ଏକହଜାର ନୂଆ ନିଯୁକ୍ତି ଓ ସୁନ୍ଦରଗଡରେ ଏନଭାଇରୋକେୟାର ଇନଫ୍ରାସଲ୍ୟୁସନ ୮୧ କୋଟି ଟଙ୍କା ଏବଂ ଖୋର୍ଦ୍ଧାରେ ବିଷ୍ଣୁ ଷ୍ଟିଲ୍ ୫୧.୮୩ କୋଟି ଟଙ୍କା ବ୍ୟୟରେ ନିଜର ଶିଳ୍ପ ସ୍ଥାପନ କରିବାକୁ ସିଙ୍ଗଲୱିଣ୍ଡୋ ବୈଠକରେ ମଞ୍ଜୁରୀ ପାଇଛନ୍ତି।

ଚିତ୍ରକୋଣ୍ଡାରେ ଡ୍ରାଇଭର ସଂଘର ବ୍ଲକ୍ ସ୍ତରୀୟ କମିଟି ଗଠନ

ମାଲକାନଗିରି, ୬।୬:(ମନ୍ଥନ) ଚିତ୍ରକୋଣ୍ଡା ଠାରେ ଆଜି ଡ୍ରାଇଭର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବ୍ଲକ୍ ପାଇଁ ନୂତନ ବ୍ଲକ୍ ସ୍ତରୀୟ କମିଟି ଓ କୋର୍ କମିଟି ଗଠନ କରାଯାଇଥିଲା । ବୈଠକରେ ବହୁ ସଂଖ୍ୟକ ଡ୍ରାଇଭର ଭାଇମାନେ ଯୋଗଦେଇ ସଂଘର ସାଙ୍ଗଠନିକ ସୁଦୃଢ଼ତା ଏବଂ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ସମସ୍ତ ସଦସ୍ୟଙ୍କ ସହମତି ଓ ଆଲୋଚନା ମାଧ୍ୟମରେ ନୂତନ କମିଟି ଚୟନ କରାଯାଇଥିବା ବେଳେ ନବନିର୍ବାଚିତ ସଦସ୍ୟମାନେ ଆଗାମୀ ଦିନରେ ଡ୍ରାଇଭର ଭାଇମାନଙ୍କ ସମସ୍ୟାର ସମାଧାନ, ସରକାରୀ ସୁବିଧା ଓ ସାମାଜିକ ସୁରକ୍ଷା ଯୋଜନାର ଲାଭ ପହଞ୍ଚାଇବା ସହ ସଂଘର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ପ୍ରତିଶ୍ରୁତି ବ୍ୟକ୍ତ କରିଥିଲେ । ବୈଠକରେ ବକ୍ତାମାନେ ଡ୍ରାଇଭର ସମାଜର ଏକତା ଓ ସଂଗଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ୍ରାଇଭରମାନଙ୍କ ନ୍ୟାୟସଙ୍ଗତ ଦାବି ଓ ଅଧିକାର ହାସଲ ପାଇଁ ସଂଘ ସଦାସର୍ବଦା ସଂଗ୍ରାମ ଜାରି ରଖିବ ବୋଲି ମତ ପ୍ରକାଶ ପାଇଥିଲା । ଏହା ସହ ସମସ୍ତ ସଦସ୍ୟଙ୍କ ସହଯୋଗ ଓ ଏକତା ମାଧ୍ୟମରେ ସଂଘକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦିଆଯାଇଥିଲା । ଶେଷରେ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିବା ବେଳେ ନବଗଠିତ କମିଟିର ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ଡ୍ରାଇଭର ଭାଇମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

ସାଢେ ୩ ବର୍ଷ ପରେ ମଧ୍ୟ ଅଧାପନ୍ତରିଆ ସ୍ମାର୍ଟ ପାର୍କ କାମ

ଖଣ୍ଡପଡ଼ା, ୬।୬:(ମନ୍ଥନ)ପ୍ରାୟ ସାଢେ ୩ ବର୍ଷରୁ ଅଧିକ ସମୟ ହେବ ସ୍ମାର୍ଟ ପାର୍କ କାମ ଚାଲୁଅାଳରେ ଦିନ ଗଡାଇଲେ । ଏପରିକି ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ୱେ ମଧ୍ୟ ଏନଏସି କର୍ତ୍ତୃପକ୍ଷଏବଂ ଠିକା ସଂସ୍ଥା ମନମାନି କରିଲେୟ ଫଳରେ କେଇ ମାସର ପ୍ରକଳ୍ପ କାମ ଏବେ ୪୫ ମାସ ପରେ ମଧ୍ୟଅଧାପନ୍ତରିଆ । ହୋଇ ପଡିରହିଛି । ନିମ୍ନମାନର କାମ ଓ ଏନଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁଗତବର୍ଷ ବର୍ଷାରେ ସୁରକ୍ଷା ପ୍ରାଚୀର ଭୁଶୁଡି ପଡିଥିବା ବେଳେ ପେଭର ବ୍ଲକ ମଧ୍ୟ ଧୋଇଯାଇଛି । ଇତିମଧ୍ୟରେ ଦୀର୍ଘଦିନ ବିତିଥିବା ବେଳେ ପ୍ରକଳ୍ପ କେବେ ସରିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମଧ୍ୟନାହିଁ । ଖଣ୍ଡପଡ଼ା ସହରାଞ୍ଚଳ ୧ ନଂ ୱାର୍ଡ ଅଧୀନ ନୂଆପୋଖରୀ ହୁଡାରେ ନିର୍ମାଣଧୀନ ସ୍ମାର୍ଟପାର୍କରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ବିକାଶର ବିକଳ ଚିତ୍ର ସାମ୍ନାକୁ ଆସିଛି । ମିଳିଥିବାସୂଚନା ଅନୁଯାୟୀ ଏହି ପାର୍କ ନିମନ୍ତେ ୨୦୨୨ ମସିହା ୩୧ ଅଗଷ୍ଟରେ ଶିଳାନ୍ୟାସ କରାଯାଇଥିଲା । ଶିଳାନ୍ୟାସର ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ମାଟି ମୁଠାଏ ନ ପଡିବା ନେଇ



କାଉନସିଲବୈଠକରେ ବାରମ୍ବାର ଅଭିଯୋଗ ହୋଇଥିଲା । ସ୍ଥିତି ଦେଖି ଏନଏସି ପ୍ରଶାସନ ଉପରେ ଠିକା ସଂସ୍ଥାପକ୍ଷରୁ ଉକ୍ତ ଅଞ୍ଚଳକୁ ସଫେଇ କରାଯିବା ଏବଂ ସୁରକ୍ଷା ପ୍ରାଚୀର ତଥା ଫାଟକ ନିର୍ମାଣ ଆଳରେ ୨୦ଲକ୍ଷ ଟଙ୍କା ବିଲ ମଧ୍ୟ ନେଇଥିବା ଅଭିଯୋଗ ହୋଇଥିଲା । ତେବେ ଇତି ମଧ୍ୟରେ ସାଢେ ୩ ବର୍ଷବିତିଥିବା ବେଳେ ପ୍ରକଳ୍ପ କିନ୍ତୁ ଏକପ୍ରକାର ଅଧାପନ୍ତରିଆ । ରହିଛିୟ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପ ନେଇ ଏନଏସି କର୍ତ୍ତୃପକ୍ଷ ଅସମ୍ଭବନୀରବତା ଅବଲମ୍ବନ କରୁଥିବା ବେଳେ କାମ କେବେ ସରିବ ସେ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁମଧ୍ୟ ଏନଏସି କର୍ତ୍ତୃପକ୍ଷ ଠିକାଦାରକୁ ଲୋକଦେଖାଣିଆ । ନୋଟିସ ଜାରି କରି ଚୁପ ବସିଥିବା ନେଇଜନପ୍ରତିନିଧି ମାନେ ଅଭିଯୋଗ ଆଣିଥିଲେ । ଏ ନେଇ ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ନେବାରେପ୍ରକଳ୍ପ ପାଇଁ ଅନୁଦାନ ରାଶି ଆସିଲେ କାମ ଆରମ୍ଭ ହେବ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟସହରାଞ୍ଚଳରେ ସ୍ମାର୍ଟ ପାର୍କର ପରିକଳ୍ପନା କରାଯାଇଥିବା ବେଳେ ବ୍ୟାୟମ ଓ ଯୋଗ, ପିଲାଙ୍କଖେଳିବା ବସିବା ପାଇଁ ସୁବିଧା ସହ ବିଶୁଦ୍ଧ ପାନୀୟ ଜଳ, ଆଲୋକୀକରଣ ଏବଂ ଶୌଚାଳୟ ପାଇଁ ମଧ୍ୟବ୍ୟବସ୍ଥା ଲକ୍ଷ ରହିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣନିମନ୍ତେ ସହରାଞ୍ଚଳ ବୁଦ୍ଧିଜୀବୀ, ଜନପ୍ରତିନିଧିଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି ।

ଖେଳୁଥିବା ସମୟରେ ମାଟି କାନ୍ଥ ଭୁଶୁଡି ଶିଶୁ କନ୍ୟା ମୃତ୍ୟୁ

କୁଚିଣ୍ଡା,୬।୬:(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ରେ ଅଘଟଣ ଦୁଇ ଶିଶୁ ଘର ବାହାରେ ଖେଳୁଥିବା ସମୟରେ ମାଟି କାନ୍ଥ ଭୁଶୁଡି ଜଣେ ଶିଶୁ କନ୍ୟା ଚାଲି ବାଘ ଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଆଜି ସକାଳ ୧୦ଟା ସମୟରେ ପ୍ରଭାକର ବାଘ ଙ୍କ ଶିଶୁ କନ୍ୟା ଚାଲି ବାଘ ପଡୋଶୀ ଘରର ଶିଶୁ ଙ୍କ ସହ ଖେଳୁଥିଲେ, ପଡୋଶୀ ଘରର କାନ୍ଥ ଭୁଶୁଡି ଶିଶୁ କନ୍ୟା ଉପରେ ପଡିଯିବାରୁ ଚାପି ହୋଇଯାଇଥିଲା । ଅନ୍ୟ ଜଣେ ନାବାଳକ ବର୍ତ୍ତି ଯାଇଥିବା ବେଳେ, ଶିଶୁ କନ୍ୟା କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା କୁ ଆଣିଥିଲେ ଡାକ୍ତର ଶିଶୁ କନ୍ୟା ଙ୍କୁ ଦେଖି ମୃତ ଘୋଷଣା କରିଥିଲେ । ଏ ନେଇ ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ଶହ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ଓ ଶିଶୁ ଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି ।

ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି : ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଜଗତସିଂହପୁର, ୬।୬:(ମନ୍ଥନ)ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସିଂ (ଆଭାସୀ) ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଆଧାର କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲାୟ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ବିଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା, ନୂତନ ଯୋଜନା, ଜନକଲ୍ୟାଣକାରୀ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା । ଏଥିରେ ଜିଲ୍ଲାସ୍ତରୀୟ ସିମ୍ପୋସିୟମ, ପ୍ରକଳ୍ପ ପରିଦର୍ଶନ, ୩ ଦିନିଆ । ପ୍ରଦର୍ଶନୀ, ଜୈବିକ କୃଷି କର୍ମଶାଳା, ଗଣମାଧ୍ୟମ ସମ୍ପର୍କ, ଜାତି ଜନଜାତି ସମ୍ବାଦ, କୃଷକ ସମ୍ବାଦ, ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା ସମାବେଶ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କ୍ୟାମ୍ପ ଇତ୍ୟାଦି ଆୟୋଜନ ହେବୟ ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓସ୍ୱାନ ହଲରୁ ଜିଲ୍ଲାପାଳ , ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ , ଅତିରିକ୍ତ ଜିଲ୍ଲାପାଳ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରୀୟ ବୈଠକ ରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ,ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏ ପି ଡି ଗିରିଜା ଶଙ୍କର ମଲ୍ଲିକ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳ ରୂପାୟନ, ସର୍ବାଧିକ ଜନସାଧାରଣଙ୍କ ଭାଗିଦାରୀ ନିଶ୍ଚିତ କରିବା ଏବଂ ସରକାରୀ ଯୋଜନା ଓ ସେବା ବିଷୟରେ ତଥ୍ୟର ପ୍ରଭାବଶାଳୀ ପ୍ରସାର ପାଇଁ ରଣନୀତି ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜନସମ୍ପର୍କ କାର୍ଯ୍ୟକ୍ରମଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ଏବଂ ଅଧିକାରୀମାନଙ୍କୁ ଆଗୁଆ । ଆବଶ୍ୟକୀୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ସରକାରଙ୍କ ଯୋଜନା, ପ୍ରକଳ୍ପ ପ୍ରଦର୍ଶନ କରିବା ସହ ସମଗ୍ର ରାଜ୍ୟରେ ନାଗରିକମାନଙ୍କ ସହ ସମ୍ପର୍କକୁ ଆହୁରି ମଜଭୂତ କରିବ ବୋଲି ଆଶା କରାଯାଉଛି ।

ଟାଉନ୍ ହଲ୍ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ, ବେସରକାରୀ ଜମିରେ ଖୋଳିଲେ ଗାତ

ବୁଗୁଡା,୬।୬:(ମନ୍ଥନ)ବୁଗୁଡ଼ାରେ ପାଞ୍ଚ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଏନ୍ଏସି ଅନ୍ତର୍ଗତ କାଞ୍ଜିଆପଲ୍ଲୀ ପାର୍କ ରାସ୍ତା ଏବଂ ମୋଟାବାଡି ରାସ୍ତା କଡରେ ତହସିଲଦାରଙ୍କ ଦ୍ୱାରା ୩୭୦ ଡେସିମିଲ ସରକାରୀ ଜାଗା ଚିହ୍ନଟ ପରେ ସେହି ସ୍ଥାନର ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ ଗତ ୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ତେବେ ମୃତ୍ତିକା ପରୀକ୍ଷଣ ପାଇଁ ସରକାରୀ ଜାଗାରେ ଗାତ ଖୋଳିବା ପରିବର୍ତ୍ତେ ରଘୁନାଥ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗାରେ ୭ ଫୁଟ ଗଭୀରତା ବିଶିଷ୍ଟ ୩ଟି ଗାତ ଖୋଳା ଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି ।ଏ ନେଇ ସେ ତହସିଲଦାର ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଉକ୍ତ ଗାତ ପୋତିବା ପାଇଁ ଅନୁରୋଧ କରିଥିବା କହିଛନ୍ତି । ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ପଚାରିବାରେ ରଘୁନାଥଙ୍କ ଜାଗାରେ ଭୁଲବଶତଃ ଗୋଟିଏ ଗାତ ଖୋଳି ହୋଇଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି ଜାଗା ଚିହ୍ନଟ କରିଥିବା ରାଜସ୍ୱ ନିରୀକ୍ଷକଙ୍କ ଭୁଲ ଯୋଗୁଁ ଏପରି ହୋଇଛି ନା ଏନ୍ଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏମିତି ତ୍ରୁଟି ଘଟିଛି । ଅନ୍ୟ ପକ୍ଷରେ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମି ବୁଗୁଡ଼ା ସହର ଠାରୁ ବହୁ ଦୂରରେ ହୋଇଥିବାରୁ ସହର ଭିତରେ ଟାଉନ୍ ହଲ୍ ନିର୍ମାଣ ପାଇଁ ସାଧାରଣରେ ଦାବୀ ହେଉଛି ।

ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟାରମ୍ଭ ପାଇଁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଦାବିପତ୍ର

ଜଳେଶ୍ୱର,୬।୬:(ମନ୍ଥନ)ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତାର ରେଳ ଫାଟକ ନଂ-୪୬ ନିକଟରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯଥା ସମ୍ଭବ ଶୀଘ୍ର ଆରମ୍ଭ କରିବା ପାଇଁ ବରିଷ୍ଠ ନାଗରିକ ନାଗରିକ ସୁରକ୍ଷା ମଞ୍ଚର ସଭାପତି ଡକ୍ଟର ରମାକାନ୍ତ ଭଞ୍ଜଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧିଦଳ ତରଫରୁ ଜଳେଶ୍ୱର ରେଳ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କ ଜରିଆରେ ଦକ୍ଷିଣ ପୂର୍ବ ରେଳବାଇର ସାଧାରଣ ପରିଚାଳକ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ ଅଛି । ସୂଚନାଯୋଗ୍ୟ ଯେ, ରେଳ ଓଭରବ୍ରିଜ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଯୁକ୍ତିଯୁକ୍ତ ଦାବିକୁ ଗ୍ରହଣ କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟର ରେଳ ବୋର୍ଡ ଚିଠି ନଂ-୨୦୨୫ ତା୦୭୦୧୨୦୨୬ରିଖ ଓ ଦକ୍ଷିଣପୂର୍ବ ରେଳପଥ ଜେନେରାଲ ମ୍ୟାନେଜର, କୋଲକାତା ଅଫିସର ମୁଖ୍ୟଯନ୍ତ୍ରୀଙ୍କ ତା୨୭୦୩୨୦୨୬ରିଖରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚକୁ ଚିଠି ପ୍ରଦାନ କରିଥିଲେ । ରେଳବାଇ ବିଭାଗର ଉକ୍ତ ଚିଠି ମୁତାବକ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ପ୍ରତିନିଧିଦଳ ଖଡଗପୁର ରେଳ ଡିଭିଜନର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଅନୁସାରେ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟାରମ୍ଭ ହେବାର ଥିଲେହେଁ, ଏଯାବତ ହୋଇ ପାରି ନାହିଁ । ଏହି ରେଳ ଫାଟକ ଦେଇ ଯାତାୟତ କରୁଥିବା ଜଳେଶ୍ୱର ବ୍ଲକର ୧୧ଟି ପଞ୍ଚାୟତ,ଜଳେଶ୍ୱର ମ୍ୟୁନିସିପାଲଟିର ୨ଟି ୱାର୍ଡ ସହ ଜଳେଶ୍ୱରକୁ ଭୋଗରାଇ, ବାଲିଆପାଳ ବ୍ଲକ ସହ ଯୋଡି ଏହି ରାସ୍ତାରେ ଦୈନିକ ଯାତାୟତ କରୁଥିବା ଲକ୍ଷାଧିକ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥିବା ଦୃଷ୍ଟିରୁ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଯଥା ସମ୍ଭବ ଶୀଘ୍ର ଆରମ୍ଭ କରିବା ପାଇଁ ରେଳବାଇ ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧିଦଳରେ ମଞ୍ଚର ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ,ଉପଦେଷ୍ଟା ଶିକ୍ଷାବିତ ଖଗେନ୍ଦ୍ର ନାଥ ସାହୁ, ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ ଶ୍ୟାମାଚରଣ ଦାସ, ବରିଷ୍ଠ ସଦସ୍ୟ ସମାଜସେବୀ ଦିଲ୍ଲୀପ କୁମାର ଗିରି,ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେଲେ ସବ୍ୟସାଚୀ

ଡେଲାଙ୍ଗ,୬।୬:(ମନ୍ଥନ)ପ୍ରକୃତିର ସଂରକ୍ଷଣ ଓ ସୁରକ୍ଷା ଦିଗରେ କାର୍ଯ୍ୟ ନିମନ୍ତେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଅଭୟମୁଖି ଗ୍ରାମପଞ୍ଚାୟତ ର ଇନ୍ଦିପୁର ଗ୍ରାମର ପ୍ରମୋଦ ସେନାପତି ଙ୍କ ସୁପୁତ୍ର ସବ୍ୟସାଚୀ ସେନାପତି ଙ୍କୁ ଚଳିତ ବର୍ଷ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କଲେଜ ପଢ଼ିବା ସମୟରୁ ବୃକ୍ଷରୋପଣ ଠାରୁ ଆରମ୍ଭ କରି ଲୋକମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନତା ବାର୍ତ୍ତା ଦେବା କାର୍ଯ୍ୟ କରି ଆସୁଛନ୍ତି । ନିଜ ଗ୍ରାମ ଆଖପାଖ ଅଂଚଳ ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବୃକ୍ଷରୋପଣ କରିବା ସହ ବିଭିନ୍ନ ଗ୍ରାମ ବୁଲି ଗ୍ରାମବାସୀଙ୍କୁ ଚାରା ବଣ୍ଟନ କରିଥାନ୍ତି ସେ । ଏଥି ନିମନ୍ତେ ବିଶ୍ୱ ପରିବେଶ ଦିବସ ଅବସରରେ ବ୍ଲୁ ଫ୍ଲାଗ ବିଚ୍ ନିକଟରେ ଆୟୋଜିତ ବର୍ଣ୍ଣାଢ଼୍ୟ ସଭାରେ ବନ ଅଧିକାରୀ ଅନାଜି ରାଓସ ମଗର ତାଙ୍କୁ ମାନପତ୍ର ସହ ଉନ୍ନତ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ସମ୍ବିତ ପଣ୍ଡା , ବନ ବିଶେଷଜ୍ଞ ଆକାଶ ରଞ୍ଜନ ରଥ, ପରିବେଶବିତ ଯୁଗବ୍ରତ କର ଆଦି ଉପସ୍ଥିତ ଥିଲେ ।ପ୍ରକୃତି କୁ ଭଲ ପାଉଥିବା ଜଣେ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କ ପାଖକୁ ପ୍ରଶଂସା ର ସୁଅ ଛୁଟିଛି ।

ସୂର୍ଯ୍ୟ ମନ୍ଦିର ବାଲି କଢା ପ୍ରକ୍ରିୟା ଅନୁଧ୍ୟାନ

କୋଣାର୍କ,୬।୬:(ମନ୍ଥନ) ସୂର୍ଯ୍ୟମନ୍ଦିର ଜଗମୋହନ ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା ଅନୁଧ୍ୟାନ କରାଯାଇଛିୟ ଏଏସଆଇ ଡିଜି ଯଦୁବୀର ସିଂ ରାଓ୍ୱତ, ବୈଷୟିକ ଟିମ, ସୂର୍ଯ୍ୟମନ୍ଦିର କୋର କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ମାଡ୍ରାସର ପ୍ରଫେସର ଅନୁଧ୍ୟାନ କରିଛନ୍ତି । ଡ଼ିଜିଙ୍କ ସମେତ ଏହି ଟିମ୍ ସୂର୍ଯ୍ୟମନ୍ଦିରର ପଶ୍ଚିମ ଦିଗରେ ୮୦ ଫୁଟ ଉପରେ ପ୍ରଥମ ପିଢ଼ରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ହୋଇଥିବା ଦୁଇଟି କୋର ଡ୍ରିଲର ସ୍ଥାନକୁ ଦେଖିବା ସହ ଏହାର ସ୍ଥିତି ଯାଞ୍ଚ କରିଥିଲେୟ ସୂର୍ଯ୍ୟମନ୍ଦିର ଗର୍ଭ ଗୃହରୁ ବାଲି କାଢ଼ିବା ସହଜ ନୁହେଁ । ସମୟ ଲାଗିବ , ବୈଷୟିକ ଟିମ ଏଥିପାଇଁ ନିଷ୍ପତ୍ତି ନେବ । ଗର୍ଭଗୃହର ସ୍ଥିତି ଠିକ ଅଛି । ଧୀରେ ଧୀରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଏଏସଆଇ ଡିଜି ଶ୍ରୀରାଓ୍ୱତ କହିଛନ୍ତିୟ ଅନ୍ୟମାନଙ୍କ ମଧ୍ୟରେ କୋର କମିଟି ସଦସ୍ୟ ଇଂଜିନିୟର ଅଶୋକ ବାସା, ପ୍ରତ୍ନତତ୍ୱବିତ୍ତ ଡଃ ଜୀବନ ପଟ୍ଟନାୟକ,ଡଃ ସୁନୀଲ ପଟ୍ଟନାୟକ , ଡ଼ଃ ଏନ ସି ପାଲ ,ଏ ଏସ ଆଇ ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ମିଲନ ଚାଓ୍ୱେଲ,ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ଇଂଜିନିୟର ଲୋକନାଥ ମହାରଣା ,ଆଇଆଇଟି ମାଡ୍ରାସର ପ୍ରଫେସର ଅରୁଣ ମେନନ ,ଏଏସଆଇ କେମେଷ୍ଟି ସୁପରିଣ୍ଟେଣ୍ଡେଣ୍ଟ ଏସ ଏସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।ଗତ ୨୦୨୨ ସେପ୍ଟେମ୍ବର ମାସ ୮ତାରିଖରେ ଏଏସଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରି ଶୁଭ ଦେଇଥିଲେ । ବାଲି କଢ଼ା ନେଇ ୩ବର୍ଷ ଧାର୍ଯ୍ୟ ସମୟସୀମା ଶେଷ ହୋଇଛି ।



ରକ୍ତଦାନ, ମହାନ୍ ଦାନର ବାର୍ତ୍ତା ଦେଇ ରକ୍ତଦାନ ପାଇଁ ଆହ୍ୱାନ ଦେଲେ ସନ୍ତୋଷ ଆନ୍ନା

ବ୍ରହ୍ମପୁର,୬।୬:(ମନ୍ଥନ)ସ୍ଥାନୀୟ ଅଶୋକ ନଗର ଷଷ୍ଠ ଗଳି ସ୍ଥିତ ଶିଶୁ ପଢ଼ିଆ । ଠାରେ ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟା ସମୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଯୁବ ନେତା ଏ. ସନ୍ତୋଷ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ହେଉଥିବା ଏହି ରକ୍ତଦାନ ଶିବିର ଆଜିଠାରୁ ଆରମ୍ଭ ହୋଇ ଦୀର୍ଘ ୫ ଦିନ ଧରି ପ୍ରତ୍ୟେକ ଦିନର ସନ୍ଧ୍ୟା ସମୟରେ ଚାଲି ରହିବାକୁ ଥିବା ବେଳେ, ଏମକେସିଜି ମେଡିକାଲର ବ୍ଲଡ଼ ବ୍ୟାଙ୍କ ସହଯୋଗରେ ଭ୍ରାମ୍ୟମାଣ ରକ୍ତ ସଂଗୃହିତ ଯାନ ଦ୍ୱାରା ଏହି ରକ୍ତ ସଂଗୃହିତ କାର୍ଯ୍ୟ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ଏହି ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ବ୍ଲଡ ବ୍ୟାଙ୍କରେ ବ୍ଲଡ ସ୍ତର କମ୍ ରହିଛି ଏବଂ ଅସହାୟ ନିରୀହ ରୋଗୀ ଏବଂ ଥାଲାସେମିଆ । ରୋଗରେ ପୀଡିତ ମାନେ ଠିକ୍ ସମୟରେ ବ୍ଲଡ ପାଇ ପାରୁ ନଥିବା ଦେଖି ଆମ୍ଭ ଅଶୋକ ନଗର ଯୁବ ଗୋଷ୍ଠି ବା ସନ୍ତୁ ଆନ୍ନା ସୋଶିଆଲ ୱାର୍କର୍ସ ଗ୍ରୁପ୍ ତରଫରୁ ଅଶୋକ ନଗରରେ ମୋବାଇଲ୍ ଭ୍ୟାନ୍ ଦ୍ୱାରା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଦୈନିକ ଅପରାହ୍ନ ୩ ଟା ଠାରୁ ସନ୍ଧ୍ୟା ୬ଟା ଯାଏଁ ଏହି ବ୍ଲଡ କ୍ୟାମ୍ପ ଜାରି ରହିବ । ଏଣୁ ଯେଉଁ ଭାଇ ଓ ଭଉଣୀ ମାନେ ରକ୍ତଦାନ କରି ଆଉ ଜଣଙ୍କ ମୁହଁରେ ହସ ଫୁଟେଇବା ପାଇଁ ଚାହୁଁଛନ୍ତି ଆମକୁ ଯୋଗାଯୋଗ କରି ରକ୍ତଦାନ କରି ପାରିବେ ବୋଲି ଯୁବ ନେତା ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି । ଏହି ମହତ୍ୱ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରି ସଫଳ କରିବା ପାଇଁ ସହଯୋଗ କରନ୍ତୁ ବୋଲି ସହଯୋଗୀ ସଦସ୍ୟ ବିକ୍ରମ ଜେନା ନିବେଦନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି ଶିବିରରେ ଶିବ ଶଙ୍କର ପାଢ଼ୀ, ଅମୃତ ରାଜ୍, କିରଣ ସାହୁ, ପି ସତ୍ୟ ନାରାୟଣ, ବିକାଶ, ସ୍ୱାଧୀନ ରାଜ୍, ଆଦିତ୍ୟ ପଟ୍ଟନାୟକ, ସୁରଜ୍ ମହାରଣା, ସୁଦର୍ଶନ ନାୟକ, ମଧୁସୂଦନ ଆଚାରୀ, ଶିବରାମ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ, ସେହିପରି ବ୍ଲଡ ବ୍ୟାଙ୍କ୍ ପକ୍ଷରୁ ଡ଼ା. ଅଭିନାସ ରଥ ଟିମ୍ ରେ ରାମହରି ପଣ୍ଡା, ପ୍ରଦୀପ ସୁବୁଦ୍ଧି, ସୁଶାନ୍ତ ପାଣିଗ୍ରାହୀ, ଅନୁରାଧା ମାଝି, ଗୋପାଳ କୃଷ୍ଣ ବରାଳ ପ୍ରମୁଖ ରକ୍ତ ସଂଗୃହିତ କାର୍ଯ୍ୟରେ ନିୟୋଜିତ ଥିଲେ ।ଏନେଇ ରକ୍ତଦାତା ମାନେ ମଧ୍ୟ ଯୁବ ନେତା ଶ୍ରୀ ପାତ୍ରଙ୍କ ଆହ୍ୱାନ କ୍ରମେ ରକ୍ତଦାନ କରି ଖୁସିବ୍ୟକ୍ତ କରିଛନ୍ତି । ତେବେ ଦୈନିକ ୩୦ଟି ରକ୍ତ ସଂଗୃହିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି ।

ବିପୁଳ ପରିମାଣରେ ମଦ ଜବତ :୪ ଜଣ ଅଭିଯୁକ୍ତ ଗିରଫ

ଜଳେଶ୍ୱର,୬।୬:(ମନ୍ଥନ)ଜଳେଶ୍ୱର ଅଞ୍ଚଳରେ ମଦର ବନ୍ୟା,ଦୁଇ ଦିନରେ ୪୦ ଲକ୍ଷରୁ ଅଧିକ ଟଙ୍କାର ଦେଶୀ ଏବଂ ବିଦେଶୀ ମଦ ଜବତ ବାଲେଶ୍ୱର ପୋଲିସ ଏବଂ ଅବକାରୀ ବିଭାଗ କରିଛନ୍ତି । ଗତ ଗୁରୁବାର ରାତିରେ ଜଳେଶ୍ୱର ପୋଲିସ ସହାୟତାରେ ଜଳେଶ୍ୱର ଝାଡେଶ୍ୱରପୁର ଅଞ୍ଚଳରୁ ଏକ ପିକ ଅପ୍ ଭର୍ତ୍ତି ବିଦେଶୀ ମଦ ଜବତ କରିବା ସହିତ ରାଜପୁର ବସ୍ତିର ଏକ ଦେଶୀ ମଦ ଗୋଦାମରୁ ୪ ହଜାର ୫ ଶହ ଲିଟର ଦେଶୀ ମଦ ଜବତ କରିଥିଲେ । ପରବର୍ତ୍ତୀ ରାତି ଅର୍ଥାତ ଶୁକ୍ରବାର ରାତିରେ ଜିଲ୍ଲା ଅବକାରୀ ବିଭାଗ ଭୋଗରାଇ, ରାଜଘାଟ ଏବଂ ଡିଙ୍ଗାଶୋଳ ଅଞ୍ଚଳରୁ ୧୦ ହଜାର ଲିଟର ଦେଶୀ ମଦ ସହିତ ୧୫ ଲକ୍ଷରୁ ଅଧିକ ଟଙ୍କାର ନକଲି ବିଦେଶୀ ମଦ ଏବଂ ମଦ ତିଆରି ସାମଗ୍ରୀ ଜବତ କରିଛନ୍ତି । ଏହା ସହିତ ଗୋଟିଏ କାର ଗୋଟିଏ ବାଇକ୍ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛନ୍ତିୟତେବେ ନକଲି ବିଦେଶୀ ମଦ ତିଆରିର କିଙ୍ଗପିନ୍ ଭୋଗରାଇ ଅଞ୍ଚଳର ସଞ୍ଜୟ ଦାସ ଓରଫ୍ ମଣ୍ଟୁକୁ ଅବକାରୀ ବିଭାଗ ଗିରଫ କରିଛି । ଏହି ଚଢ଼ାଉ ରେ ଅବକାରୀ ବିଭାଗର ୩୦ ଜଣିଆ । ଟିମ୍ ସାମିଲ ଥିଲେ ।

ଚୋରି ସୁନାକୁ ପ୍ରକୃତ ମାଲିକଙ୍କୁ ଫେରାଇଲା ବ୍ରହ୍ମପୁର ପୁଲିସ

କୁକୁଡାଖଣ୍ଡି ,୬।୬:(ମନ୍ଥନ)୨୦୨୪ରୁ ୨୬ ମଧ୍ୟରେ ଗୋପାଳପୁର ଏବଂ ନିମଖଣ୍ଡି ଥାନା ଇଲାକାରେ ହୋଇଥିବା ସିରିଜ ସୁନା ଗହଣା ଛିନତାଇ ଏବଂ ଡ଼କାୟତି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପ୍ରକୃତ ମାଲିକଙ୍କୁ ସେମାନଙ୍କର ସୁନା ଗହଣା ବ୍ରହ୍ମପୁର ଏସ୍ ପି ଡ଼ାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି । ଗୋଳନ୍ଥରା ଥାନା ପୁଲିସ ପକ୍ଷରୁ ସୁନିଲ ନାହାକ ଓରଫମାଲ ଗୋଳନ୍ଥରା ଥାନା ପୁଲିସ ଏନ୍କାଉଂଟରରେ ଆହତ ହୋଇଥିଲା । ତେବେ ସେ ଓ ତାର ସହଯୋଗୀ ବାବୁ ମାଝୀ ବହୁ ଅପରାଧିକ ମାମଲାରେ ଜଡ଼ିତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା । ନିମଖଣ୍ଡି ଥାନା ପୁଲିସ ବାବୁ ମାଝୀ ଓ ତାର ସହଯୋଗୀକୁ ରିମାଣ୍ଡରେ ନେଇ ପଚରା ଉଚରା କରିବା ବେଳେ ସେ ବହୁ ଛିନତାଇ ଏବଂ ଡ଼କାୟତି ଯୋଜନାରେ ଜଡ଼ିତ ଥିବା କହିଥିଲା । ଏସଂକ୍ରାନ୍ତରେ ପୁଲିସ ପ୍ରଭାକର ମୁଦୁଲି, ମଧୁସୂଦନ ବେହେରା ଓରଫ ମଧୁ ଏବଂ ବିଶ୍ୱନାଥ ନାୟକକୁ ଗିରଫ କରିଥିଲା । ପୁଲିସ ବିଶ୍ୱନାଥଠାରୁ ଚୋରି ହୋଇଥିବା ୭ଟି ସୁନା ଚେନ ସହ ୨ଟି ମୋଟର ସାଇକେଲ,୩ଟି ମୋବାଇଲ ଏବଂ ୨ଟି ହେଲମେଟ୍ ଜବତ କରିଥିଲା । ଆଜି ବ୍ରହ୍ମପୁର ଏସପି ଙ୍କ ନେତୃତ୍ୱରେ ଉଦ୍ଧାର ହୋଇଥିବା ସମସ୍ତ ସୁନା ଗହଣାକୁ ତାର ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଥିଲା । ଏଅବସରରେ ବ୍ରହ୍ମପୁର ଏସ୍ ପି ଡ଼ାକ୍ତର ସର୍ବଣା ବିବେକ ଏମ୍, ଅତିରିକ୍ତ ଏସ୍ପିଆଲୋକ ଜେନା, ସଦର ଏସ୍ଡିପିଓ ଶୁଭ୍ରାଂଶୁ ପରିଡ଼ା, ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା,ଗୋପାଳପୁର ଥାନା ଅଧିକାରୀ ସତ୍ୟନାରାୟଣ ଲେଙ୍କା, ଏସଆଇ ଅଭିଷେକ ପାଣ୍ଡ, ଶକ୍ତିମୟୀ ବେହେରାଙ୍କ ସମେତ ବହୁ ଥାନା କର୍ମଚାରୀ ଉପସ୍ଥିତ ଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନିମଖଣ୍ଡି ଓ ଗୋପାଳପୁର ଥାନାରେ ମାମଲା ବହୁ ମାମଲା ରହିଥିବା ଏସପି କହିଛନ୍ତି ।



ପ୍ରାକ୍ତନ ୱାର୍ଡସଭ୍ୟଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୬।୬:(ମନ୍ଥନ)କୁହୁଣ୍ଡା ଗ୍ରାମ ପଞ୍ଚାୟତର ପୂର୍ବତନ ୱାର୍ଡ ସଭ୍ୟ, ସଫଳ ବ୍ୟବସାୟୀ, ଧର୍ମପ୍ରାଣ ପୁରୁଷ ରାମଚନ୍ଦ୍ର ସାହୁଙ୍କ ଦ୍ୱାଦଶାହ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସାମାଜିକକର୍ମୀ ତଥା ସମବାୟ ସମିତି ସଭାପତି ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୋଠପଦା ହେମଲତା ମଣ୍ଡପରେ ଆୟୋଜିତ ଏହି ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ପ୍ରଶାନ୍ତ କୁମାର କର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ସାହୁ,ପୂର୍ବତନ ପ୍ରଧାନଶିକ୍ଷକ ଡକ୍ଟର ଭାବଗ୍ରାହୀ ରାଉତ, କବି କୁଳମଣି ସାହୁ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତାଭାବେ ସମାଜସେବୀ ରାମଚନ୍ଦ୍ର ମହାପାତ୍ର,ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ,ଅର୍ଜ୍ଜୁନି ବେହାରୀ, ଶିକ୍ଷକ ହୃଷିକେଶ ବେହେରା,ସଂଗଠକ କିଶୋର ରାଉତ,ଅସିତ ସାମଲ, ସୁରେଶ ବଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ମାନବବାଦୀ ଚିନ୍ତାଧାରା ଓ ପରୋପକାରୀ ସଭା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ମତ ପୋଷଣ, ଅମୃତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ । ଏହି ସ୍ମୃତି ଉତ୍ସବକୁ ଗଣେଶ ବିହାରୀ, ରଞ୍ଜନ କୁମାର ସାହୁ,ଜଗନ୍ନାଥ ନାୟକ,ପ୍ରିୟରଞ୍ଜନ ଦାସ, ରଂଜିତ ଦାସ,ଯୋଗେନ୍ଦ୍ର ସାହୁ, ପ୍ରମୁଖ ପରିଚାଳନା କରିଥିଲେ ।

ଆଞ୍ଚଳିକ ମନ୍ଥନ

ରବିବାର,୭,ଜୁନ,୨୦୨୬ Sunday,7 June 2026, Bhubaneswar

ଶିକ୍ଷା,ଶୃଙ୍ଖଳା ଓ ମାନବିକତା ର ପ୍ରତୀକ ନରେନ୍ଦ୍ର ମିଶ୍ରଙ୍କୁ ଭାବବିହ୍ୱଳ ବିଦାୟ

ବଲାଙ୍ଗୀର,୬।୬:(ମନ୍ଥନ)ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଙ୍କ ଅବସରରେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମ୍ବର୍ଦ୍ଧନା ଓ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା।ଦୀର୍ଘ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠା,ଦାୟିତ୍ୱବୋଧ ଓ ଉତ୍ସର୍ଗୀକୃତ ସେବା ପାଇଁ ଶ୍ରୀ ମିଶ୍ର ଶିକ୍ଷକ,ସମାଜ,ଅଭିଭାବକ ଓ ସାଧାରଣ ଜନତା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ଅବସର ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭା ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।ଶ୍ରୀ ମିଶ୍ର ନିଜର ଶିକ୍ଷକତା ଜୀବନର ଆରମ୍ଭ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଶିବୁତୁଳା ଉଚ୍ଚ ବିଦ୍ୟାଳୟ ରୁ କରିଥିଲେ । ଜଣେ ସାଧାରଣ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ସେ ନିଜର ପରିଶ୍ରମ,ଅଧ୍ୟବସାୟ ଓ କର୍ତ୍ତବ୍ୟନିଷ୍ଠା ବଳରେ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ସେ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ରାକ୍ସିମୁଣ୍ଡା ହାଇସ୍କୁଲ ରେ ସେବା ପ୍ରଦାନ କରିଥିଲେ।ଏହାପରେ ସେ ବଲାଙ୍ଗୀର ସରକାରୀ ଟାଉନ ବାଳିକା ହାଇସ୍କୁଲ କୁ ବଦଳି ହୋଇଆସିଥିଲେ। କିଛି ବର୍ଷ ପରେ ରାମଗୋପାଳ ହିନ୍ଦୀ ହାଇସ୍କୁଲ ରେ ଦାୟିତ୍ୱ ନିର୍ବାହ କରି ପଦୋନ୍ନତି ପାଇ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ କୁ ଫେରିଆସିଥିଲେ । ଏହି ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ଅବଶେଷରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ

ଶିକ୍ଷକତା କେବଳ ଏକ ଚାକିରୀ ନୁହେଁ,ଏହା ଏକ ପବିତ୍ର ସେବା । ନରେନ୍ଦ୍ର ମିଶ୍ର ନିଜ ଦୀର୍ଘ କର୍ମଜୀବନରେ ଏହି ସେବା ଧର୍ମକୁ ସଫଳତାର ସହ ନିର୍ବାହ କରିଛନ୍ତି।ଶ୍ରୀ ମିଶ୍ରଙ୍କ ଭଳି ଶିକ୍ଷକଙ୍କ କାର୍ଯ୍ୟ ଧାରା ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇରହିବ ବୋଲି ସେ କହିଥିଲେ ।ଏଡିଇଓ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ଜଣେ ଶିକ୍ଷକ ଙ୍କ ସଫଳତା ତାଙ୍କ ଛାତ୍ରଛାତ୍ରୀଙ୍କ ସଫଳତାରେ ପ୍ରତିଫଳିତ ହୁଏ ବୋଲି କହିବା ସହ ନରେନ୍ଦ୍ର ମିଶ୍ର ଙ୍କ ନେତୃତ୍ୱରେ ଅନେକ ଛାତ୍ରଛାତ୍ରୀ ଜୀବନରେ ସଫଳତା ହାସଲ କରିଛନ୍ତି ।ଶ୍ରୀ ମିଶ୍ରଙ୍କ କର୍ମନିଷ୍ଠା ଓ ସମର୍ପଣ ଭାବ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ ।ଏଡିଇଓ ରୀନା କୁମାରୀ ବେହେରା ଶ୍ରୀ ମିଶ୍ର ଛାତ୍ରୀମାନଙ୍କ ଚରିତ୍ର ଗଠନ, ନୈତିକ ମୂଲ୍ୟବୋଧ ର ବିକାଶ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।ତାଙ୍କର ସରଳ ଓ ମିଷ୍ଟ ଭାଷୀ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକର୍ଷିତ କରୁଥିଲା ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ।ଏଡିଇଓ ସେବାଶ୍ରୀ ଭୋଇ ନିଜ ବକ୍ତବ୍ୟରେ ଅବସର ଜୀବନର ପର୍ଯ୍ୟାୟର ସମାପ୍ତି ହୋଇପାରେ,କିନ୍ତୁ ଜଣେ ଉତ୍ତମ ଶିକ୍ଷକ ଙ୍କ ପ୍ରଭାବ କେବେ ଶେଷ ହୁଏନାହିଁ।ଶ୍ରୀ ମିଶ୍ର ଙ୍କ ଶିକ୍ଷାଦାନ,ପରାମର୍ଶ ଓ ମୂଲ୍ୟବୋଧ ଆଗାମୀ ଦିନରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରିବ ବୋଲି କହିଥିଲେ । ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ନିଜ ବକ୍ତବ୍ୟରେ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ସର୍ବୋଚ୍ଚ । ନରେନ୍ଦ୍ର ମିଶ୍ର ଙ୍କୁ ଜଣେ ଆଦର୍ଶ ଶିକ୍ଷକ ବୋଲି କହିବା ସହ ମହିଳା ଶିକ୍ଷା ର ବିକାଶରେ ତାଙ୍କର ଅବଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ପୂର୍ବତନ ସାଂସଦ ନିରଞ୍ଜନ ବିଶି ନିଜ ବକ୍ତବ୍ୟରେ କହିଥିଲେ ଏକ ଅଞ୍ଚଳର ଉନ୍ନତିର ମୂଳ ଆଧାର ହେଉଛି ଶିକ୍ଷା। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନରେନ୍ଦ୍ର ମିଶ୍ର ଯେଉଁ ପରିଶ୍ରମ କରିଛନ୍ତି,ତାହା ପ୍ରଶଂସନୀୟ।ତାଙ୍କ ଭଳି ଶିକ୍ଷକ ମାନେ ହିଁ ସମାଜର ପ୍ରକୃତ ନିର୍ମାତା।ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ନିଜ ବକ୍ତବ୍ୟରେ କହିଥିଲେ ଶୃଙ୍ଖଳା, ନୈତିକତା ଓ ଦାୟିତ୍ୱବୋଧ ହେଉଛି ଜୀବନର ସଫଳତାର ମୂଳମନ୍ତ୍ର।ଏହି ଗୁଣଗୁଡ଼ିକୁ ନରେନ୍ଦ୍ର ମିଶ୍ର ନିଜ ଛାତ୍ରଛାତ୍ରୀମାନଙ୍କ ମନରେ ସଞ୍ଚାର କରିବାକୁ ସଦା ପ୍ରୟାସ କରିଛନ୍ତି । ଏହା ତାଙ୍କର ସବୁଠାରୁ ବଡ ସଫଳତା ବୋଲି ସେ କହିଥିଲେ । ନାଗରିକ କମିଟି ସଭାପତି ଡ଼.ଶ୍ରୀକର ମିଶ୍ର ତାଙ୍କ ବକ୍ତବ୍ୟରେ ନରେନ୍ଦ୍ର ମିଶ୍ରଙ୍କୁ ଶିକ୍ଷା ଜଗତର ଜଣେ ଯୁଗଜନ୍ମା ପୁରୁଷ ବୋଲି କହିବା ସହ ଶିକ୍ଷା,ଶୃଙ୍ଖଳା, ମୂଲ୍ୟବୋଧ ଓ ମାନବିକତାର ଯେଉଁ ଆଦର୍ଶ ସ୍ଥାପନ କରିଛନ୍ତି,ତାହା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଜଣେ ଶିକ୍ଷକ ଭାବେ ସେ କେବଳ ପାଠ ପଢାଇ ନାହାନ୍ତି, ବରଂ ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଜୀବନ ଗଢିବାରେ ମାର୍ଗଦର୍ଶକ ହୋଇଛନ୍ତି । ତାଙ୍କର ସରଳତା,କର୍ମନିଷ୍ଠା ଓ ନେତୃତ୍ୱ ଗୁଣ ତାଙ୍କୁ ସମସ୍ତଙ୍କ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।ଅବସର ଗ୍ରହଣ ପରେ ମଧ୍ୟ ତାଙ୍କର ଆଦର୍ଶ, ଚିନ୍ତାଧାରା ଓ କର୍ମର ସୁଗନ୍ଧ ଶିକ୍ଷା କ୍ଷେତ୍ରରେ ଚିରସ୍ମରଣୀୟ ହୋଇରହିବ ବୋଲି ଡ଼.ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ,ପୁରାତନ ଛାତ୍ରୀ, ଅଭିଭାବକ,ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ର ପ୍ରତିନିଧି ମାନେ ନରେନ୍ଦ୍ର ମିଶ୍ରଙ୍କ ସହ କାର୍ଯ୍ୟ ଅଭିଜ୍ଞତା ବାଣ୍ଟିଥିଲେ ।

ଖୋର୍ଦ୍ଧାରେ ବିଜେଡି ଶୋଭାଯାତ୍ରା ଓ ପ୍ରତିବାଦ ସଭା

ଖୋର୍ଦ୍ଧା,୬।୬:(ମନ୍ଥନ)ରାଜ୍ୟ ରେ ବିଜେପି ର ଡବଲ ଇଞ୍ଜିନ ସରକାର ଦୁଇ ବର୍ଷ ପାଳନ କରୁଛି।ଯ ଅନ୍ୟ ପକ୍ଷ ରେ ସାରାରାଜ୍ୟ ରେ ମୁଖ୍ୟ ବିରୋଧୀ ଦଳ ବିଜେଡି ନାରୀ ମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର, ଦରଦାମ୍ ବୃଦ୍ଧି ବିରୁଦ୍ଧରେ ସମାବେଶ, ଶୋଭାଯାତ୍ରା ଆୟୋଜନ କରୁଛି । ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧାରେ ବିଜେଡିର ବିଶାଳ ମହିଳା ସମାବେଶ ଆୟୋଜିତ ହୋଇଛି । ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱ ରେ ହଜାର ହଜାର ମହିଳା ଓ ରାଜ୍ୟର ବରିଷ୍ଠ ନେତୃ ମଣ୍ଡଳୀ ଏକାଠି ହୋଇଛନ୍ତି । ଖୋର୍ଦ୍ଧା ପୌର ପରିଷଦ, ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକ ଜ଼ିଲ୍ଲା ର ବେଗୁନିଆ, ବୋଲଗଡ, ଚିଲିକା, ଜଟଣୀ, ର ବିଭିନ୍ନ ଅଞ୍ଚଳ ରୁ ବିଜେଡି ନେତା, କର୍ମୀ ସମସ୍ତେ ଗୀତା ଭବନ ପଡ଼ିଆ ରେ ଏକାଠି ହୋଇଥିଲେ ।ସେଠାରୁ ଏକ ବିରାଟ ଶୋଭାଯାତ୍ରା ରେ ରାଜ୍ୟ ସଭା ସାଂସଦ ସୁଲତା ଦେଓ,ବେଗୁନିଆ। ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ,ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ କୁମାର ରାଉତରାୟ,ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ। , ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ କୁମାର ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପିଶିତା ସାହୁ, , ବିଜେଡି ମହିଳା ଉପ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ,ବେଗୁନିଆ। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ଅଧକ୍ଷ ଉଲ୍ଲାସ ପ୍ରଧାନ, ଟାଙ୍ଗୀ ବ୍ଲକ ଅଧକ୍ଷ ସୁଶ୍ରୀ ରିସନା ମାନ୍ଧାତା, ମିଟୁ ସାହୁ,ଶୁଭାକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ଅମିତ କୁମାର ଦାସ, ବିରଞ୍ଚି ନାରାୟଣ ଜେନା, ଅମୀୟ ମହାନ୍ତି, ନାଗଭୂଷଣ ଜେନା, ଅନିଲ ଅଗ୍ରୱାଲ, ପ୍ରବୀଣା ଜଗଦେବରାୟ, ଅଜିତ କୁମାର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ । ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ସହ ଅନ୍ୟ ନିର୍ବାଚନ ମଣ୍ଡଳୀ ରୁ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା, କର୍ମୀ, ଜନ ସାଧାରଣ ଏକାଠି ହୋଇ ନବୀନ ପଟ୍ଟନାୟକ ତୁମେ ଫେରିଆସ, ମୋହନ ମାଝୀ ଙ୍କ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ । ଏହି ଅବସରରେ ରାଜ୍ୟ ଓ ଜ଼ିଲ୍ଲା ନେତୃ ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ବିଜେଡି ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶ ରେ ସମସ୍ତ ନେତୃତ୍ୱ ରାଜ୍ୟ ସରକାରଙ୍କ ବିରୁଦ୍ଧ ରେ ବିକ୍ଷୋଭ ପଦର୍ଶନ କରିଥିଲେ । ରାଜ୍ୟରେ ନାରୀ ଅସୁରକ୍ଷିତ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଦରଦାମ ରେ ଅଣନିୟନ୍ତ୍ରିତ, ବୃଦ୍ଧ , ବୃଦ୍ଧା, ଭିନ୍ନକ୍ଷମ, ଙ୍କୁ ଭତ୍ତା ପ୍ରଦାନ ନ କରିବା , ଆଞ୍ଚଳିକ ସମସ୍ୟା କ୍ଷେତ୍ରରେ ସରକାର ଙ୍କ ବିଫଳତା, ବିଦ୍ୟୁତ ଦର ବୃଦ୍ଧି, ବିଭ୍ରାଟ, କ୍ୟାବିନ ବ୍ୟବସାୟୀ ଙ୍କୁ ଥଇଥାନ ଏସବୁକୁ ମୁଦ୍ଦା କରି ଆଜି ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସର ରେ କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ବିଜେଡି ର ସଭାପତି ରୂପେ ନିଯୁକ୍ତି ପାଇଥିବା ରାଜେନ୍ଦ୍ର କୁମାର୍ ସାହୁ ମଧ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ।ଯ ପ୍ରଚଣ୍ଡ ରୌଦ୍ରତାପ କୁ ଭ୍ରୁକ୍ଷେପ ନ କରି ମହିଳା ଓ କର୍ମୀ ମାନେ ପ୍ରାୟ ୨କିମି ଚାଲି ଚାଲି ବିଜେପି ସରକାର ବିରୁଦ୍ଧରେ ସ୍ଲୋଗାନ ଦେବା ସହ ନବୀନ ପଟ୍ଟନାୟକ ଫେରିଆସ ସ୍ଲୋଗାନ ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ । ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ ।ଏହି ଅବସରରେ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ଜ଼ିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି ।

ଛାତ୍ର ଛାତ୍ରୀଙ୍କୁ ନେଇ ଅଭିନୟ ଢଙ୍ଗ ରେ ବିଶ୍ୱ ପରିବେଶ ଦିବସ

ବଲାଙ୍ଗିର,୬।୬:(ମନ୍ଥନ)ଗାନ୍ଧୀ ଭବନ ଠାରେ ବଲାଙ୍ଗିର ର ଯୁବ ପିଢିମାନଙ୍କୁ ନେଇ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ବିଶ୍ୱ ପରିବେଶ ଦିବସ ଅଭିନୟ ଢଙ୍ଗରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ସଭାକୁ ଉଦଘାଟିତ କରିଥିଲେ । ବିଭିନ୍ନ ଜଳାଶୟ, ପଲିଥିନ ମୁକ୍ତ ସହର, ବୃକ୍ଷରୋପଣ, ସହରର ସୌନ୍ଦର୍ଯ୍ୟକରଣ ଆଗାମୀ ଦିନରେ ଏକ ସ୍ୱଚ୍ଛ ବଲାଙ୍ଗିର ଭାବେ ନିର୍ମାଣ ପାଇଁ ଛାତ୍ର ଛାତ୍ରୀଙ୍କ ଗହଣରେ ପ୍ରତିଶୃତି ଦେଇଥିଲେ । ସଭାକୁ ପରିଚାଳନା କରିଥିଲେ ଅର୍ଜୁନ କୁମାର ସାହୁ । ବିଭିନ୍ନ ପରିବେଶ ଉପରେ କବିତା ଓ ଗୀତ ଗାଇ ଛାତ୍ର ଛାତ୍ରୀଙ୍କୁ ମନ ମୋହିଥିଲେ । ସଭାକୁ ସଭାପତିତ୍ୱ କରିଥିଲେ ପ୍ରଶାନ୍ତ ମହାକୁର ଏହା ଉଦ୍ଦେଶ୍ୟରେ ଜଙ୍ଗଲ ଧ୍ୱଂସ ହେବା, ଜଙ୍ଗଲରେ ନିଆଁ ଲାଗିବା, ରାସ୍ତା କଡରେ ବେଧଡକ ଗଛ କାଟିବା, ବଲାଙ୍ଗିର ସହର ସର୍ବ ଉତ୍ତପ୍ତ ସହର ହୋଇଥିବାରୁ ଆଗାମୀ ଦିନରେ ମରୁଭୂମି ନ ପାଲଟିଯାଉ ତାହା ଛାତ୍ର ଛାତ୍ରୀଙ୍କୁ ସଚେତନତା



କରିଥିଲେ । ଏହି ଅବସରରେ ଜିବଜନ୍ତୁ, ପଶୁପକ୍ଷୀ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ । ଏହି ଉଦ୍ଦେଶ୍ୟରେ ବିଭିନ୍ନ ଜିବଜନ୍ତୁର ମୁଖାକୁ ନେଇ ସଚେତନତା କରାଯାଇଥିଲା । ଆଗାମୀ ଦିନରେ ପରିବେଶ ଯଦି ସୁରକ୍ଷିତ ନ ରହିବ ଏମିତି ମୁଖାପରି ପଶୁପକ୍ଷୀ ଧ୍ୱଂସ ହୋଇଯିବେ । ଏଥିରେ ରତନ କୁମାର ମହାରଣା, ଜୟକୃଷ୍ଣ ମିଶ୍ର, ରିଣ୍ଟୁ ସାହୁ, ଆନନ୍ଦ ମିଶ୍ର, ସଂଜୟ ସାମଲ, ଶମ୍ଭୁ ଶତପଥି ସମେତ ଗାନ୍ଧୀଭବନର ଛାତ୍ର ଛାତ୍ରୀମାନେ ଏକ ସଂକଳ୍ପ ନେଇ ପରିବେଶ କୁ ସୁରକ୍ଷା ଦେବା ଓ ପଲିଥିନମୁକ୍ତ ସହର କରିବା ପାଇଁ ସଂକଳ୍ପ ନେଇଥିଲେ। ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍ ସୁଗୋ ଶାଖା ତରଫରୁ ହାଟଛକ ନିକଟରେ ପଥପ୍ରାନ୍ତ ସଭା

ଜଳେଶ୍ୱର,୬।୬:(ମନ୍ଥନ)କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍ ସୁଗୋ ଶାଖା ତରଫରୁ ଏକ ପ୍ରଥପ୍ରାନ୍ତ ସଭା ଆଜି ଅପରାହ୍ନରେ ନାମ୍ପୋ ଫାଣ୍ଡି ଅନ୍ତର୍ଗତ ସୁଗୋ ହାଟ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ଦେବା, ଜବ୍ କାର୍ଡ଼ରେ ବର୍ଷକୁ ୨୦୦ଦିନ କାମ ଦେବା ସହ ଦୈନିକ ମଜୁରୀ ୬୦୦ ଟଙ୍କା କରିବା , ଅତ୍ୟାବଶ୍ୟକତା ଥିବା



ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଆବାସ ଗୃହ ମଞ୍ଜୁର କରିବା, ବାଲି, ସିମେଣ୍ଟ,ଇଟା, ରଡ଼ ମୂଲ୍ୟବୃଦ୍ଧିକୁ ନେଇ ଆବାସ ଘର ପାଇଁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସମସ୍ତ ଚାଷୀଙ୍କଠାରୁ ଶତ ପ୍ରତିଶତ ଧାନ ସରକାରୀ ମୂଲ୍ୟ ୩୧ ଶହ ଟଙ୍କାରେ କ୍ରୟ କରିବା, ଭାଗଚାଷୀଙ୍କ ଠାରୁ ଅତିକମରେ ସରକାରୀ ମୂଲ୍ୟରେ ୧୦ କ୍ୱିଣ୍ଟାଲ ଧାନକ୍ରୟ କରିବା, ୨ମାସର ବକେୟା ଭତ୍ତାକୁ ତୁରନ୍ତ ପ୍ରଦାନ କରିବା, ଭତ୍ତା ପାଇଁ ଆବେଦନ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିବା ସହ ସମସ୍ତଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବା, ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା, ପ୍ରତିଶୃତି ଅନୁସାରେ ୩୦୦ ୟୁନିଟ୍ ବିଜୁଳି ଛାଡ଼ କରିବା ଆଦି ପ୍ରସଙ୍ଗ ନେଇ ଆସନ୍ତା ୯ ତାରିଖ ମଙ୍ଗଳବାର ଦିବା ୯ ଘଟିକା ସମୟରେ ସୁଗୋ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ସଂଗଠିତ ହେବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ସେହିଦିନ ସରପଞ୍ଚ ସୁଗୋଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯିବ। ଉକ୍ତପଥପ୍ରାନ୍ତ ସଭାରେ ଶାଖା ସଂପାଦକ ପଲଟୁ ଦାସଙ୍କ ସଭାପତିତ୍ୱରେ ଜିଲ୍ଲା କୃଷକ ସଭାର ସଂପାଦକ ଦିଲ୍ଲିପ କୁମାର ଗିରି, କ୍ଷେତମଜଦୁର ୟୁନିଅନ୍ର ଜିଲ୍ଲା ସଂପାଦକ ଦିପ୍ତିମାନ ଆଚାର୍ଯ୍ୟ, ଗଣେଶ ଜେନା, ପୂର୍ଣ୍ଣ ଚନ୍ଦ୍ର ଦାସ, ଆଦିବାସୀ ଅଧିକାର ମଞ୍ଚର ନେତା ମଦନ ମାହାଲି , ରୁହ୍ୟା ଟୁଡୁ, କ୍ଷେତମଜଦୁର ୟୁନିଅନର ବ୍ଲକ୍ ସଭ୍ୟ ଶଙ୍କର ମୁର୍ମୁ, କୁନାଟୁଡୁ, ଅଜିତ ଦାସ, ଗୌରୀକାନ୍ତ ମହାନ୍ତି, ପରମେଶ୍ୱର ପଲାଇ,ମହିଳା ସମିତିର ନେତ୍ରୀ ସବିତା ଭୂୟାଁ, ମମତା ରାଜ ପ୍ରମୁଖ ନେତୃତ୍ୱ ମାନେ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ର ଡବଲ ଇଞ୍ଜିନ୍ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ ।

ମା ଜାଗୁଲେଇ ଯୁବକ ସଂଘ ପକ୍ଷରୁ ବିଶ୍ୱ ସାଇକେଲ ଦିବସ ପାଳନ ସହ ସଫେଇ କାର୍ଯ୍ୟକ୍ରମ

ଧାମନଗର,୬।୬:(ମନ୍ଥନ)ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତ ଠାରେ ମା ଜାଗୁଲେଇ ଯୁବକ ସଂଘ ତରଫରୁ ବିଶ୍ୱ ସାଇକେଲ ଦିବସ ମହା ସମାରୋହରେ ପାଳିତ ହୋଇଥିବା ବେଳେ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ସଂଘର ସମ୍ପାଦିକା ସୁକାନ୍ତି ସାହୁଙ୍କ ନେତୃତ୍ୱରେ ପ୍ରଥମେ ଯୁବକ ଓ ଯୁବତୀ ମାନଙ୍କ ଦ୍ୱାରା ଗ୍ରାମରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ବିଭିନ୍ନ କ୍ଷେତ୍ରରେ ତଥା ସାଧାରଣ ଜ୍ଞାନ ଏବଂ ସ୍ଲୋ-ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସ୍ଲୋ ସାଇକେଲରେ ସଞ୍ଜୟ କୁମାର ସାହୁ ପ୍ରଥମ, ଶୁଭମଜ୍ୟୋତି ରାଉତ ଦ୍ୱିତୀୟ ଏବଂ ପ୍ରକାଶ ମଲିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସାଧାରଣ ଜ୍ଞାନରେ ପ୍ରିୟଙ୍କା ଶିଅଳ ପ୍ରଥମ ଶୁଭସ୍ମିତା ସୂତାର ଦ୍ୱିତୀୟ ଏବଂ ସୋମ୍ୟାଶାଶ୍ୱତି ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମ୍ପାଦିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କୋଚିଂ ସେଣ୍ଟରର ମୁଖ୍ୟ ଲକ୍ଷ୍ମଣ କୁମାର ସାହୁ,ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରତିକ୍ଷା ସାହୁ ଏବଂ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ହିମାଂଶୁ ଚରଣ ବେହେରା ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ସାଇକେଲ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପୁରସ୍କାର କରାଯାଇଥିଲା। ସଂଘର ସଦସ୍ୟ ଆଦିତ୍ୟ ମହାପାତ୍ର,ଗଣେଶ ସାହୁ,ଓମପ୍ରକାଶ ସାହୁ,ବାଦଲ ବସନ୍ତିଆ। ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଛାତ୍ର ଛାତ୍ରୀଙ୍କୁ ନେଇ ଅଭିନୟ ଢଙ୍ଗରେ ବିଶ୍ୱ ପରିବେଶ ଦିବସ

ବଲାଙ୍ଗିର,୬।୬:(ମନ୍ଥନ)ଗାନ୍ଧୀ ଭବନ ଠାରେ ବଲାଙ୍ଗିର ର ଯୁବ ପିଢିମାନଙ୍କୁ ନେଇ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ବିଶ୍ୱ ପରିବେଶ ଦିବସ ଅଭିନୟ ଢଙ୍ଗରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ସଭାକୁ ଉଦ୍‌ଘାଟିତ କରିଥିଲେ । ବିଭିନ୍ନ ଜଳାଶୟ, ପଲିଥିନ ମୁକ୍ତ ସହର, ବୃକ୍ଷରୋପଣ, ସହରର ସୌନ୍ଦର୍ଯ୍ୟକରଣ ଆଗାମୀ ଦିନରେ ଏକ ସ୍ୱଚ୍ଛ ବଲାଙ୍ଗିର ଭାବେ ନିର୍ମାଣ ପାଇଁ ଛାତ୍ର ଛାତ୍ରୀଙ୍କ ଗହଣରେ ପ୍ରତିଶୃତି ଦେଇଥିଲେ । ସଭାକୁ ପରିଚାଳନା କରିଥିଲେ ଅର୍ଜୁନ କୁମାର ସାହୁ । ବିଭିନ୍ନ ପରିବେଶ ଉପରେ କବିତା ଓ ଗୀତ ଗାଇ ଛାତ୍ର ଛାତ୍ରୀଙ୍କୁ ମନ ମୋହିଥିଲେ । ସଭାକୁ ସଭାପତିତ୍ୱ କରିଥିଲେ ପ୍ରଶାନ୍ତ ମହାକୁର ଏହା ଉଦ୍ଦେଶ୍ୟରେ ଜଙ୍ଗଲ ଧ୍ୱଂସ



ହେବା, ଜଙ୍ଗଲରେ ନିଆଁ ଲାଗିବା, ରାସ୍ତା କଡରେ ବେଧଡକ ଗଛ କାଟିବା, ବଲାଙ୍ଗିର ସହର ସର୍ବ ଉତ୍ତପ୍ତ ସହର ହୋଇଥିବାରୁ ଆଗାମୀ ଦିନରେ ମରୁଭୂମି ନ ପାଲଟିଯାଉ ତାହା ଛାତ୍ର ଛାତ୍ରୀଙ୍କୁ ସଚେତନତା କରିଥିଲେ । ଏହି ଅବସରରେ ଜିବଜନ୍ତୁ, ପଶୁପକ୍ଷୀ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ରହିବ । ଏହି ଉଦ୍ଦେଶ୍ୟରେ ବିଭିନ୍ନ ଜିବଜନ୍ତୁର ମୁଖାକୁ ନେଇ ସଚେତନତା କରାଯାଇଥିଲା । ଆଗାମୀ ଦିନରେ ପରିବେଶ ଯଦି ସୁରକ୍ଷିତ ନ ରହିବ ଏମିତି ମୁଖାପରି ପଶୁପକ୍ଷୀ ଧ୍ୱଂସ ହୋଇଯିବେ । ଏଥିରେ ରତନ କୁମାର ମହାରଣା, ଜୟକୃଷ୍ଣ ମିଶ୍ର, ରିଣ୍ଟୁ ସାହୁ, ଆନନ୍ଦ ମିଶ୍ର, ସଂଜୟ ସାମଲ, ଶମ୍ଭୁ ଶତପଥି ସମେତ ଗାନ୍ଧୀଭବନର ଛାତ୍ର ଛାତ୍ରୀମାନେ ଏକ ସଂକଳ୍ପ ନେଇ ପରିବେଶ କୁ ସୁରକ୍ଷା ଦେବା ଓ ପଲିଥିନମୁକ୍ତ ସହର କରିବା ପାଇଁ ସଂକଳ୍ପ ନେଇଥିଲେ । ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଯାଜପୁର,୬।୬:(ମନ୍ଥନ)ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ବ୍ଲକର ପଂଚାୟତ ଉଚ୍ଚ ବିଦ୍ୟାଳୟ ନାଥସାହି ପରିସରରେ ବିଶ୍ୱ ପରିବେଶ ଦିବସ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚୀବ ନେହା ଅଗ୍ରୱାଲ୍ ପ୍ରାରମ୍ଭିକ ବକ୍ତବ୍ୟ ସହ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ , ଆଡିସନାଲ୍ ଏସ୍ ପି ରତିକାନ୍ତ ଗିରି ,ଫରେଷ୍ଟ ରେଂଜ ଅଫିସର ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଜି ଦିବସର ବିଶେଷତ୍ୱ, ସନ୍ତୁଳିତ ଓ ଅସନ୍ତୁଳିତ ପରିବେଶର ଜନଜୀବନ ଉପରେ ପ୍ରଭାବ ସହିତ ଚଳିତ ବର୍ଷର କଥାବସ୍ତୁ ଏବେଠୁ ଜଳବାୟୁ ପାଇଁ ଶିର୍ଷକ ରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରଦୁଷଣ ପରିବେଶ ଓ ତାର କୁପରିଣତି ବିଷୟ ରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦିପ୍ତିମୟୀ ପୃଷ୍ଟି, କ୍ଷୀରାବ୍ଧୀତନୟା ରାୟ ଓ ରାହୁଲ ଦାସ ଙ୍କୁ ପ୍ରାଧିକରଣ ଅଧ୍ୟକ୍ଷ

ସିଲ୍ ଓ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମୀୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ଧର୍ମୀ ବାର୍ତା ଲେଖା ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବିଦ୍ୟାଳୟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ଓ ଅନ୍ୟ ଅତିଥି ମାନେ ଫଳ ଓ ଫୁଲ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ।

ଜିଲ୍ଲା ସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର,୬।୬:(ମନ୍ଥନ)ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସେନ୍ଟନାରୀ ହଲରେ ଜିଲ୍ଲାସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା ଜାତୀୟ ସ୍ତରୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ସମ୍ମାନୀୟ ଅତିଥି ସବ୍ ଡୀଭିଜୋନାଲ୍ ପୋଲିସ ଅଫିସର ସରୋଜ ଉପାଧ୍ୟାୟ ଓ ଓଡ଼ିଶା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ମନମୋହନ ଭଞ୍ଜ ଯୋଗଦାନ ଦେଇ କୃତି ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ୍ ସହ ପୁରସ୍କୃତ କରିଥିଲେ ଯଥ।ଆଜି ଦିନରେ ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବା ଅତ୍ୟନ୍ତ ଜରୁରୀ ଜାହାକି ଟାଇକଣ୍ଡୋ ର ଏହା ଏକ ଅଂଶ ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା କହିଥିବା ବେଳେ ପୋଲିସ ବିଭାଗର ଟ୍ରେନିଂ ସମୟରେ ଶାରିରୀକ ଖେଳକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି । ମାନସିକ ସ୍ତରରେ ଓ ଶାରିରୀକ ସ୍ତରରେ ବିକାଶ ଆଣିବାକୁ କ୍ରୀଡାର ଅବଶ୍ୟକତା ରହିଥିବା କୋଚ୍ ଅସୀମ ଭୋଇ କହିଛନ୍ତି । ଏଥିରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ କୋଣରୁ ଶତାଧିକ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଆନନ୍ଦ ପଣ୍ଡିତ, ଭୁବନେଶ୍ୱର ଭୋଇ ଓ ପ୍ରଫୁଲ୍ଲ ପ୍ରଧାନ ସହଯୋଗ କରିଥିଲେ ।

ଆବାସ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ହରିଲୁଟ

ମୋରଡ଼ା,୬।୬:(ମନ୍ଥନ)ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତର୍ଦୟ ଗୃହ ଯୋଜନାର ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଜାଲ୍ ଆକାଉଣ୍ଟରେ ଉଠାଇ ହରିଲୁଟ୍ କରାଯାଇଥିବା ଗୁରୁତର ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଚୁହାଟ ଗ୍ରାମପଞ୍ଚାୟତରୁ।ଯ ମନରେଗା ୱେବସାଇଟ୍ରେ ଉଠାଣ ତଥ୍ୟ ଦେଖି ହିତାଧିକାରୀମାନେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତର୍ଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୯୫ ଶ୍ରମଦିବସର ମଜୁରୀ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାକୁ ଦିଆଯାଏ । ହେଲେ ଚୁହାଟ ପଞ୍ଚାୟତରେ ବହୁ ହିତାଧିକାରୀଙ୍କ ଏହି ଟଙ୍କା ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଉଠାଇ ନିଆଯାଇଛି।ଯ ଭୋଲଘାଟି ଗ୍ରାମର ରତନ ମାରାଣ୍ଡି ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ପାଇଥିଲେ । ସେ ୨୦୨୧ରେ ମୃତ୍ୟୁବରଣ କରିଥିଲେ । ହେଲେ ତାଙ୍କ ଘର ୮୪ ଶ୍ରମଦିବସର ୨,୯୩୨ ଟଙ୍କା ୧୫ ନଭେମ୍ବର ୨୦୨୫ରେ ଅନ୍ୟ ଗ୍ରାମର ଲୋକଙ୍କ ଆକାଉଣ୍ଟକୁ ଉଠାଣ ହୋଇଥିବା ଜଣାପଡ଼ିଛି । ମୃତ୍ୟୁର ତିନି ବର୍ଷ ପରେ ଏପରି ଉଠାଣ ହେବା ନେଇ ପରିବାର ଲୋକେ ଅନ୍ଧାରରେ ଅଛନ୍ତି ।ସେହିପରି ବଡ଼ନାଚଣା ଗ୍ରାମର ଜ୍ୟୋତ୍ସ୍ନା ମଙ୍ଗଳଙ୍କ ଘର ସମ୍ପୂର୍ଣ୍ଣ ହୋଇଥିଲେ ବି ତାଙ୍କୁ ଶ୍ରମିକ ଟଙ୍କା ମିଳିନାହିଁ । ମନରେଗା ୱେବସାଇଟ୍ରୁ ଜଣାପଡ଼ିଛି ଚୁହାଟ, ଭୋଲଘାଟି ଓ ହାଣ୍ଡିଭଙ୍ଗା ଗ୍ରାମର ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ଖାତାରେ ୯୪ ଶ୍ରମଦିବସର ୨୩,୮୭୬ ଟଙ୍କା ଉଠାଣ ହୋଇଛି । ଭୋଲା ଗ୍ରାମର ଗଙ୍ଗାଧର ମାରାଣ୍ଡିଙ୍କ ଘର କାମ ସରିଥିଲେ ବି ତାଙ୍କୁ ଗୋଟିଏ ଟଙ୍କା ବି ମିଳିନାହିଁ । ହେଲେ ତାଙ୍କ ଘର ୮୪ ଶ୍ରମଦିବସର ୨୨,୯୩୨ ଟଙ୍କା ଅନ୍ୟ ଗ୍ରାମର ଲୋକଙ୍କ ଖାତାରେ ଉଠାଣ ହୋଇଛି । ଜାଲଘାଟି ଗ୍ରାମର ସାନଭଙ୍କୁ ସୋରେନ ଘର କାମ ଆରମ୍ଭ କରିନଥିଲେ ବି ତାଙ୍କ ଘର ସମ୍ପୂର୍ଣ୍ଣ ଶ୍ରମିକ ଟଙ୍କା ୨୫,୯୩୫ ଟଙ୍କା ଅନ୍ୟ ଖାତାକୁ ଉଠାଣ ହୋଇଛି । ସେହିଭଳି ଶାଲୁଆଡହର ଗ୍ରାମର ସୁଶାନ୍ତ କୁମାର ପାତ୍ରଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୫୯୩୫,ସାନନାଚଣା ଗ୍ରାମର ସନାତନ ହେମ୍ବ୍ରମଙ୍କ ଆବାସ୍ ଗୃହର ଶ୍ରମିକ ଟଙ୍କା ୨୪୧୩୦, ଶାଲୁଆଡହର ଗ୍ରାମର ଦୁର୍ଗାମଣି ନାଏକଙ୍କ ଆବାସ ଗୃହର ଶ୍ରମିକ ଟଙ୍କା୨୧୩୩୬, ଭୋଲଘାଟି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, ଭୋଳା ଗ୍ରାମର ସଲମା ମାରାଣ୍ଡିଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, କାଠ ଶିରିଶି ଗ୍ରାମର ଲାଲମୋହନ କିସ୍କୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୩୮୭୬,ଧଖମଣ ଗ୍ରାମର ଧୃବେନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬,କାଠ ଶିରିଶି ଗ୍ରାମର ଡୁମୁଣି ଟୁଡୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬ ଅନ୍ୟ ଗ୍ରାମର ଲୋକଙ୍କ ବ୍ୟାଙ୍କ ଖାତାରେ ଉଠାଣ ହେଇଛି । ଏହିଭଳି ଅନେକ ହିତାଧିକାରୀଙ୍କ ଆବାସ ଶ୍ରମିକ ଟଙ୍କା ହରିଲୁଟ କରାଯାଇଛି । ହିତାଧିକାରୀମାନେ ପ୍ରଶ୍ନ ଉଠାଇଛନ୍ତି, ସେମାନଙ୍କ ଅଜାଣତରେ କିପରି ଟଙ୍କା ଅନ୍ୟ ଖାତାକୁ ଗଲା ? କିଏ ଏହାକୁ ଅନୁମୋଦନ କଲା ? ସେମାନଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବିକାଶ ସିଂ, ସହାୟକ ବିକାଶ ସମ୍ପ୍ରସାରଣ ଅଧିକାରୀ ଡମ୍ବୁରୁଧର ଦାସ ଓ ସରପଞ୍ଚ ହିତଉସି ଟୁଡୁଙ୍କ ମିଳିଭଗତରେ ଏହି ହରିଲୁଟ୍ ହୋଇଛି । ସରପଞ୍ଚଙ୍କ ସ୍ୱାମୀ ରବୀନ୍ଦ୍ର ନାଥ ଟୁଡୁ ସରପଞ୍ଚଙ୍କ ଅନୁପସ୍ଥିତିରେ ଚୌକିରେ ବସି ସରକାରୀ ଫାଇଲ୍ ଦେଖାଶୁଣା, ଭତ୍ତା ବଣ୍ଟନ ଓ କନିଷ୍ଠ ଯନ୍ତ୍ରୀଙ୍କ ମାପ କାର୍ଯ୍ୟ ମଧ୍ୟ କରୁଥିବା ଅଭିଯୋଗ ହୋଇଛି । ହିତାଧିକାରୀମାନେ କହିଛନ୍ତି, ଏହି ଟଙ୍କା ହଡ଼ପର ସୂତ୍ରଧର ହେଉଛନ୍ତି ରବୀନ୍ଦ୍ର ନାଥ ଟୁଡୁ।ଯ ଏନେଇ ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଓ ଚୁହାଟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚରାଯିବାରୁ ସେମାନେ କହିଛନ୍ତି, ଏହାର ତଦନ୍ତ ଚାଲିଛି । ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଚୁହାଟ ପଞ୍ଚାୟତ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନ ମଣ୍ଡଳୀରେ ପଡୁଛି । ଏହି ବଡ଼ ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ମନ୍ତ୍ରୀ କଣ ପଦକ୍ଷେପ ନେବେ ଏବଂ ଜିଲ୍ଲାପାଳ ଉଚ୍ଚସ୍ତରୀୟ ତଦନ୍ତ କରିବେ କି ନାହିଁ, ସେଥିଉପରେ ସମସ୍ତଙ୍କ ନଜର ରହିଛି । ହିତାଧିକାରୀମାନେ କହିଛନ୍ତି, ସେମାନଙ୍କୁ ନ୍ୟାୟ ମିଳିବ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା ରଖିଛନ୍ତି ।

ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ସରପଞ୍ଚ ଙ୍କ ଦାବି

ଛତ୍ରପୁର,୬।୬:(ମନ୍ଥନ)ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବଜାର ମୁଖ୍ୟ ରାସ୍ତା ତଥା ଗାଁ ମଝିରେ ବେଆଇନ ମଦ ବିକ୍ରିକୁ ବନ୍ଦ କରିବାକୁ ସରପଞ୍ଚ ଗଗନ କୁମାର ବେହେରା ଦାବି କରିଛନ୍ତି । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଟ୍ୟୁସନ୍ ଯାଆନ୍ତି।ଯ ଏହାସହ ଉକ୍ତ ରାସ୍ତା ଦେଇ ଦୈନିକ ମହିଳାମାନେ ଗ୍ରାମପଂଚାୟତ କାର୍ଯ୍ୟାଳୟ, ମେଡିକାଲ, ଅଙ୍ଗନବାଡି କେନ୍ଦ୍ର, ଡିପିଏଲ୍ଏଫ କାର୍ଯ୍ୟାଳୟ ଏବଂ ସୁନ୍ଦରେଶ୍ୱର ମନ୍ଦିରକୁ ଯିବାଆସିବା କରନ୍ତି।ଯ ଗ୍ରାମରେ ଗୋଟିଏ ସରକାରୀ ଦେଶୀ ମଦ ଦୋକାନ ଥାଇ ମଧ୍ୟ ଉକ୍ତ ବଜାର ମଧ୍ୟରେ ଆଜକୁ ବହୁବର୍ଷ ହେଲାଣି ବେଆଇନ ଭାବେ ଗ୍ରାମର କିଛି ବ୍ୟକ୍ତି ଅରାଜଗତ ଭାବେ ଖୁଲମଖୁଲା ମଦ ବିକ୍ରି କରୁଛନ୍ତି । ଫଳରେ ସେହିସ୍ଥାନରେ ପ୍ରତିଦିନ ଅଶାନ୍ତି ଲାଗିରହୁଛି । ଟ୍ରାଫିକ୍ ସମସ୍ୟା ବୃଦ୍ଧି ଏବଂ ଝଗଡା ହେଉଛି । ମହିଳାମାନେ ସେହି ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି । ଏଣୁ ତୁରନ୍ତ ଏହି ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଗଞ୍ଜାମ ଅବକାରୀ ଅଧୀକ୍ଷକଙ୍କୁ ସୁନ୍ଦରପୁର ସରପଂଚ ଶ୍ରୀ ବେହେରା ଏକ ଦାବିପତ୍ର ଜଣାଇଛନ୍ତି। ଏଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସେ ଗଞ୍ଜାମ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ରବିବାର ୦୭, ଜୁନ୍ ୨୦୨୬, ଭୁବନେଶ୍ୱର
Sunday, 07 June 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଐତିହାସିକ ସଂରକ୍ଷଣ ବିପ୍ଳବ

ଓଡିଶାରେ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ : ମୋହନ ସରକାରଙ୍କ ସଂରକ୍ଷଣ କ୍ରାନ୍ତି ଓ ମେଧାବୀ ଯୁବପିଢିଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମହାମାର୍ଗ ଓଡିଶାର ସାମାଜିକ, ଅର୍ଥନୈତିକ ଏବଂ ବିଶେଷ କରି ଶିକ୍ଷାଗତ ବିକାଶ ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଛି, ଯାହା ରାଜ୍ୟର ସର୍ବାଙ୍ଗୀନ ପ୍ରଗତି ଏବଂ ସମାଜର ପ୍ରତ୍ୟେକ ବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଏକ ଦୂରଦୃଷ୍ଟିସମ୍ପନ୍ନ ଏବଂ ଯୁଗାନ୍ତକାରୀ ନିଷ୍ପତିକୁ ପ୍ରତିପାଦିତ କରୁଛି । ଦୀର୍ଘ ଦିନର ପ୍ରତୀକ୍ଷା, ସଂଘର୍ଷ ଏବଂ ବହୁ ବାଦବିବାଦର ଅନ୍ତ ଘଟାଇ, ରାଜ୍ୟର ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ (ଝରଇଉ)ର ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ଥର ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାରେ ସାମିଲ କରାଯାଇଛି, ଯାହା ଓଡିଶାର ଶିକ୍ଷା ଜଗତ ଏବଂ ସାମାଜିକ ସମାନତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାକୁ ଯାଉଛି । ୨୦୨୬-୨୭ ଶିକ୍ଷା ବର୍ଷରୁ ରାଜ୍ୟର ମେଡିକାଲ, ଇଞ୍ଜିନିୟରିଂ, ଆଇଆଇଟି, ଡିପ୍ଲୋମା ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାର ବୈଷୟିକ ଶିକ୍ଷା ଅନୁଷ୍ଠାନଗୁଡିକରେ ଏହି ନୂତନ ସଂରକ୍ଷଣ ନୀତି ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ, ଯେଉଁଥିରେ ସରକାର କେବଳ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପରିସରଭୁକ୍ତ କରିନାହାନ୍ତି, ବରଂ ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିବା ଅନୁସୂଚିତ ଜନଜାତି (ଝଞ) ସଂରକ୍ଷଣକୁ ୧୨% ରୁ ବୃଦ୍ଧି କରି ୨୨.୫% ଏବଂ ଅନୁସୂଚିତ ଜାତି (ଝଉ) ସଂରକ୍ଷଣକୁ ୮% ରୁ ବୃଦ୍ଧି କରି ୧.୨୫% କରିବା ସହ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଝରଇଉ)ପାଇଁ ପ୍ରଥମ ଥର ପାଇଁ ୧୧.୨୫% ଆରକ୍ଷଣ ବ୍ୟବସ୍ଥା କରି ସମଗ୍ର ରାଜ୍ୟରେ ପ୍ରକୃତ ସାମାଜିକ ନ୍ୟାୟର ପ୍ରତିଷ୍ଠା କରିଛନ୍ତି । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାର ସମାଜର ପ୍ରତ୍ୟେକଟି ବଂଚିତ ଶ୍ରେଣୀର ବିକାଶ ପାଇଁ କେତେଦୂର ସଂକଳ୍ପବଦ୍ଧ ଏବଂ ଏହି ନିଷ୍ପତି ରାଜ୍ୟର ବହୁସଂଖ୍ୟାକ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ ଆଶ୍ୱସନା ତଥା ଖୁସିର ଖବର ଆଣିଦେଇଛି । ଓଡିଶାର ଜନସଂଖ୍ୟାର ଏକ ବିରାଟ ଭାଗ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ଏବଂ ପ୍ରତିଭା ଥାଇ ମଧ୍ୟ ଉପଯୁକ୍ତ ସୁଯୋଗ ଓ ସଂରକ୍ଷଣର ଘୋର ଅଭାବ ଯୋଗୁଁ ଏହି ବର୍ଗର ଅନେକ ପ୍ରତିଭାବାନ ଯୁବକଯୁବତୀ ଡାକ୍ତରୀ କିମ୍ବା ଇଞ୍ଜିନିୟରିଂ ଭଳି ବ୍ୟୟବହୁଳ ଓ ଉଚ୍ଚ ବୈଷୟିକ ଶିକ୍ଷାରୁ ବଂଚିତ ହେଉଥିଲେ ମାତ୍ର ମୋହନ ସରକାର ଏହି ମର୍ମାନ୍ତୁଦ ସମସ୍ୟାକୁ ଗଭୀର ଭାବେ ଅନୁଭବ କରି ପ୍ରଥମ ଥର ପାଇଁ ସେମାନଙ୍କୁ ସଂରକ୍ଷଣର ଅଧିକାର ଦେଇଛନ୍ତି, ଯାହା କେବଳ ଆସନ ସଂରକ୍ଷଣ ମଧ୍ୟରେ ସୀମିତ ନରହି ଏହି ବର୍ଗର ସାମାଜିକ ମର୍ଯ୍ୟାଦା, ସ୍ୱାଭିମାନ ଓ ଅଧିକାରକୁ ଏକ ବଡ ସରକାରୀ ସ୍ୱୀକୃତି ପ୍ରଦାନ କରିଛି । ଏହାଦ୍ୱାରା ଗ୍ରାମାଂଚଳ ଏବଂ ସହରାଂଚଳର ମଧ୍ୟବିତ ଓ ନିମ୍ନ-ମଧ୍ୟବିତ ପରିବାରର ପିଲାମାନେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ଯେପରିକି ଘରରଞ୍ଜ, ଔରର ୫ ଡଔରର ରେ ସଫଳତା ପାଇ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢିବାର ସୁଯୋଗ ପାଇବେ ଏବଂ ଏହା ଦ୍ୱାରା ହଜାର ହଜାର ମେଧାବୀ ଛାତ୍ରଛାତ୍ରୀଙ୍କ ଡାକ୍ତର ଓ ଇଞ୍ଜିନିୟର ହେବାର ସ୍ୱପ୍ନ ସାକାର ହୋଇପାରିବ । ଯେକୌଣସି ପ୍ରଗତିଶୀଳ ସମାଜର ମୂଳଦୁଆ ହେଉଛି ସମାନତା ଏବଂ ସମାଜର ଅନ୍ତିମ ଧାଡିରେ ଠିଆ ହୋଇଥିବା ଶେଷ ବ୍ୟକ୍ତିଟି ପାଖରେ ଯେପର୍ଯ୍ୟନ୍ତ ବିକାଶର ସୁଫଳ ନପହଂଚିଛି ସେ ପର୍ଯ୍ୟନ୍ତ କୌଣସି ଯୋଜନା ବା ବ୍ୟବସ୍ଥା ସଫଳ ହୋଇପାରିବ ନାହିଁ, ଯାହାକୁ ହୃଦବୋଧ କରି ଶ୍ରୀ ମୋହନ ଚରଣ ମାଝୀ ପ୍ରକୃତରେ ଜଣେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ପ୍ରମାଣିତ ହୋଇଛନ୍ତି, କାରଣ ତାଙ୍କ ସରକାର ସମାଜର ସବୁଠାରୁ ଦୁର୍ବଳ ଏବଂ ପଛୁଆ ଶ୍ରେଣୀର ଲୋକଙ୍କ ସ୍ୱରକୁ ଶୁଣିଛନ୍ତି । ଏହି ବୈପ୍ଳବିକ ସଂସ୍କାର ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯେଉଁ ଛାତ୍ରଛାତ୍ରୀମାନେ ଆର୍ଥିକ ଏବଂ ସାମାଜିକ ପ୍ରତିବନ୍ଧକ କାରଣରୁ ବୃତିଗତ ପ୍ରତିଯୋଗିତାରେ ସବୁବେଳେ ପଛରେ ପଡିଯାଉଥିଲେ ସେମାନେ ଏବେ ସମ୍ମାନର ସହ ଆଗକୁ ବଢିପାରିବେ ଏବଂ ଡାକ୍ତର ଓ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିବା ଗରିବ ଆଦିବାସୀ ଓ ଦଳିତ ପରିବାରର ପିଲାମାନଙ୍କ ପାଇଁ ଏହି ନିଷ୍ପତି ଏକ ବରଦାନ ସଦୃଶ ହୋଇଛି । ସାମ୍ପ୍ରତିକ ସମୟରେ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କ୍ୟାରିୟର ଗଠନ କରିବା ପାଇଁ ଓଡିଶାର ଯୁବପିଢିଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଥିବାବେଳେ ରାଜ୍ୟର କୋଣ ଅନୁକୋଣରେ ଅନେକ ପ୍ରତିଭାବାନ ଯୁବକଯୁବତୀ ଅଛନ୍ତି, ଯେଉଁମାନେ ବିଶ୍ୱ ସ୍ତରରେ ଓଡିଶାର ନାମ ରୋଶନ କରିବାର କ୍ଷମତା ରଖନ୍ତି ମାତ୍ର ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ଓ ନ୍ୟାୟସଂଗତ ସଂରକ୍ଷଣ ନୀତିର ଅଭାବ ଯୋଗୁଁ ଅନେକ ସମୟରେ ମେଧାବୀ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଂଚିତ ହେଉଥିଲେ । ବର୍ତମାନ ଏହି ନୂତନ ଆରକ୍ଷଣ ହାର ଲାଗୁ ହେବା ଫଳରେ ରାଜ୍ୟର ସରକାରୀ ଓ ବେସରକାରୀ ଇଞ୍ଜିନିୟରିଂ କଲେଜଗୁଡିକରେ ପଛୁଆ ଓ ଅବହେଳିତ ବର୍ଗର ପ୍ରତିନିଧିତ୍ୱ ବ୍ୟାପକ ଭାବେ ବୃଦ୍ଧି ପାଇବ, ମେଡିକାଲ କଲେଜଗୁଡିକରେ ଗରିବ ଏବଂ ବଂଚିତ ଶ୍ରେଣୀର ସଫଳ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିବ, ଯାହା ଭବିଷ୍ୟତରେ ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସେବାର ସୁଧାର ଦିଗରେ ଏକ ବିରାଟ ସହାୟକ ଭୂମିକା ଗ୍ରହଣ କରିବ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ସନ୍ତୁଳିତ ତଥା ସୁସ୍ଥ ସାମାଜିକ ପରିବେଶ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗାନ୍ତକାରୀ ଘୋଷଣା ପରେ ସମଗ୍ର ରାଜ୍ୟରେ ଏକ ଅଭୂତପୂର୍ବ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଛି ଏବଂ ବିଶେଷ କରି ଛାତ୍ର ସମାଜ, ଗରିବ ଅଭିଭାବକ ଏବଂ ବିଭିନ୍ନ ସାମାଜିକ ସଂଗଠନଗୁଡିକ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସରକାରଙ୍କୁ ଧନ୍ୟବାଦ ଓ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଉଛି । ଲୋକଙ୍କ କହିବା କଥା ହେଉଛି ଯେ ଏହି ସରକାର ପ୍ରକୃତରେ ସାଧାରଣ ଜନତାଙ୍କ ମନର ସରକାର ଏବଂ ଜନସାଧାରଣଙ୍କ ଆଶା, ଆକାଂକ୍ଷା ତଥା ଅଧିକରକୁ ସମ୍ମାନ ଦେବା ଏହି ସରକାଙ୍କ ମୂଳ ଲକ୍ଷ୍ୟ ଅଟେ । ଶିକ୍ଷା ହିଁ ସମାଜ ପରିବର୍ତନର ସବୁଠାରୁ ଶକ୍ତିଶାଳୀ ଏବଂ ଅମୋଘ ଅସ୍ତ୍ର ହୋଇଥିବାବେଳେ ମୋହନ ସରକାରଙ୍କ ଏହି ସାମାଜିକ ନ୍ୟାୟଭିତିକ ଏବଂ ଐତିହାସିକ ପଦକ୍ଷେପ ଓଡିଶାର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ମାଇଲଖୁଂଟ ସାବ୍ୟସ୍ତ ହେବ, କାରଣ ଏହା କେବଳ ସଂରକ୍ଷଣର ଏକ ସରକାରୀ ନିର୍ଦ୍ଦେଶନାମା କିମ୍ବା ଆଇନଗତ ଦସ୍ତାବିଜ୍ ନୁହେଁ, ବରଂ ଓଡିଶାର ପ୍ରତିଟି ଗରିବ, ନିଷ୍ପେସିତ, ପଛୁଆ, ଦଳିତ ଓ ଆଦିବାସୀ ବର୍ଗର ଭାଇଭଉଣୀଙ୍କୁ ସଶକ୍ତ କରିବାର, ସେମାନଙ୍କ ହାତକୁ ସାମର୍ଥ୍ୟ ଦେବାର ଏକ ଦୃଢ ସଙ୍କଳ୍ପ ଏବ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତି ପାଇଁ ସାରା ଓଡିଶା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର କୃତଜ୍ଞତା ପ୍ରକାଶ କରୁଛି । ଆଗାମୀ ଦିନରେ ଏହି ଉନ୍ନତ ନୀତି ଓଡିଶାର ହଜାର ହଜାର ଯୁବପିଢୀଙ୍କୁ ଏକ ଉଜ୍ଜ୍ୱଳ, ସମୃଦ୍ଧ, ଆତ୍ମନିର୍ଭରଶୀଳ ଓ ପ୍ରଗତିଶୀଳ ଭବିଷ୍ୟତ ପ୍ରଦାନ କରିବ ଏବଂ ଶିକ୍ଷାଗତ ଅସମାନତାକ ଦୂର କରି ଓଡିଶାକୁ ସାରା ଭାରତବର୍ଷରେ ବିକାଶ ଓ ସାମାଜିକ ସମାନତାର ଏକ ନୂତନ ଏବ ଆଦର୍ଶ ଶିଖରକୁ ନେଇଯିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ମୁକ୍ତିର ପଥ : ବାଇଶି ପାହାଚ

ସୁକାନ୍ତ ଛାଟୋଇ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଆତ୍ମଭରା ଭକ୍ତଜନ ନିଜ ଜୀବନର ଭାବ ଅନଟନ, ତେଲ ଲୁଣର ଜଞ୍ଜାଳ, ଅଭାବୀ ଓ ନାନା ଚିନ୍ତାଗ୍ରସ୍ତ ଜୀବନ ଜଞ୍ଜାଳରେ ଛନ୍ଦି ହୋଇ ସାଂସାରିକ ଦୁଃଖ ଭୋଗ କରୁଥିବାବେଳେ ସିଂହଦ୍ୱାର ଦେଇ ବାଇଶି ପାହାଚରେ ପାଦ ଦେବା ପରେ ତାକୁ ଲାଗେ ତାର ସବୁ କିଛି ଦୂରୀଭୂତ ହେବାପାଇଁ ମହାପ୍ରଭୁ ଅପେକ୍ଷମାଣ । ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ରହସ୍ୟମୟ ଏହି ବାଇଶି ପାହାଚକୁ ତତ୍ତ୍ୱଦର୍ଶୀମାନେ ବିଭିନ୍ନ ଦୃଷ୍ଟିକୋଣରୁ ଏହାର ମାହାତ୍ମ୍ୟକୁ କରିଛନ୍ତି ପ୍ରତିପାଦିତ ।

ଏହି ପାହାଚର ଇତିହାସ ମଧ ସନାତନ ଧର୍ମାବଲମ୍ବୀମାନଙ୍କର ଭାବାବେଗ ସହିତ ଓତପ୍ରୋତ ଭାବେ ଜଡ଼ିତ । ଏହି ପାହାଚର ସୃଷ୍ଟି ସିଂହଦ୍ୱାରରୁ ଏବଂ ଶେଷ ମଧ ସିଂହଦ୍ୱାରର ଗୁମୁଟ ଠାରୁ ଆରମ୍ଭ ହୋଇ ଲମ୍ବି ଯାଇଛି ଆନନ୍ଦ ବଜାର ସିଂହଦ୍ୱାର ପର୍ଯ୍ୟନ୍ତ । ମେଘନାଦ ପାଚେରୀର ସୃଷ୍ଟି ପୂର୍ବରୁ ଏହାର ନାମ ଥିଲା 'ବହିସ୍ଥ ପାବଚ୍ଛ' । କ୍ରମେ ଏହା ଅପଭ୍ରଂଶ ହୋଇ ଧାରଣ କରିଛି ବାଇଶି ପାହାଚ ନାମ । ଭାନୁଦେବଙ୍କ ରାଜତ୍ୱ କାଳରେ ଏହି ବାଇଶି ପାହାଚ ନିର୍ମାଣ କରାଯାଇଛି । ବାଇଶି ପାହାଚକୁ କେତେକ ଗବେଷକ ଓ ମାଦଳା ପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଦଶଅବତାରରେ ଭଗବାନଙ୍କ ପାଦ ସଂଖ୍ୟା ବାଇଶି ହୋଇଥିବାରୁ ତାହାରି ବର୍ଣ୍ଣନା ଅନୁଯାୟୀ ବାଇଶି ପାହାଚର ପାହାଚ ସଂଖ୍ୟା ହେଉଛି ବାଇଶି ।

ବାଇଶି ପାହାଚକୁ ନେଇ ଅନେକ ଅପୂର୍ବ ବର୍ଣ୍ଣନା ରହିଛି । ବାଇଶି ତୀର୍ଥ ଭୂମିର ସ୍ୱରୂପ ଓ ତତ୍ତ୍ୱ ତଥା ବାଇଶି ଭାବର ପ୍ରତୀକକୁ ବାଇଶି ପାହାଚ ବୁଝାଯାଏ । ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ବାଇଶି ପାହାଚ ଶ୍ରୀମନ୍ଦିରର ପ୍ଲଟ ନଂ ୧୫୭ (କ) ଉପରେ ଅବସ୍ଥିତ । ଏହି ପାହାଚ ଗୁଡ଼ିକ ବଉଳମାଳା ପଥରରେ ନିର୍ମିତ । ଆକାର ଦୃଷ୍ଟିରୁ ଏମାନେ ସମାନ ନୁହନ୍ତି । ସାଧାରଣତଃ ଏହି ପାହାଚର ଲମ୍ବ ୭୦ ଫୁଟ ଓସାର ୬ଫୁଟ ଏବଂ ଉଚ୍ଚତା ୬ରୁ ୭ ଇଞ୍ଚ । ଅଷ୍ଟାଦଶ ପାହାଚର ଓସାର ୧୫ ଫୁଟ । ଅନ୍ୟ ସମସ୍ତ ପାହାଚ ଆୟତକାର ହୋଇଥିବା ସମୟରେ ଉନ୍ନବିଂଶ ଏବଂ ବିଂଶ ପାହାଚ ଦୁଇଟିର ଆକାର ଅର୍ଦ୍ଧ ଗୋଲାକାର । ସଂଖ୍ୟା ଦୃଷ୍ଟିରୁ ବାଇଶି ପାହାଚ ଆସୁଥିବାରୁ ଏହା ଅନୁମେୟ ଯେ ମେଘନାଦ ପାଚେରୀ ନିର୍ମାଣ ସମୟରେ ଅରୁଣ ସ୍ତମ୍ଭ ଠାରୁ ଗୁମୁଟ ପର୍ଯ୍ୟନ୍ତ ଥିବା ଚାରିଗୋଟି ପାହାଚ ତଳେ ପୋତି ହୋଇଯାଇଛି । ତଥାପି ଆନନ୍ଦବଜାର ଯିବା ରାସ୍ତାରେ ଦୁଇଟି ଏବଂ କୂର୍ମ ବେଢ଼ା ଦ୍ୱାର ନିକଟରେ ଥିବା ଦୁଇଗୋଟି ପାହାଚର ସମ୍ମିଶ୍ରଣରେ ଏହି ପାହାଚ ସଂଖ୍ୟାରେ ପୂର୍ଣ୍ଣତା ଆସିଥାଏ । ଗୁମୁଟ ପରେ ପ୍ରଥମ ପାହାଚର ବାମ ପାର୍ଶ୍ୱରେ କାଶୀ ବିଶ୍ୱନାଥ ବିଦ୍ୟମାନ । ଶ୍ରୀମନ୍ଦିର ମହିମାକୁ ଅଧିକ ଭାବରେ ଋଦ୍ଧିମନ୍ତ କରୁଥିବା ଏହି ବାଇଶି ଗୋଟି ପାହାଚ ନିର୍ଦ୍ଦିଷ୍ଟ ନାମରେ ହୋଇଥାନ୍ତି ନାମିତ । ଯଥା ତ୍ରୀବା, କୁମୁଦବତୀ, ମନ୍ଦା, ଛନ୍ଦୋବତୀ, ଦୟାବତୀ, ରଞ୍ଜନୀ, ରତିକା, ରୌଦ୍ରା, କ୍ରୋଧା, ବଦ୍ରିକା, ପ୍ରସାରଣୀ, ବ୍ରତୀ, ମାର୍ଜନୀ, କ୍ଷାତି, ରକ୍ତା, ସାନ୍ଦିପନୀ, ଅଜପନି, ମଦନ୍ତି, ରୋହିଣୀ, ରମ୍ୟା, ଉଗ୍ରା ଓ କ୍ଷୋଭିନୀ ।

ସାଧକମାନଙ୍କ ମତରେ ଏହି ବାଇଶି ପାହାଚ ହେଉଛି ପଞ୍ଚ 'ମ' କାର ଯଥା ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ ଅଷ୍ଟାଙ୍ଗ ଯୋଗ ଯଥା - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ଏବଂ ନବଧା ଭକ୍ତି ଯଥା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନର ପ୍ରତୀକ । ଯୋଗ ସାଧନ ମାର୍ଗରେ ସାଧନା ଦ୍ୱାରା ଜୀବ ଶିବ ତୁଲ୍ୟ ଯୋଗୀ ରାଜ ଭାବରେ ସିଦ୍ଧି ଲାଭ କରିପାରିବ । ଅନ୍ୟ ଅର୍ଥରେ ବାଇଶି ପାହାଚ ହେଉଛି ସପ୍ତ ପିତୃଲୋକ ଯଥା - ସ୍ୱୟଂ, ପିତା, ପିତାମହ, ପ୍ରପିତାମହ, ବୃଦ୍ଧପ୍ରପିତାମହ, ଅତିବୃଦ୍ଧ ପ୍ରପିତାମହ, ପରମାତିବୃଦ୍ଧ, ପ୍ରପିତାମହ, ଦଶ ବିଶ୍ୱଦେବା ଯଥା - କ୍ରତୁ, ଦକ୍ଷ, ବସୁ, ସତ୍ୟ, କାଳ, କାମ, ଧୂରି, ରୋଚନ, ପୁରୋରବ, ମାଦ୍ରବସ, ଚତୁଃସନକ ଯଥା - ସନକ, ସନନ୍ଦନ, ସନାତନ, ସନତକୁମାର, ଏବଂ ଭୃଗୁ ଋଷିଙ୍କ ଶକ୍ତିର ଦ୍ୟୋତକ । କେହି କେହି ଶରୀରକୁ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ଏହିପରି ତିନି ଭାଗରେ ବିଭକ୍ତ କରି ମର୍ତ୍ତ୍ୟ ଭାଗରେ ଅବସ୍ଥିତ ଦୁଇଗୋଟି ଚକ୍ର ଯଥା ମଣିପୁର ଏବଂ ଅନାହତରେ ଥିବା ପଦ୍ମର ପାଖୁଡ଼ା ସହିତ ବାଇଶି ପାହାଚକୁ ତୁଳନା କରିଥାନ୍ତି । ମଣିପୁର ଚକ୍ର ଅର୍ଥାତ୍ ନାଭି ଚକ୍ରରେ ଥିବା ଦଶଦଳ ବିଶିଷ୍ଟ ପଦ୍ମ ଏବଂ ଅନାହତ ଚକ୍ର ଅର୍ଥାତ୍ ହୃଦୟରେ ବିରାଜିତ ଦ୍ୱାଦଶ ଦଳ ପାଖୁଡ଼ା ବିଶିଷ୍ଟ ପଦ୍ମର ସମ୍ମିଶ୍ରଣ ହେଉଛି ବାଇଶି । ସାଧକ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଇ ଏହି ଦୁଇ ଚକ୍ର ଅତିକ୍ରମ କରିବା ପରେ ପହଞ୍ଚିଥାଏ ଆଜ୍ଞା ଚକ୍ରରେ । ବାଇଶି ପାହାଚକୁ ନେଇ ଅନେକ କିମ୍ବଦନ୍ତୀ, ଲୋକ କଥା ସବୁ ରହିଛି । ମହାପ୍ରଭୁ ରଥଯାତ୍ରା ଦିନ ପତିତପାବନ ଯାତ୍ରାରେ ଭକ୍ତଜନଙ୍କ ସହ ମିଶିବା ପାଇଁ, ଦର୍ଶନ ଦେବା ପାଇଁ, କୋଳେଇ ନେବା ପାଇଁ ରତ୍ନସିଂହାସନ ଛାଡ଼ି ଏହି ବାଇଶି ପାହାଚ ଦେଇ ଆସିଥାନ୍ତି ବଡ଼ଦାଣ୍ଡକୁ । ନବଦିନ ବ୍ୟାପୀ ଘୋଷଯାତ୍ରା ପରେ ଲୀଳାମୟ ପୁଣି ବାଇଶି ପାହାଚ ଦେଇ ପ୍ରତ୍ୟାବର୍ତ୍ତନ କରନ୍ତି ନିତ୍ୟଧାମ ରତ୍ନସିଂହାସନକୁ । ବାଇଶି ପାହାଚ ଭାବର ପାହାଚ । ଭାବନାର, କୃପାର ଓ କରୁଣାର ପବିତ୍ର ଓ ଜୀବନତତ୍ତ୍ୱ ।

ପୋପରଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧
E-mail : chhatoi.sukanta@yahoo.co.in

ଓଡ଼ିଶାର ଯୁବଶକ୍ତିଙ୍କ ସମ୍ଭାବନା ଓ ଆଶାର ଦିଗ୍‌ଦର୍ଶନ

ମନସିଜ୍ ଦାସ

ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନ ଅନେକ । ଏଠି ସାଧନ ଅଛି, ସମ୍ଭାବନା ବି ରହିଛି । ଏଠାରେ ଭରପୁର ଭିତ୍ତିଭୂମି ରହିଛି । ଶ୍ରମଶକ୍ତି ଅଛି, ଯୁବ ଶକ୍ତି ବି ରହିଛି । ହେଲେ ଉଡ଼ାଣରେ ଇନ୍ଧନ ଭରିବା ପାଇଁ ଆବଶ୍ୟକ ଏକ ଉପଯୁକ୍ତ ଯୁବନୀତି । ସରକାର ଯୁବପିଢ଼ିଙ୍କୁ ଉତ୍କର୍ଷର ଶିଖରରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି । ହେଲେ ଏହା ଯଥେଷ୍ଟ ହେଉନାହିଁ । ନିଯୁକ୍ତି ବଜାରରେ ମୁକାବିଲା କରିବା ଭଳି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ । ନବସୃଜନକୁ ପ୍ରୋତ୍ସାହନ ପାଇଁ ନୂଆ କିଛି କରିବାକୁ ପଡ଼ିବ । କାରଣ ଦକ୍ଷତାର ଉପଯୁକ୍ତ ବିନିଯୋଗ ନ ହେଲେ ଯୁବପିଢ଼ି ବିପଥଗାମୀ ହେବେ କିମ୍ବା ହତୋତ୍ସାହିତ ହୋଇ ନିଜକୁ ହିଁ ଶେଷ କରିଦେବେ । ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଓଡ଼ିଶାର ମାଟିତଳେ ଖଣିଜ ସଂପଦ ଭରି ରହିଥିବାବେଳେ ମାଟି ଉପରେ ଅନେକ ନଦନଦୀ ରହିଛି । ଏହାସହ ବିସ୍ତୀର୍ଣ୍ଣ ବେଳାଭୂମିକୁ ନେଇ ସମୃଦ୍ଧିର ସମ୍ଭାବନା ରହିଛି । ରାଜ୍ୟର ଖଣିଜ ସଂପଦକୁ ଭିତ୍ତି କରି ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଅନେକ ବୃହତ୍ ଶିଳ୍ପ, ରାଉରକେଲାରେ ଇସ୍ପାତ କାରଖାନା, କୋରାପୁଟର ଦାମନଯୋଡ଼ି ଠାରୁ ଆରମ୍ଭ କରି ଅନୁଗୁଳ, ଝାରସୁଗୁଡ଼ାରେ ଅନେକ ଶିଳ୍ପ ଗଢ଼ି ଉଠିଛି । ଆଗକୁ ମଧ କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବୃହତ ଶିଳ୍ପ ମୁଣ୍ଡ ଟେକିବାର ସମ୍ଭାବନା ରହିଛି । ଓଡ଼ିଶାର ଯୁବକମାନେ ମୁଖ୍ୟତଃ ଶିକ୍ଷା, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗ ଉପରେ ଧ୍ୟାନ ଦେଉଛନ୍ତି । ଏହି ସମୟରେ ସେମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବ ଭଳି ଚ୍ୟାଲେଞ୍ଜ ସହିତ ମଧ ସଂଘର୍ଷ କରୁଛନ୍ତି । ସ୍ଥିର ଓ ଗୁଣାତ୍ମକ ଚାକିରି ପାଇବା ଏକ ପ୍ରାଥମିକ ଚିନ୍ତାଧାରା ।

ଓଡ଼ିଶା ଅନେକ ସଫଳ ଯୁବ ଉଦ୍ୟୋଗୀ ସୃଷ୍ଟି କରିପାରିଛି । ଯେମିତି କି 'ଓୟୋ'ର ପ୍ରତିଷ୍ଠାତା ରାୟଗଡ଼ାର ରିତେଶ ଅଗ୍ରୱାଲ କମ ବୟସରେ ହୋଟେଲ ବ୍ୟବସାୟ ଆରମ୍ଭ କରି ଦେଶରେ ଚର୍ଚ୍ଚିତ ହୋଇପାରିଛନ୍ତି । ସେହିପରି ଦୁଗ୍ଧ ପ୍ରକ୍ରିୟାକରଣ ସଂସ୍ଥା ମିଲକ ମନ୍ତ୍ରାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲା ଗୋବିନ୍ଦପୁରର ରାମଜିତ୍ ଟୁଡୁ ସାନ୍ତାଳୀ ଭାଷାର ଅଲଚିକି ଲିପିକୁ ଡିଜିଟାଇଜେସନ କରି ଅନେକଙ୍କ ପାଇଁ ହିରୋ ପାଲଟି ଯାଇଛନ୍ତି । କୋରାପୁଟ ଜିଲ୍ଲା ବୈପାରିଗୁଡ଼ାର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଦେଶୀ ଧାନ ବିହନ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆମେରିକାର ସାନ୍‌ଫ୍ରାନସିସ୍‌କୋସ୍ଥିତ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଆକ୍ସନ ଫର ନେଚର ପକ୍ଷରୁ ଅଗଷ୍ଟ ମାସରେ ୟଙ୍ଗ ଇକୋ ହିରୋ ପୁରସ୍କାର ପାଇଛନ୍ତି । ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଧ୍ରିତିମୋକ୍ଷା ପାଣିଗ୍ରାହୀ ଅଣୁଅସ୍ତ୍ର ନିରସ୍ତ୍ରୀକରଣ ଅଭିଯାନରେ ଜାତିସଂଘ ଯୁବଗୋଷ୍ଠୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଓଡ଼ିଶା ଯୁବ ନବସୃଜନ ପାଣ୍ଠି ଯୋଜନା ଏବଂ ନାନୋ ୟୁନିକର୍ଣ୍ଣ ଯୋଜନା ନବସୃଜନଶୀଳ ଚିନ୍ତାଧାରାକୁ ବ୍ୟବସାୟରେ ପରିଣତ କରିବା ପାଇଁ ପାଣ୍ଠି, ପରାମର୍ଶ ପ୍ରଦାନ କରୁଛି । ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ ଓଡ଼ିଶା ପଦକ୍ଷେପ ମାଧ୍ୟମରେ ସହାୟକ ପରିବେଶ ପ୍ରତିଷ୍ଠା କରିଛନ୍ତି ।

ଭବିଷ୍ୟତ ପ୍ରତିଶ୍ରୁତିପୂର୍ଣ୍ଣ ହୋଇଥିଲେ ମଧ, ଅନେକ ଚ୍ୟାଲେଞ୍ଜ ରହିଛି । ରାଜ୍ୟରେ ଏକ ବୃହତ୍ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୬୨% ସହିତ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି । ତେଣୁ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ପାଇଁ ଏହାର ଯୁବଶକ୍ତିକୁ ବ୍ୟବହାର କରିବାକୁ ଓଡ଼ିଶା ଭଲ ସ୍ଥିତିରେ ଅଛି । ଏହି ସମ୍ଭାବନାକୁ ସାକାର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ବିଶାଳ ଯୁବ ଜନସଂଖ୍ୟା ରାଜ୍ୟ ଜନସଂଖ୍ୟାର ୪୦%ରୁ ଅଧିକଙ୍କ ସାମୂହିକ ଶକ୍ତି ଓ ସମ୍ଭାବନାକୁ ଅତୁଲ୍ୟ ବୋଲି ବିବେଚନା କରାଯାଏ । ଭାରତର ମୋଟ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ୩୫ ବର୍ଷରୁ କମ ବୟସର । ଏଥିପାଇଁ ବିଶ୍ୱର ସବୁଠାରୁ ଯୁବ ଶ୍ରମଶକ୍ତି ମଧ୍ୟରେ ଭାରତ ସ୍ଥାନ ପାଇଛି । ଏହି ଯୁବଶକ୍ତି ଦେଶର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ହୋଇପାରେ । ଏଥିପାଇଁ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରାଯିବା ଆବଶ୍ୟକ । ତେବେ ଯୁବ ଶ୍ରମଶକ୍ତିର ସଦବ୍ୟବହାର କରାନଗଲେ ସାମାଜିକ ଅସ୍ଥିରତା ସୃଷ୍ଟି ହୋଇପାରେ । ଏକ ସର୍ଭେ ଅନୁଯାୟୀ ୨୦୨୫ ଏପ୍ରିଲରେ ଦେଶର ସମଗ୍ର ବେକାରି ହାର ୫.୧ ପ୍ରତିଶତ ରହିଥିଲା । ସେହିପରି ସହରାଞ୍ଚଳର ଯୁବକମାନେ ଗ୍ରାମାଞ୍ଚଳ ଯୁବକଙ୍କ ତୁଳନାରେ ବେକାର ହେବାର ଆଶଙ୍କା ଅଧିକ । କାରଣ ସହରରେ ଉଚ୍ଚ ଆଶା, ଅଧିକ ପ୍ରତିଯୋଗିତା ଏବଂ ଜୀବନଯାପନ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ ।

ଦକ୍ଷତା ବିକାଶ, ଉଦ୍ୟୋଗ ଓ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ଦ୍ୱାରା ଯୁବ ସମାଜର ଭବିଷ୍ୟତକୁ ଏକ ସୁବର୍ଣ୍ଣ ଯୁଗ ଭାବରେ କଳ୍ପନା କରାଯାଇଛି । ରାଜ୍ୟ ସରକାର ଏହାର ଯୁବ ଜନସଂଖ୍ୟାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଆଇଟି, କୃଷି ଓ ଉତ୍ପାଦନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ରାଜ୍ୟ ସରକାର ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଇ-ସ୍କିଲିଂ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ସମନ୍ୱିତ କରିବା ପାଇଁ ନୂଆ ଓଡ଼ିଶା ଏବଂ ସ୍କିଲ ଭିଜନ-୨୦୩୦ ଭଳି ପଦକ୍ଷେପ ନେଇଛନ୍ତି । ନିଯୁକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ବାଣିଜ୍ୟ, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ସହଭାଗୀତା ଉପରେ ଧ୍ୟାନ ଦିଆଯାଉଛି । ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯାଉଛି । ଚାକିରି ବଜାରରେ ଯୁବପିଢ଼ିଙ୍କ ହତାଶା ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦକ୍ଷତାର ଅସମାନତା ଏବଂ ଆର୍ଥିକ ଚାପର ଜଟିଳ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷିତଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ସାମାଜିକ ସ୍ଥିରତା ଉପରେ ନାକାରାତ୍ମକ ପ୍ରଭାବ ପକାଉଛି । ନିଯୁକ୍ତି ପରୀକ୍ଷାରେ ଅନିୟମିତତା ମଧ ଯୁବପିଢ଼ିଙ୍କୁ ହତାଶ କରୁଛି ।

ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତିଦାତାଙ୍କ ପ୍ରକୃତ ଚାହିଦା ମଧ୍ୟରେ ପ୍ରାୟତଃ ବ୍ୟବଧାନ ରହିଥାଏ । ପାଠ୍ୟକ୍ରମ ପ୍ରାୟତଃ ଅତ୍ୟଧିକ ତାତ୍ତ୍ୱିକ ହୋଇଥାଏ । ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଯଥା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଯୋଗୁ ସମୟ ସହିତ ତାଳ ଦେଇ ନପାରି ଡିଗ୍ରୀଧାରୀମାନେ ଉପଲବ୍ଧ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି । ଏହା ସହ ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧିର ଅଭାବ କାରଣରୁ ପର୍ଯ୍ୟାପ୍ତ ଗୁଣାତ୍ମକ ଚାକିରି ମିଳୁଛି । ଯୋଗ୍ୟତା ଅନୁସାରେ ଚାକିରି ମିଳୁ ନଥିବାରୁ ବାଧ ହୋଇ କମ ଦରମାରେ କାମ କରୁଛନ୍ତି । ଦୀର୍ଘକାଳୀନ ବେକାରି ଅର୍ଥାଭାବରୁ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଅବସାଦ ଚାପ ବଢ଼ିଥାଏ । ଦକ୍ଷ ଯୁବପିଢ଼ି କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ଅଧିକ । ଚାହିଦା ଅନୁଯାୟୀ ଦକ୍ଷତା ଏବଂ ବୃତ୍ତିଗତ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାନୁଷ୍ଠାନ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ରଖି ବଜାର ଆବଶ୍ୟକତା ସହିତ ପାଠ୍ୟକ୍ରମକୁ ସଜାଡ଼ିବାକୁ ପଡ଼ିବ । ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପାଣ୍ଠି, ପରାମର୍ଶ ଓ ସହାୟତାର ଆବଶ୍ୟକତା ରହିଛି । ଏଥିସହ ଯୁବପିଢ଼ିଙ୍କୁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା
ର-ଜ୍ଞବସକ୍ଷ : ଜ୍ଞବଭବସ୍ୱସହୟବସ୍ପଅଜ୍ୱରୟସଲଲଜ୍ଞବସକ୍ଷ.ମକ୍ଟଜ୍ଞ

ଆଧ୍ୟାତ୍ମିକ ଚେତନା, ରାମାୟଣ ଓ ରାମମୟ ଭାରତ

ସୌର ଚନ୍ଦ୍ର ମହାପାତ୍ର

ନୈତିକ ମୂଲ୍ୟବୋଧ ଏବଂ ଚିରନ୍ତନ ସତ୍ୟର ଭିତ୍ତିଭୂମି ଉପରେ ରାମାୟଣର ରଚନା କରାଯାଇଛି । ରାମାୟଣ ରଚନା ହେବା ଦିନ ଠାରୁ ଏହାର ମୁଖ୍ୟ ଚରିତ୍ର ଶ୍ରୀରାମ ଏବଂ ମା ସୀତା ମାନବ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ପ୍ରଭାବିତ କରି ଆସୁଛନ୍ତି । ତେଣୁ ଏହି ଦୁଇ ଚରିତ୍ରଙ୍କୁ ଆମେ ପରଂ ବ୍ରହ୍ମ ଭାବେ ସମ୍ମାନ ଏବଂ ଭକ୍ତି ଅର୍ପଣ କରିଆସୁଛୁ । ରାମାୟଣ ଆମକୁ ଏହି ଶିକ୍ଷା ଦେଇ ଆସିଛି ଯେ ଅଧର୍ମ ଯେତେ ଶକ୍ତିଶାଳୀ ହେଲେ ମଧ ତାହାର ବିନାଶ ନିଶ୍ଚିତ ହେବ ଏବଂ ଯେତେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ ଧର୍ମର ବିଜୟ ହେବ । ରାବଣଙ୍କ ଚରିତ୍ରରୁ ଆମେ ଏହି ଶିକ୍ଷା ଲାଭ କରିଛେ । ଶ୍ରୀରାମଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ନୈତିକ ମୂଲ୍ୟବୋଧର ଏକ ଉତ୍ତମ ସମନ୍ୱୟ ହୋଇଥିବା ଦେଖିବାକୁ ମିଳେ । ଉତ୍ତମ ଚରିତ୍ର ବିନା ଆଧ୍ୟାତ୍ମିକ ଭିତ୍ତିଭୂମି ପ୍ରତିଷ୍ଠା ସମ୍ଭବ ନୁହେଁ ଏବଂ ନୈତିକ ଶୃଙ୍ଖଳା ନଥିଲେ ଉତ୍ତମ ଚରିତ୍ର ଗଠନ ସମ୍ଭବ ନୁହେଁ । ଧର୍ମରେ ଥିବା ନିୟମଗୁଡ଼ିକୁ ଶ୍ରୀରାମ ପାଳନ କରି ନିଜକୁ, ନିଜର ଲୋକମାନଙ୍କୁ ଏବଂ ପ୍ରତ୍ୟେକଙ୍କୁ ବିଭିନ୍ନ କ୍ଷେତ୍ରରେ ରକ୍ଷା କରିଛନ୍ତି ।

ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଆଲୋଚନା କରିବାବେଳେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ରାମକଥା ରସ ବାହିନୀର ଆଲୋଚନା ମନେପଡୁଛି । ରାମ ପ୍ରତ୍ୟେକ ପ୍ରାଣୀର ଅନ୍ତରବାସୀ ଆତ୍ମାରାମ । ଅନ୍ତର ଭିତରୁ ଜାଗ୍ରତ ହେଉଥିବା ତାଙ୍କର ଆଶୀର୍ବାଦ ସମସ୍ତଙ୍କୁ ଶାନ୍ତି ଓ ଆନନ୍ଦ ଦେବାକୁ ସମର୍ଥ । ସେ ଧର୍ମସ୍ୱରୂପ, ଯେଉଁ ଧର୍ମ ସାରା ମଣିଷ ଜାତିକୁ ପ୍ରେମ ଓ ଐକ୍ୟଭାବରେ ବାନ୍ଧି ରଖିପାରେ । ରାମାୟଣ ଆମକୁ ମୁଖ୍ୟତଃ ଦୁଇଟି ଶିକ୍ଷା ପ୍ରଦାନ କରେ, ବୈରାଗ୍ୟର ମହତ୍ତ୍ୱ ଏବଂ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ପ୍ରତିଷ୍ଠିତ ଦୈବତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା । ମନୁଷ୍ୟର ମୁକ୍ତି ସମ୍ଭବ ଗଭୀର ଈଶ୍ୱର ବିଶ୍ୱାସ ଏବଂ ସଂସାର ପ୍ରତି ନିରାସକ୍ତି ଦ୍ୱାରା । ଇନ୍ଦ୍ରିୟସର୍ବସ୍ୱ ବସ୍ତୁ ପରିତ୍ୟାଗ କଲେ, ଆମେ ରାମଙ୍କୁ ପାଇପାରିବା ।

ରାମ କଥା ରସ ଯୁଗ ଯୁଗ ଧରି କୋଟି କୋଟି ଆବାଳ ବୃଦ୍ଧ ବନିତାଙ୍କର ଆଶ୍ରୟ ହୋଇ ଆସିଛି । ଦୁଃଖ ସମୟରେ ସାନ୍ତ୍ୱନା, ନିରାଶା ସମୟରେ ଆଶା, ସଂଶୟରେ ଦୋଳାୟମାନ ବ୍ୟକ୍ତି ପାଇଁ ଦୃଢ଼ତା ଏବଂ ପରାଜୟର ଗ୍ଲାନି ଆଗରେ ବିଜୟର ଭରସା ଘେନି ଅନନ୍ତ କାଳରୁ ମଣିଷ ପାଖରେ ଠିଆ ହୋଇ ଆସିଛି ଏହି ରାମକଥାର ରସମୟ କାହାଣୀ । ଏହି କାହାଣୀ ଈଶ୍ୱରଙ୍କର ମନୁଷ୍ୟ ଭାବରେ ମନୁଷ୍ୟ ମାନଙ୍କ ସହିତ ଚାଲବୁଲ କରିବା, ମନୁଷ୍ୟ ମାନଙ୍କ ସହିତ ହସିବା ଓ କାନ୍ଦିବାର କାହାଣୀ, ଉତ୍ତମ ଓ ଅଧମ, ମୁନି ଓ ରାକ୍ଷସ, ପଶୁ ଓ ପକ୍ଷୀ, ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତଙ୍କୁ ପରମ ଜ୍ଞାନର ଆଲୋକ ଦେଖାଉଥିବା ଈଶ୍ୱରଙ୍କ କାହାଣୀ । ମନୁଷ୍ୟ ହୃଦୟର ସୂକ୍ଷ୍ମ ତନ୍ତ୍ରୀରେ କରୁଣା, ଭକ୍ତି, ଉଲ୍ଲାସ, ପ୍ରେମ ଏବଂ ସମର୍ପଣର ଦିବ୍ୟ ଧ୍ୱନି ସଂଚାର କରି ମନୁଷ୍ୟକୁ ପଶୁ ଅବସ୍ଥାରୁ ପଶୁପତି ଅବସ୍ଥାକୁ ଘେନି ଯିବାର ଅନବଦ୍ୟ କାହାଣୀ ଏହି ରାମାୟଣ । ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ । କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ ଏହା ଆହୁରି ପ୍ରାଚୀନ । ପ୍ରଥମେ ବାଲ୍ମୀକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ । ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ । ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ । ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି ।

ମନୁଷ୍ୟ ଇତିହାସରେ ଏପରି ଅନ୍ୟ କୌଣସି କଥା ନାହିଁ ଯାହା ଆମର ମନ ଓ ଚିତ୍ତ ଉପରେ ଏପରି ଗଭୀର ପ୍ରଭାବ ବିସ୍ତାର କରିପାରିଛି । ଇତିହାସ ଓ ଭୂଗୋଳର ସମସ୍ତ ସୀମା ଉଲ୍ଲଙ୍ଘନ କରି ଯୁଗ ଯୁଗ ଧରି ମନୁଷ୍ୟର ଆଚାର-ବିଚାରକୁ ଗଢ଼ି ଆସିଛି ରାମକଥା । ଦେଶ-କାଳ ଅତିକ୍ରମ କରି ରୁଗ୍ଣ ଓ ବିଭ୍ରାନ୍ତ ମନୁଷ୍ୟଜାତିକୁ ଆରୋଗ୍ୟର ରସାୟନ ପ୍ରଦାନ କରି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାଟରେ ବାଟ କଢ଼ାଇ ଆସିଛି ରାମାୟଣ । ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ । ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ । ରାମାୟଣରେ ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି । ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ । ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ । ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ । ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି ।

ଯେଉଁ ସାଇଙ୍କର ସଂକଳ୍ପରୁ ହିଁ ରୂପ ପରିଗ୍ରହ କରିଛି ଏ ବିଶ୍ୱର ସ୍ଥିତି ଓ ଇତିହାସ, ଯିଏ ଏହାର କାହାଣୀର ରଚୟିତା ଓ ଅଭିନେତା ସାକ୍ଷୀ ଓ ସାକ୍ଷ୍ୟ, ସେ ହିଁ କାଳର ଅନନ୍ତ ବକ୍ଷରେ ଆପଣାକୁ ପ୍ରକଟ କରି ଆସୁଛନ୍ତି, ଆଉ ସେ ରାମ ଅବତାରରେ ଯେଉଁ ଅଭିନୟ କରିଥିଲେ ଆମର ସୌଭାଗ୍ୟକୁ ଆଜି ତାକୁ ପୁନଶ୍ଚ ବର୍ଣ୍ଣନା କରିବାକୁ ଇଚ୍ଛା କରିଛନ୍ତି । ସେ ତ୍ରେତା ଯୁଗରେ ରାମ ରୂପରେ, ଲୋକଙ୍କୁ ଯେପରି ଉପଦେଶ ଦେଉଥିଲେ, ପଥଭ୍ରଷ୍ଟ ଲୋକଙ୍କୁ ପୁଣି ବାଟକୁ ଆଣୁଥିଲେ, ଦୁଃଖକଷ୍ଟରେ ପୀଡ଼ିତ ମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ପ୍ରଦାନ କରୁଥିଲେ, ଆଜି ବି ସାଇରାମ ରୂପରେ ତାହା ହିଁ କରୁଛନ୍ତି । ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଅଗଣିତ ଆଶ୍ରିତଙ୍କ ପାଇଁ ଆଧ୍ୟାତ୍ମିକ ପତ୍ରିକା ସନାତନ ସାରଥୀର ଯେଉଁ ଶୁଭାରମ୍ଭ କରିଛନ୍ତି ସେଥିରେ ରାମକଥା ରସବାହିନୀ ସାତ ବର୍ଷରୁ ଉର୍ଦ୍ଧ୍ୱକାଳ ନିୟମିତ ପ୍ରକାଶିତ ହୋଇ ଆସିଛି । ପାଠକମାନେ ଅନୁଭବ କରୁଥିଲେ ରାମକଥା ସତେ ଯେମିତି ବର୍ତ୍ତମାନ ସେଇମାନଙ୍କର ଆଖି ଆଗରେ ଘଟି ଚାଲିଛି । ସେମାନେ ଅନୁଭବ କରୁଥିଲେ ରାମ ଓ ସାଇରାମଙ୍କ ଜୀବନର ଅପୂର୍ବ ସାମ୍ୟ । ରାମାୟଣରେ ତ୍ୟାଗ, ଭକ୍ତି, ନୈତିକ ମୂଲ୍ୟବୋଧ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଂଗମ ହୋଇଥିବା ଆମେ ଦେଖିବାକୁ ପାଇଥାଉ । ଏହି କାରଣ ଯୋଗୁ ଶିରିଡ଼ିର ସାଇବାବା ସବୁବେଳେ ରାମ ବିଜୟ ପାଠ କରିବା ନିମନ୍ତେ ଭକ୍ତମାନଙ୍କୁ ପରାମର୍ଶ ଦେଉଥିଲେ । ରାମାୟଣ ହେଉଛି ଏକ ଜୀବନ କାବ୍ୟ ବୋଲି କୁହାଯାଏ । ଆଜିର ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କଥା ମନେପଡ଼େ । ଯେ କି ସବୁବେଳେ ରାମରାଜ୍ୟର ପରିକଳ୍ପନା କରୁଥିଲେ । ସେ ତାଙ୍କର ପ୍ରାର୍ଥନା ସଭାରେ ରାମଧୂନ ଗାନ କରୁଥିଲେ ଓ ସମସ୍ତଙ୍କୁ ଏଥିପାଇଁ ଉତ୍ସାହିତ କରୁଥିଲେ ସେ ଆତତାୟୀଙ୍କ ଗୁଳିରେ ଶିକାର ହେବା ସମୟରେ ତାଙ୍କର ଶେଷ ଶବ୍ଦଟି ଥିଲା 'ହେ ରାମ' ଏଥିରୁ ଭାରତର ସାଂସ୍କୃତିକ, ପୌରାଣିକ, ସାମାଜିକ ଜୀବନର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯେ ରାମ ହିଁ ସବୁ କିଛି ତାହା ଆମେ ଶିକ୍ଷା ପାଇଛେ । ଆସନ୍ତୁ ସମ ସ୍ୱରରେ ସମସ୍ତେ କହିବା ଜୟ ଶ୍ରୀରାମ ।

ଆଞ୍ଚଳିକ ମନ୍ଥନ

ରବିବାର,୭,ଜୁନ,୨୦୨୬ Sunday,7 June 2026, Bhubaneswar

ଆମକୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛି ଇରାନ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଲେବାନନ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଇରାନ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ବିବାଦରେ ଲେବାନନକୁ ଇରାନ ନିଜ ସ୍ୱାର୍ଥ ପାଇଁ ଏକ ମୋହରା ଭାବରେ ବ୍ୟବହାର କରୁଛି । ଏକ ସାକ୍ଷାତକାରରେ, ଆଉନ୍ କହିଛନ୍ତି, ଲେବାନନ ଲୋକମାନେ ଯୁଦ୍ଧ ଯୋଗୁଁ ହଇରାଣ ହେବାରେ ଲାଗିଛନ୍ତି । ସେମାନେ ଏବେ ଶାନ୍ତି ଚାହୁଁଛନ୍ତି । ଲେବାନନ୍ ଲୋକମାନେ ସମ୍ମାନ ଏବଂ ସୁରକ୍ଷାର ଜୀବନ ବଞ୍ଚିବା ପାଇଁ ଯୋଗ୍ୟ । ସେମାନେ ପ୍ରତି କିଛି ବର୍ଷ

ଅନ୍ତରରେ ସେମାନଙ୍କର ଘର ନଷ୍ଟ ହେଉ ବୋଲି ଚାହାଁନ୍ତି ନାହିଁ । ୧୯୮୦ ଦଶକରେ ଇରାନ ସମର୍ଥନରେ ଗଠିତ ହିଜବୋଲ୍ଲା ଇସ୍ରାଏଲ ବିରୋଧରେ ଅନେକ ଯୁଦ୍ଧ କରିଛି । ଚଳିତ ବର୍ଷ, ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ, ହିଜବୁଲ୍ଲା ଇସ୍ରାଏଲ ଉପରେ ରକେଟ ମାଡ଼ କରିଥିଲା । ପରବର୍ତ୍ତୀ ସମୟରେ ଇସ୍ରାଏଲ ଲେବାନନରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଥିଲା । ଏହି ଆକ୍ରମଣରେ ୩,୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଦେଶର ପ୍ରାୟ ୨୦% ଜନସଂଖ୍ୟା ବାଧ୍ୟ ହୋଇ ନିଜ ଭିଟାମାଟି ଛାଡିଛନ୍ତି । ଲେବାନନ ସରକାର ଦୀର୍ଘ ଦିନ ଧରି ବିଦେଶୀ ହସ୍ତକ୍ଷେପ, ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ଆଞ୍ଚଳିକ ସଂଘର୍ଷ ସହିତ ସଂଘର୍ଷ କରିଆସୁଛନ୍ତି । ଆଉନ୍ କହିଛନ୍ତି, ଇସ୍ରାଏଲ ସହିତ ସଂଘର୍ଷ ସମାପ୍ତ କରିବା ପାଇଁ ତାଙ୍କ ସରକାର ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ରକୁ ନିୟନ୍ତ୍ରଣ କରିବା ଏବଂ ପ୍ରଭାବ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍ଜିସି)କୁ ଟାର୍ଗେଟ କରି ରାଷ୍ଟ୍ରପତି କହିଛନ୍ତି, ''ଏହା ତୁମର ଦେଶ ନୁହେଁ, ଏହା ଆମର ଦେଶ । ଇରାନ ଆମେରିକା ସହିତ ଆଲୋଚନାରେ ଲେବାନନକୁ ବ୍ୟବହାର କରୁଛି । ଲେବାନନବାସୀ ଏହାର ମୂଲ୍ୟ ଦେଉଛନ୍ତି । ଆମର ସ୍ୱାର୍ଥ ଏବଂ ଇରାନର ସ୍ୱାର୍ଥ ସମାନ ନୁହେଁ ।''

ଡିସେମ୍ବର ସୁଦ୍ଧା ତାପମାତ୍ରା ଆହୁରି ୪ ଡିଗ୍ରି ବୃଦ୍ଧି ପାଇବ !

ନୂଆଦିଲ୍ଲୀ,୬।୬(ଏଜେନ୍ସି): ମେ' ଏବଂ ଜୁନ୍ ମାସର ଗରମ ଲୋକଙ୍କୁ ହଇରାଣ କରିଛି । ପାରଦ ୪୫ ଡିଗ୍ରି ଅତିକ୍ରମ କରିସାରିଛି । ପାଣିପାଗ ବିଜ୍ଞାନୀମାନେ ଏକ ଭୟଙ୍କର ଚେତାବନୀ ଦେଇଛନ୍ତି ଯେ ବର୍ତ୍ତମାନର ଗରମ ଏହି ତୁଳନାରେ କିଛି ନୁହେଁ । ସୁପର କମ୍ପ୍ୟୁଟର ଏବଂ ବିଶ୍ୱ ପାଣିପାଗ ମଡେଲରୁ ନୂତନ ତଥ୍ୟ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି । ଚଳିତ ବର୍ଷର ଏଲ୍ ନିନୋ ସମସ୍ତ ଗରମ ରେକର୍ଡ ଭାଙ୍ଗି ଦେବ । ଚଳିତ ବର୍ଷ ଏବଂ ୨୦୨୭ ମସିହାରେ ବିଶ୍ୱ ଏକ ବଡ଼ ପାଗ ସଙ୍କଟର ସମ୍ମୁଖୀନ ହୋଇପାରେ । ଏକ ନୂତନ ପୂର୍ବାନୁମାନ ଆଧାରରେ, ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି ଯେ ଏହି ବର୍ଷର ଏଲ୍ ନିନୋ ସବୁଠାରୁ ଶକ୍ତିଶାଳୀ ଏବଂ ବିପଜ୍ଜନକ ହୋଇପାରେ । ଏହି ଘଟଣା ଯୋଗୁଁ ସାରା ବିଶ୍ୱରେ ତାପମାତ୍ରା ରେକର୍ଡ ସ୍ତରକୁ ବୃଦ୍ଧି ପାଇବ, ଯାହାର ସିଧାସଳଖ ପ୍ରଭାବ କୃଷି କ୍ଷତି ଠାରୁ ଆରମ୍ଭ କରି ଜଳ ଅଭାବ ପର୍ଯ୍ୟନ୍ତ ପଡ଼ିବ । ଲାଇଭ୍ ସାଇନ୍ସ ଅନୁଯାୟୀ, ୟୁରୋପୀୟ ସେଣ୍ଟର ଫର ମିଡିୟମ୍-ରେଞ୍ଜ ୱେଦର ଫୋରକାଷ୍ଟସ୍ (ଇସିଏମଡବ୍ଲ୍ୟୁଏଫ) ଆକଳନ କରିଛି ଯେ ଏଲ୍ ନିନୋ ଯୋଗୁଁ, କେନ୍ଦ୍ରୀୟ ବିଷୁବରେଖା ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ହାରାହାରିଠାରୁ ୫.୪ ଡିଗ୍ରି ଫାରେନହାଇଟ୍ ବା ୩ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇପାରେ । କିଛି ଆକଳନ ଅନୁଯାୟୀ ତାପମାତ୍ରା ୭.୨ ଡିଗ୍ରି ଫାରେନହାଇଟ୍ ବା ୪ ଡିଗ୍ରି ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସୃଷ୍ଟି ହୋଇଛି,ଯାହା ଏପର୍ଯ୍ୟନ୍ତ ସବୁଠାରୁ ବିନାଶକାରୀ ତାପ ଆଣିଛି । ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଚଳିତ ବର୍ଷର ଏଲ୍ ନିନୋ ସମସ୍ତ ପୂର୍ବ ରେକର୍ଡ ଭାଙ୍ଗି ଦେବ । ସାରା ବିଶ୍ୱରେ ପାଗ ଉପରେ ନଜର ରଖୁଥିବା ବୈଜ୍ଞାନିକ ସଂଗଠନଗୁଡ଼ିକ ଏକ ଭୟଙ୍କର ଚେତାବନୀ ଜାରି କରିଛନ୍ତି । ୟୁରୋପୀୟ ମଧ୍ୟମ-ପରିସର ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ନୂତନ ତଥ୍ୟ ଏବଂ ପୂର୍ବାନୁମାନ ମଡେଲ ଅନୁଯାୟୀ, ଏହି ବର୍ଷର ଏଲ୍ ନିନୋ ମାନବ ଇତିହାସର ସବୁଠାରୁ ବିପଜ୍ଜନକ ଏବଂ ଉତ୍ତପ୍ତ ପ୍ରମାଣିତ ହୋଇପାରେ । ଏଲ୍ ନିନୋ ଚଳିତ ବର୍ଷ ଭାରତ ସମେତ ଅନେକ ଦେଶକୁ ପ୍ରଭାବିତ କରୁଛି, ଏହା ଏକ ପ୍ରାକୃତିକ ସମୁଦ୍ର ଚକ୍ର ଯାହା ପ୍ରଶାନ୍ତ ମହାସାଗରରେ ପ୍ରତି ଦୁଇ ରୁ ସାତ ବର୍ଷରେ ଘଟିଥାଏ । ଏହା ସମୁଦ୍ର ପୃଷ୍ଠର ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଏ, ପବନର ଦିଗ ପରିବର୍ତ୍ତନ କରେ । ଏହା ଫଳରେ ବିଶ୍ୱର ଅନେକ ସ୍ଥାନରେ ଭୟଙ୍କର ମରୁଡ଼ି, ଜଙ୍ଗଲ ନିଆଁ ଏବଂ ଭୟଙ୍କର ବନ୍ୟା ଦେଖାଯାଏ ।



ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏଲ୍ ନିନୋ ବିଷୟରେ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ, ଏହା ପୂର୍ବରୁ ଜଳୁଥିବା ଗ୍ରହର ନିଆଁରେ ଏଲ୍ ନିନୋ ଘିଅ ଢାଳିବ । ଏହାର ପ୍ରଭାବ ଦ୍ରୁତ ଗତିରେ ସୀମା ଅତିକ୍ରମ କରି ସମଗ୍ର ବିଶ୍ୱକୁ ଗ୍ରାସ କରିବ । ବୈଜ୍ଞାନିକମାନଙ୍କ ମତରେ, ଚଳିତ ବର୍ଷର ଏଲ୍ ନିନୋ ଘଟଣା ସେପ୍ଟେମ୍ବର ସୁଦ୍ଧା ଘଟିବାର ସମ୍ଭାବନା ୮୦% ଏବଂ ନଭେମ୍ବର ସୁଦ୍ଧା ୯୦% ରହିଛି । ଏହି ପାଗ ଚକ୍ର ଫସଲର ଗୁରୁତ୍ୱପୂର୍ଣ୍ଣ କ୍ଷତି କରିପାରେ । କୃଷି ଏବଂ ଖାଦ୍ୟ ଯୋଗାଣ ଉପରେ ସିଧାସଳଖ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଯାହା ଫଳରେ ମୁଦ୍ରାସ୍ଫୀତି ଏବଂ ଅନାହାରର ଆଶଙ୍କା ଆହୁରି ବଢ଼ିପାରେ ।

କଂଗ୍ରେସ ନେତ୍ରୀ ଅଲକା ଲାମ୍ବାଙ୍କୁ ଆଶ୍ୱସ୍ତି
୧ ଲକ୍ଷ ଟଙ୍କାର ବଣ୍ଡ ଦାଖଲ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୬।୬(ଏଜେନ୍ସି):ଦିଲ୍ଲୀର ସ୍ପେଶାଲ ରାଉଜ୍ ଆଭେନ୍ୟୁ କୋର୍ଟ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ବିଧାୟକ ଅଲକା ଲାମ୍ବାଙ୍କୁ ଏକ ଆନ୍ଦୋଳନ ସମ୍ପର୍କିତ ମାମଲାରେ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଅଦାଲତ ତାଙ୍କର ଭଲ ଆଚରଣକୁ ଆଧାର କରି ତାଙ୍କୁ ଗୋଟିଏ ବର୍ଷ ପାଇଁ ପ୍ରୋବେସନରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ କୋର୍ଟ ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି । ବାସ୍ତବରେ ପୂର୍ବରୁ ଏକ ପ୍ରତିବାଦ ପ୍ରଦର୍ଶନ ସହ ଜଡ଼ିତ ମାମଲାରେ ଶୁଣାଣି କରି କୋର୍ଟ ତାଙ୍କୁ ଆଇନଗତ ଭାବେ ଦୋଷୀ ସାବ୍ୟସ୍ତ କରିଥିଲେ, ଯାହାକୁ ନେଇ ଦିଲ୍ଲୀ ରାଜନୀତିରେ ବେଶ୍ ଚର୍ଚ୍ଚା ଚାଲିଥିଲା । ଘଟଣାର ପୃଷ୍ଠଭୂମି ଅନୁଯାୟୀ, ୨୦୨୪ ମସିହା ଜୁଲାଇ ମାସରେ

ଦିଲ୍ଲୀର ପ୍ରସିଦ୍ଧ ଜନ୍ତର ମନ୍ତରଠାରେ ମହିଳା ସଂରକ୍ଷଣ ବିଲ୍ ବିରୋଧରେ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଏହି ଆନ୍ଦୋଳନ ସମୟରେ ଘଟିଥିବା କେତେକ ଅପ୍ରୀତିକର ପରିସ୍ଥିତିକୁ ନେଇ କଂଗ୍ରେସ ନେତ୍ରୀ ଅଲକା ଲାମ୍ବାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ବିଚାର କରି ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ମଧ୍ୟ ସେ କୋର୍ଟଙ୍କ ନିକଟରେ ନିଜର ଉତ୍ତମ ଚରିତ୍ର ଓ ଭଲ ଆଚରଣ ପାଇଁ ବିଶେଷ ଆବେଦନ କରିଥିଲେ । ତାଙ୍କର ଏହି ଆବେଦନକୁ ଗ୍ରହଣ କରି ସାମ୍ପ୍ରତିକ ସ୍ଥିତିରେ କୋର୍ଟ ତାଙ୍କୁ ଜେଲ୍ ଦଣ୍ଡାଦେଶ ପରିବର୍ତ୍ତେ ଗୋଟିଏ ବର୍ଷ ପାଇଁ ପ୍ରୋବେସନରେ ମୁକ୍ତ ରଖିବାକୁ ଉଚିତ ମଣିଛନ୍ତି, ଯାହା ଫଳରେ ସେ ଆଗାମୀ ବର୍ଷେ ପାଇଁ ନ୍ୟାୟିକ ନଜରବନ୍ଦୀ କିମ୍ବା ଆଇନଗତ ଶୃଙ୍ଖଳା ମଧ୍ୟରେ ରହିବେ ।

ଦିଲ୍ଲୀର ନରେଲା ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଦିଲ୍ଲୀର ନରେଲା ଶିଳ୍ପାଞ୍ଚଳରେ ଥିବା ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡ ଖବର ଆସିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା । ଦମକଳ ବାହିନୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି । ଅନ୍ୟପକ୍ଷରେ ଦିଲ୍ଲୀ ପୁଲିସ ମାଲବ୍ୟ ନଗର ଅଗ୍ନିକାଣ୍ଡ ମାମଲାରେ ଜଣେ ରୋଷେୟାଙ୍କୁ ଗିରଫ କରିଛି । ଦିଲ୍ଲୀର ଫ୍ଲୋରିସ୍ ଷ୍ଟେ ହୋଟେଲ୍ ଅଗ୍ନିକାଣ୍ଡ ଘଟଣାରେ ୧୩ ବିଦେଶୀ ନାଗରିକଙ୍କ ସମେତ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ଅଧିକାରୀମାନେ ଶନିବାର କହିଛନ୍ତି । ପୁଲିସ କହିଛି ଯେ, ତଦନ୍ତରୁ ଜଣାପଡ଼ିଛି ରୋଷେୟାଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା । ଏହି ମାମଲାରେ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି । ଏହି ମାମଲାରେ ପୁଲିସ ହୋଟେଲ ମାଲିକ ଲଭକେଶ ବଜାଜ, ସ୍ୱିଟି ସରକାର ଓ ପୁଷ୍ପୋ ସରକାରଙ୍କୁ ଗିରଫ କରିଛି । ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା ।

ପଶ୍ଚିମବଙ୍ଗରେ ବିପୁଳ ଅବୈଧ ଅସ୍ତ୍ରଶସ୍ତ୍ର ଜବତ କଲା ଏସଟିଏଫ୍

ନୂଆଦିଲ୍ଲୀ,୬।୬(ଏଜେନ୍ସି):ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶନିବାର ରାଜ୍ୟରେ ଅବୈଧ ଅସ୍ତ୍ରଶସ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ନେଟୱର୍କକୁ ସଫଳତାର ସହିତ ଧରିବା ପାଇଁ ରାଜ୍ୟ ପୁଲିସକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, କଳା ଦିନ ଶେଷ ହୋଇଛି । ରାଜ୍ୟରେ ଶାନ୍ତି ଓ ଗଣତନ୍ତ୍ରର ଜୟ ହେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଥିଲେୟ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍ଟିଏଫ) ଗୁଇନ୍ଦା ତଥ୍ୟ ଆଧାରରେ କୁମ୍ରାଖାଲି, ବାସନ୍ତୀ ଓ ସନ୍ଦେଶଖାଲିରେ ସିରିଜ ଚଢାଉ କରି ବିପୁଳ ପରିମାଣର ବନ୍ଧୁକ ଓ ଗୁଳିଗୋଳା ଉଦ୍ଧାର କରିଥିଲା । ଅଧିକାରୀ 'ଏକ୍ସ'ରେ ସୂଚନା ଦେଇଛନ୍ତି ଯେ, ଶାନ୍ତି ଭଙ୍ଗ କରିବା ପାଇଁ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବେଆଇନ ବନ୍ଧୁକ ଓ ଗୁଳି ଜବତ ହୋଇଛି । ପଶ୍ଚିମବଙ୍ଗ ପୁଲିସର ପ୍ରଶଂସା କରି ଅଧିକାରୀ କହିଛନ୍ତି ଯେ, ଗୁଇନ୍ଦା ତଥ୍ୟ ଆଧାରରେ ଏସ୍ଟିଏଫ୍ କୁମ୍ରାଖାଲିର ସରବେରିଆ ବଜାର, ବାସନ୍ତୀ ଓ ସନ୍ଦେଶଖାଲି ଅଞ୍ଚଳରେ ବ୍ୟାପକ ଚଢ଼ଉ କରିଥିଲା । ପୂର୍ବ ସରକାରଙ୍କ ଶାସନ ସମୟରେ ବର୍ଷ ବର୍ଷ ଧରି ଏପରି ଅବୈଧ

ଅସ୍ତ୍ରଶସ୍ତ୍ର ଗଚ୍ଛିତ କରାଯାଇଥିଲା ଓ ସାଧାରଣ ନାଗରିକଙ୍କୁ ଆତଙ୍କିତ କରିବା ପାଇଁ ବ୍ୟବହାର କରାଯାଇଥିଲାୟ ହିଂସାର ଏହି ସଂସ୍କୃତି ଅନେକ ବିରୋଧୀ ଦଳର କର୍ମୀ ବିଶେଷକରି ବିଜେପି କାର୍ଯ୍ୟକର୍ତ୍ତାଙ୍କ ମୂଲ୍ୟବାନ ଜୀବନ ନେଇଥିଲା । ଅନ୍ୟପକ୍ଷରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପଶ୍ଚିମବଙ୍ଗର ଭାଙ୍ଗରରେ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ସନ୍ଦିଗ୍ଧ ପଳାତକ ପୂର୍ବତନ ବିଧାୟକ ସାଓକୋଟ ମୋଲ୍ଲାଙ୍କୁ ଗିରଫ କରିଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ବୋମା ତିଆରି ସମୟରେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଥିଲେ । ମୋଲ୍ଲାଙ୍କୁ ଦକ୍ଷିଣ ୨୪ ପର୍ଗଣା ଜିଲ୍ଲାରୁ ଗିରଫ କରାଯାଇଥିଲା ।

ଟିକିଏ ବି କ୍ଷତି ହେଲେ, ମିଳିବ ଉଚିତ ଜବାବ
ଜେଡ୍-ପ୍ଲସ୍ ସୁରକ୍ଷା ହଟିବା ନେଇ ସମ୍ରାଟ ଚୌଧୁରୀଙ୍କୁ ଧମକ ଦେଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ,୬।୬(ଏଜେନ୍ସି):ଲାଲୁ ଯାଦବ ଏବଂ ରାବ୍ରୀ ଦେବୀଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ବିହାରରେ ସେମାନଙ୍କ ସୁରକ୍ଷା ହଟାଇବା ନେଇ କ୍ରୋଧିତ ହୋଇଛନ୍ତି । ସେ ସୁରକ୍ଷା କଭର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଖୋଲାଖୋଲି ଧମକ ଦେଇଛନ୍ତି । ସେ କହିଛନ୍ତି ଯେ, ପରିବାରର କୌଣସି ସଦସ୍ୟଙ୍କ ଉପରେ ଆଘାତ ଲାଗିଲେ ପରିଣାମ କ'ଣ ହେବ ସେ ବିଷୟରେ ସରକାରଙ୍କର କୌଣସି ଧାରଣା ନାହିଁ । ସେ ସମ୍ରାଟଙ୍କୁ ଚେତାବନୀ ଦେଇ ଲେଖିଛନ୍ତି, ସମ୍ରାଟ ସରକାର ବୁଝିବା ଉଚିତ ଯେ ବିହାରର ଲକ୍ଷ ଲକ୍ଷ ଲୋକ ଲାଲୁ ଯାଦବ, ରାବ୍ରୀ ଦେବୀ ଏବଂ ସେମାନଙ୍କ ପରିବାର ପାଇଁ ପ୍ରକୃତ ସୁରକ୍ଷା ଢାଲ । ସାରା ଦେଶ ଏବଂ ସମଗ୍ର ବିହାର ଦେଖୁଛି ଯେ ବିହାରର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପରିବାରକୁ କିପରି ହଇରାଣ କରାଯାଉଛି । ବିହାରର ଲୋକମାନେ କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟର ଉଚିତ ଜବାବ ଦେବେ । ରୋହିଣୀ ଆଚାର୍ଯ୍ୟ ତାଙ୍କ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି ଯେ ସୁରକ୍ଷା କଭର ହ୍ରାସ କରିବା ପରେ ସୁରକ୍ଷା ପାଇଁ ଲୋକଦେଖାଣିଆ

ପଦକ୍ଷେପ ବଜାୟ ରଖିବାର କୌଣସି ଅର୍ଥ ନାହିଁ । ସମ୍ରାଟଙ୍କୁ ଟାର୍ଗେଟ କରି ସେ ଲେଖିଛନ୍ତି, ସାତ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ମୁଖ୍ୟମନ୍ତ୍ରୀଙ୍କ ସରକାରଙ୍କ ଦ୍ୱାରା ଲାଲୁ ଯାଦବ ଏବଂ ରାବ୍ରୀ ଦେବୀଙ୍କ ସୁରକ୍ଷା ହ୍ରାସ କରିବାର ନିଷ୍ପତ୍ତି କେବଳ ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ କ୍ଷତି ପହଞ୍ଚାଇବା ଏବଂ ଶାରୀରିକ ଭାବରେ ଆଘାତ ଦେବା ପାଇଁ ଉଦ୍ଦିଷ୍ଟ । ସୁରକ୍ଷା କଭର ହ୍ରାସ ପରେ ସୁରକ୍ଷା ଦିଆଯାଉଛି ବୋଲି ଅଭିନୟ କରିବାର କୌଣସି ଅର୍ଥ ନାହିଁ । ଏହି ପରିପ୍ରେକ୍ଷୀରେ, ରାବ୍ରୀ ଦେବୀ ତାଙ୍କ ସରକାରୀ ବାସଭବନରୁ ସୁରକ୍ଷା କର୍ମୀଙ୍କୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୂଚନାଯୋଗ୍ୟ, ଶନିବାର ଦିନ ଲାଲୁ ଯାଦବ ଏବଂ ରାବ୍ରୀ ଦେବୀ ସେମାନଙ୍କର ଜେଡ୍-ପ୍ଲସ୍ ସୁରକ୍ଷା ଫେରାଇ ଦେଇଛନ୍ତିୟ । ଏହା ସହିତ ତେଜସ୍ୱୀ ଯାଦବ ମଧ୍ୟ ତାଙ୍କର ୱାଇ-ପ୍ଲସ୍ ସୁରକ୍ଷା ଫେରାଇ ଦେଇଛନ୍ତି ଏବଂ ତାଙ୍କ ବାସଭବନରୁ ସମସ୍ତ ସୁରକ୍ଷା କର୍ମୀଙ୍କୁ ହଟାଇ ଦେଇଛନ୍ତି ।

ବଢ଼ିବ ଦରଦାମ୍,କମିବ ବିକାଶ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଚଳିତ ଆର୍ଥିକବର୍ଷରେ ଅର୍ଥନୀତିକୁ ଡବଲ୍ ଝଟକା ଲାଗିବ । ଦେଶର ଅର୍ଥନୈତିକ ଅଭିବୃଦ୍ଧି କମିଯିବ ଏବଂ ଦରଦାମ ବଢ଼ିଯିବ । ବିଶେଷକରି ସରକାରଙ୍କ ପକ୍ଷରୁ ଆଜି ପ୍ରକାଶିତ ରିପୋର୍ଟରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୭ ପ୍ରତିଶତ ରହିଥିବା ନେଇ ଦର୍ଶାଯାଇଥିବାବେଳେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ରିଜର୍ଭ ବ୍ୟାଙ୍କ ଦେଶର ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ନେଇ କରିଥିବା ପୂର୍ବାନୁମାନ ଚିନ୍ତା ବାଇ ଦେଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଭଳି ଭୂରାଜନୈତିକ ଅସ୍ଥିରତା, ଅଶୋଧିତ ତୈଳ ଦର ଉଚ୍ଚସ୍ତରରେ ରହିବା ସହିତ



ଏଲ୍ନିନୋ ଭାରତର ଅର୍ଥନୈତିକ ବିକାଶର ଗତିକୁ ମନ୍ଥର କରିବ । ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ ବୋଲି ପୂର୍ବରୁ ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିବାବେଳେ ଆଜି ତାହା ୬.୬ ପ୍ରତିଶତକୁ ଖସିଯିବ ବୋଲି ଆକଳନ କରାଯାଇଛି । ସେହିଭଳି ଚଳିତ ଆର୍ଥିକବର୍ଷରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫ ପ୍ରତିଶତକୁ ଟପିଯିବ ବୋଲି ଦର୍ଶାଇଛି । ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ରିପୋର୍ଟ ସାର୍ବଜନୀନ କରିବା ସମୟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଦେଶର ବିକାଶର ଗତି ମନ୍ଥର ହୋଇଯିବ । ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ । ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି । ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡ଼ିବ । ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫.୧ ପ୍ରତିଶତ ହୋଇଯିବ ବୋଲି ମଧ୍ୟ ଆକଳନ କରାଯାଇଛି ।

ଇ-୮୫ ଇନ୍ଧନକୁ ନେଇ ସୋସିଆଲ ମିଡିଆରେ ବ୍ୟାପକ ଗୁଜବ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଦେଶରେ ନୂତନ ଭାବେ ଆରମ୍ଭ ହୋଇଥିବା ଇ-୮୫ ଇନ୍ଧନକୁ ନେଇ ସୋସିଆଲ ମିଡିଆରେ ଚାଲିଥିବା ବିଭିନ୍ନ ଗୁଜବ ଏବଂ ଭ୍ରାନ୍ତ ଧାରଣା ଉପରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟୀକରଣ ଦେଇଛନ୍ତି । ସୋସିଆଲ ମିଡିଆରେ ଦାବି କରାଯାଉଥିଲା ଯେ, ସରକାର ଇ-୮୫ ଇନ୍ଧନକୁ ବାଧ୍ୟତାମୂଳକ କରି ସାଧାରଣ ପେଟ୍ରୋଲ ଓ ଡିଜେଲର ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେବେ, ଯାହାଦ୍ୱାରା ପୁରୁଣା ଗାଡ଼ି ମାଲିକମାନେ ଅସୁବିଧାରେ ପଡ଼ିବେ । ଏହି ଗୁଜବକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି ଦର୍ଶାଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଏହି ନୂଆ ଇନ୍ଧନ ୨୦ କିମ୍ବା ସାଧାରଣ ପେଟ୍ରୋଲ ଗାଡ଼ିଗୁଡ଼ିକ ବନ୍ଦ ହେବାର କୌଣସି ଆଶଙ୍କା ନାହିଁ । ଗ୍ରାହକମାନଙ୍କ ସଚେତନତା ପାଇଁ ଇ-୮୫ ପେଟ୍ରୋଲ ପମ୍ପ ଡିସପେନସରଗୁଡ଼ିକରେ କେବଳ ଇ୮୫-ଅନୁପାଳିତ ଗାଡ଼ି ପାଇଁ ବୋଲି ବଡ଼ ବୋର୍ଡ ଲଗାଯିବ । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଏହି ଇ-୮୫ ଇନ୍ଧନକୁ ଆନୁଷ୍ଠାନିକ ଭାବେ ଲଞ୍ଚ କରାଯାଇଛି । ସାଧାରଣ ଇ-୨୦ ପେଟ୍ରୋଲ ଏବଂ ଇ-୮୫ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ଏହାର ସଂରଚନା ଏବଂ ଗାଡ଼ିର ଉପଯୋଗିତା । ବର୍ତ୍ତମାନ ବ୍ୟବହାର ହେଉଥିବା ଇ-୨୦ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ସହ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲ ମିଶ୍ରିତ ହୋଇଥାଏ । ଅପରପକ୍ଷରେ, ନୂତନ ଇ-୮୫ ଇନ୍ଧନରେ ଇଥାନଲର ମାତ୍ରା ସବୁଠାରୁ ଅଧିକ ଅର୍ଥାତ ୮୦% ରୁ ୮୫% ରହିଥିବା ବେଳେ ମାତ୍ର ୧୪% ରୁ ୧୯% ପେଟ୍ରୋଲ ମିଶ୍ରଣ କରାଯାଇଥାଏ । ଏହି ଅଧିକ ଇଥାନଲ୍ ମିଶ୍ରଣ ଯୋଗୁଁ ସାଧାରଣ ବା ପୁରୁଣା ଗାଡ଼ିଗୁଡ଼ିକରେ ଏହି ଇନ୍ଧନ ବ୍ୟବହାର କରାଯାଇପାରିବ ନାହିଁ । ଏହା କେବଳ ସ୍ୱତନ୍ତ୍ର ଭାବେ ନିର୍ମିତ ଫ୍ଲେକ୍ସ-ଫ୍ୟୁଏଲ୍ ଗାଡ଼ି ପାଇଁ ଉଦ୍ଦିଷ୍ଟ, ଯାହାର ଇଞ୍ଜିନ ଇ-୨୦ ଠାରୁ ଆରମ୍ଭ କରି ୧୦୦ ପ୍ରତିଶତ ଇଥାନଲ୍ (ଇ-୧୦୦) ମିଶ୍ରଣରେ ମଧ୍ୟ ସହଜରେ ଚାଲିପାରିବ । ବ୍ରାଜିଲ ଭଳି ଦେଶରେ ଏହି ଫ୍ଲେକ୍ସ-ଫ୍ୟୁଏଲ୍ ବ୍ୟବସ୍ଥା ଦଶନ୍ଧି ଦଶନ୍ଧି ଧରି ସଫଳତାର ସହ ଚାଲିଆସୁଛି । ଭାରତରେ ଏହି ବ୍ୟବସ୍ଥାର ପ୍ରସାର ଦ୍ୱାରା ଦେଶର କୃଷକମାନଙ୍କ ଆୟ ବୃଦ୍ଧି ପାଇବ, ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଦେଶର ଶକ୍ତି ସୁରକ୍ଷା ମଧ୍ୟ ମଜବୁତ ହେବ । ପରିବେଶ ଦୃଷ୍ଟିକୋଣରୁ ଦେଖିଲେ, ପାରମ୍ପରିକ ଜୀବାଶ୍ମ ଇନ୍ଧନ ତୁଳନାରେ ଇ-୮୫ ର ବ୍ୟବହାର ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନକୁ ପ୍ରାୟ ୬୧ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଥାଏ । ଗ୍ରାହକମାନଙ୍କୁ ଏହି ସବୁଜ ଇନ୍ଧନ ଆପଣେଇବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଏହାକୁ ସାଧାରଣ ପେଟ୍ରୋଲ ତୁଳନାରେ ପ୍ରାୟ ୨୦ ଟଙ୍କା ଶସ୍ତାରେ ବଜାରକୁ ଛାଡ଼ିଛନ୍ତି, ଯେଉଁଥିପାଇଁ ଦିଲ୍ଲୀରେ ଏହାର ମୂଲ୍ୟ ଲିଟର ପିଛା ୮୨.୧୨ ଟଙ୍କା ରଖାଯାଇଛି । ବର୍ତ୍ତମାନ ଦେଶରେ ଶତପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏଭଳି ଗାଡ଼ିଗୁଡ଼ିକର ଲଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ଭାରତୀୟ ସଂସ୍ଥାଗୁଡ଼ିକୁ ସହାୟତା କରିବା ସହ ଦେଶକୁ ଏକ ସ୍ୱଚ୍ଛ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ଆଡ଼କୁ ଅଗ୍ରସର କରାଇବ ।

ଲେବାନନ ରାଷ୍ଟ୍ରପତିଙ୍କ ଅଭିଯୋଗର ଉତ୍ତର ଦେଲେ ଆରାଘଚି

ନୂଆଦିଲ୍ଲୀ,୬।୬(ଏଜେନ୍ସି):ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଲେବାନନ ରାଷ୍ଟ୍ରପତି ଜୋସେଫ ଆଉନଙ୍କୁ ତାଙ୍କର ସାମ୍ପ୍ରତିକ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନା କରିଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ,ସେ ପ୍ରକୃତ ଶତ୍ରୁକୁ ଚିହ୍ନିବାକୁ ଚେଷ୍ଟା କରିବାକୁ ଜୋସେଫଙ୍କୁ ପରାମର୍ଶ ଦେଇଛନ୍ତିୟ । ଆରାଘଚି ସୋସିଆଲ ମିଡିଆ ଏକ୍ସରେ ଲେବାନନ ରାଷ୍ଟ୍ରପତିଙ୍କ ସାକ୍ଷାତକାରର ଏକ କ୍ଲିପ୍ ମଧ୍ୟ ସେୟାର କରିଛନ୍ତି । ଲେବାନନ ରାଷ୍ଟ୍ରପତି ଜୋସେଫ ଆଉନ୍ ସମ୍ପ୍ରତି ଏକ ଗଣମାଧ୍ୟମ ସାକ୍ଷାତକାରରେ ଇରାନ ଉପରେ ଗୁରୁତର ଅଭିଯୋଗ ଆଣି କହିଥିଲେ ଯେ, ଇରାନ ଲେବାନନକୁ ଏକ ମୋହରା ଭାବରେ ବ୍ୟବହାର କରୁଛି । ଏହା ବନ୍ଦ କରି ଆଲୋଚନାରେ ସାମିଲ ହେବା ଉଚିତ । ତାଙ୍କ ବକ୍ତବ୍ୟ ଇରାନକୁ ଅସନ୍ତୁଷ୍ଟ କରିଛି । ଲେବାନନ ରାଷ୍ଟ୍ରପତିଙ୍କ



ଅଭିଯୋଗର ଜବାବ ଏବେ ଆବାସ ଆରାଘଚି ଦେଇଛନ୍ତି । ସେ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ରାଷ୍ଟ୍ରପତି ଜୋସେଫଙ୍କ କଥା ଶୁଣି ଏପରି ଲାଗୁଛି ଯେପରି ଇରାନ ଲେବାନନର ଏକ ପଞ୍ଚମାଂଶ ଦଖଲ କରିସାରିଛି, ଜନସଂଖ୍ୟାର ଏକ ଚତୁର୍ଥାଂଶକୁ ବିସ୍ଥାପିତ କରିଛି ଏବଂ ପ୍ରତିଦିନ ବୋମାମାଡ଼ କରୁଛି । ସେ କହିଛନ୍ତି, ରାଷ୍ଟ୍ରପତି ମହାଶୟ ଲେବାନନକୁ ପ୍ରକୃତ ଶତ୍ରୁଠାରୁ ରକ୍ଷା କରନ୍ତୁ। ଏକ ସାକ୍ଷାତକାରରେ, ଆଉନ୍ କହିଥିଲେ ଯେ ଇରାନ ଲେବାନନର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଏବଂ ଆମେରିକା ସହିତ ଆଲୋଚନାରେ ଲେବାନନକୁ ଏକ ବନ୍ଦୀ ଭାବରେ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ । ସେ ଇରାନକୁ କହିଥିଲେ, ''ଏହା ତୁମର ଦେଶ ନୁହେଁ, ଏହା ଆମର ଦେଶ । ତୁମେ ଆମକୁ ମୋହରା ଭାବେ ବ୍ୟବହାର କରୁଛ, ଯାହା ଭୁଲ ।'' ସେ ହିଜବୁଲ୍ଲାକୁ ମଧ୍ୟ ନିବେଦନ କରି କହିଥିଲେ, ଏହି ସଂଘର୍ଷର ଅନ୍ତ ହିଂସା କିମ୍ବା ଯୁଦ୍ଧ ନୁହେଁ, ବରଂ କେବଳ ଆଲୋଚନା ଏବଂ କୂଟନୀତିରେ ହେବ । ଏହି ପଥ ଅନୁସରଣ କରିବାକୁ ପଡିବ ।

'କକ୍ରୋଚ୍ ଜନତା ପାର୍ଟି'ର ଆନ୍ଦୋଳନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି

ନୂଆଦିଲ୍ଲୀ,୬।୬(ଏଜେନ୍ସି): ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଓ ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ବ୍ୟାପକ ଅନିୟମିତତା ତଥା ତ୍ରୁଟିକୁ ନେଇ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି । କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଶନିବାର ସକାଳେ ବିଦେଶରୁ ଭାରତ ଫେରିବା ପରେ ଦିଲ୍ଲୀର ଜନ୍ତର ମନ୍ତରଠାରେ ଏକ ମେଗା ପ୍ରତିବାଦ ପ୍ରଦର୍ଶନର ନେତୃତ୍ୱ ନେଇଛନ୍ତି । ଏହି ଆନ୍ଦୋଳନ ମାଧ୍ୟମରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚାଲିଥିବା ଏହି ପ୍ରଦର୍ଶନରେ ସାରା ଦେଶରୁ ଆସିଥିବା ଶତାଧିକ ଯୁବକ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ବ୍ୟାପକ ସଂଖ୍ୟାରେ ସାମିଲ ହୋଇଛନ୍ତି । ଆନ୍ଦୋଳନକାରୀଙ୍କୁ ସମ୍ବୋଧିତ କରି ଦୀପକେ କହିଛନ୍ତି ଯେ, ଏହା ଏକ ଦୀର୍ଘ ସଂଗ୍ରାମ ଏବଂ ସୋସିଆଲ ମିଡିଆରେ ବିଗତ ଏକ ମାସ ଧରି ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଓଲଟା ଆନ୍ଦୋଳନକାରୀଙ୍କ ଆକାଉଣ୍ଟ ହ୍ୟାକ୍ କରି ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଉଛି, ମାତ୍ର ଏଭଳି ଦମନମୂଳକ ନୀତି ଦ୍ୱାରା ଯୁବପିଢ଼ିଙ୍କ ସ୍ୱରକୁ ଚପାଇ ଦିଆଯାଇପାରିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ପ୍ରଦର୍ଶନ ସମୟରେ ଆନ୍ଦୋଳନକାରୀମାନେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟ ଉପସ୍ଥାପନ କରିଛନ୍ତି । ବିଶେଷ କରି ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ପ୍ରଶିକ୍ଷଣ ବିନା ଡିଜିଟାଲାଇଜେସନ୍ ବା ଏଆଇ (କୃତ୍ରିମ ବୁଦ୍ଧିମତା) ପ୍ରଯୁକ୍ତିର ଅପରିପକ୍ ବ୍ୟବହାରକୁ ସେମାନେ ବିରୋଧ କରିଛନ୍ତି । ଆନ୍ଦୋଳନରେ ଯୋଗ ଦେଇଥିବା ଅଭିଭାବକମାନଙ୍କ କହିବା ଅନୁଯାୟୀ, ବ୍ୟାଙ୍କିଙ୍ଗ୍ ଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସବୁ ସ୍ଥାନରେ ଆଧୁନିକୀକରଣ କରାଯାଉଥିଲେ ମଧ୍ୟ ଅନିୟମିତତାକୁ ରୋକାଯାଇପାରୁନାହିଁ । ତେଣୁ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସଠିକ୍ ଆକଳନ ଓ ପ୍ରଶିକ୍ଷଣ ଦେବା ପରେ ହିଁ ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବା ଉଚିତ । ଏହା ବ୍ୟତୀତ ଗତ ତିନି ବର୍ଷ ଧରି ମଣିପୁରରେ ଲାଗି ରହିଥିବା ଅଶାନ୍ତ ପରିସ୍ଥିତି ଯୋଗୁଁ ସେଠାରେ ସ୍କୁଲ ଓ କଲେଜଗୁଡ଼ିକ ସ୍ୱାଭାବିକ ଭାବେ ଚାଲିପାରୁ ନଥିବାରୁ ଛାତ୍ରଛାତ୍ରୀମାନେ ଚରମ ମାନସିକ ଚାପ ମଧ୍ୟରେ ଗତି କରୁଛନ୍ତି, ଯାହା ଉପରେ ତୁରନ୍ତ ଧ୍ୟାନ ଦେବାକୁ ଦାବି ହୋଇଛି ।

ଆମେରିକାର ହର୍ମୁଜ୍ ଅବରୋଧ

ନୂଆଦିଲ୍ଲୀ,୬।୬(ଏଜେନ୍ସି):ଆମେରିକାର ନୌସେନା ଦ୍ୱାରା ହର୍ମୁଜ୍ ଅବରୋଧ ଯୋଗୁ ଇତିମଧ୍ୟରେ ଇରାନ ୬ ବିଲିୟନ ଡଲାରରୁ ଅଧିକ କ୍ଷତି ପହଞ୍ଚାଇସାରିଛି । ଏହି ଅବରୋଧ ଇରାନର ଅର୍ଥନୀତିକୁ ପଙ୍ଗୁ କରିଦେଇଛି । ମେ' ମାସରେ, ଇରାନର ଅଶୋଧିତ ତୈଳ ରପ୍ତାନି ଛଅ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି । ଆମେରିକା ଏପ୍ରିଲ ୧୩ ତାରିଖରେ ଇରାନର ବନ୍ଦରଗୁଡିକ ଅବରୋଧ ଆରମ୍ଭ କରିଥିଲା ଏବଂ ଶାନ୍ତି ଚୁକ୍ତିର ସର୍ତ୍ତାବଳୀ ପାଳନ କରିବା ପାଇଁ ଇରାନ ଉପରେ ଚାପ ପକାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଏକ ଢାଲ ଭାବରେ ବ୍ୟବହାର କରିଥିଲେ । ତେହେରାନ ଏହି ପଦକ୍ଷେପକୁ ବେଆଇନ ବୋଲି ନିନ୍ଦା କରି ନିଜ ବନ୍ଦର ନିକଟରେ ଆମେରିକୀୟ ଜାହାଜର ଏଭଳି ଜବତ ପଦକ୍ଷେପକୁ ଜଳଦସ୍ୟୁଙ୍କ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲା । ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ ଯୋଗାଣ ବନ୍ଦ ହେବା ଦ୍ୱାରା ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟ ଦ୍ରୁତ ଭାବରେ ବୃଦ୍ଧି ପାଇଛି ଏବଂ ସାଉଦି ଆରବ, କୁଏତ, ଇରାକ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଭଳି ପ୍ରମୁଖ ଉପସାଗରୀୟ ଉତ୍ପାଦକ ଦେଶଗୁଡ଼ିକରୁ ରପ୍ତାନି ଯଥେଷ୍ଟ ହ୍ରାସପାଇଛି ।



ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୬ (ନି.ପ୍ର) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ତା୦୬.୦୬.୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ପୁରୀ ସାକ୍ଷୀଗୋପାଳସ୍ଥିତ କ୍ରିଷ୍ଣା ଗାର୍ଡେନଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଅଶ୍ୱନୀ ଧିଙ୍ଗରା ଏବଂ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ମୁକୁନ୍ଦ କୁମାର କର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮୦୦ରୁ ଉର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା-କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ

ଉଲ୍ଲେଖନୀୟ ବ୍ୟବସାୟିକ ଫଳାଫଳ ହାସଲ କରିଥିବା ସହ ଏଥିରେ ୬୨ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜିକରଣ, ସିକେଓ୍ୱାଇସି ଓ ରିକେଓ୍ୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

ସମ୍ବଲପୁରୀ ହସ୍ତତନ୍ତ ଶିଳ୍ପର ରୂପାନ୍ତର ପାଇଁ ହିଣ୍ଡାଲକୋ ଓ ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୬।୬ (ଯୁବମୋର୍ଚ୍ଚା) : ନିରନ୍ତର ସମୁଦାୟ ବିକାଶ ଏବଂ ଓଡ଼ିଶାର ପ୍ରସିଦ୍ଧ ତଥା ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ ତଥା ଉନ୍ନତି ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଅଧୀନସ୍ଥ ୱିଭର୍ସ ସର୍ଭିସ ସେଣ୍ଟର (ଡବ୍ଲ୍ୟୁଏସ୍ସି) ସହ ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର ହସ୍ତତନ୍ତର ସାମଗ୍ରିକ ବିକାଶ ପାଇଁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଅଛି।

ଏହି ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିକାଶ ଆୟୁକ୍ତ (ହସ୍ତତନ୍ତ) ସୁଶ୍ରୀ ଏମ୍. ବୀନା, ଉପନିର୍ଦ୍ଦେଶକ ଶ୍ରୀ ବିକାଶ କୁମାର ଏବଂ ସହକାରୀ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମୀ ଶଙ୍କରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଅଧ୍ୟକ୍ଷ– କର୍ପୋରେଟ୍ ଆଫେୟାର୍ସ ଡ. ବିନୋଦ ବର୍ମା, ସହକାରୀ ଉପସଭାପତି (କର୍ପୋରେଟ୍ ଆଫେୟାର୍ସ) ସୁଶ୍ରୀ ସୁମିତା ସିଂହ, ସହକାରୀ ଉପସଭାପତି (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଅନୋମା ବସୁ, ସହକାରୀ ମହାପ୍ରବନ୍ଧକ (କର୍ପୋରେଟ୍ ଆଫେୟାର୍ସ) ଶ୍ରୀ ଅନୁଜ ଗର୍ଗ, ପ୍ରବନ୍ଧକ (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଜିପ୍ସି ସିଦ୍ଧାନ୍ତ ଏବଂ ଯୁବ ସଷ୍ଟେନେବେଲିଟି ପ୍ରଫେସନାଲ୍ ସୁଶ୍ରୀ ଇକ୍ରା ଫାତିମା ଉପସ୍ଥିତ ଥିଲେ।

ଏହି ଏମ୍‌ଓୟୁ ମାଧ୍ୟମରେ ବୁଣାକାର ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସ୍ଥିତିର ଉନ୍ନତି ଲକ୍ଷ୍ୟ ରଖାଯାଇଅଛି। ହିଣ୍ଡାଲକୋର ସମୁଦାୟ ବିକାଶ କାର୍ଯ୍ୟକ୍ରମ ଅଧୀନରେ କୌଶଳ ବିକାଶ, ଉତ୍ପାଦ ପରିକଳ୍ପନାରେ ନୂତନତ୍ୱ, ବଜାର ସୁବିଧା ବୃଦ୍ଧି, ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ସଂସ୍ଥାଗତ ସହାୟତା ପ୍ରଦାନ କରାଯିବ। ଏହା ସହିତ ପ୍ରଯୁକ୍ତିଗତ ଦକ୍ଷତା ବୃଦ୍ଧି, ଉତ୍ପାଦନ କ୍ଷମତାର ଉନ୍ନତି, ଜିଆଇ ପରିଚୟର ସ୍ୱତନ୍ତ୍ରତା ବଜାୟ ରଖି ଆଧୁନିକ ଓ ବିବିଧ ଉତ୍ପାଦ ବିକାଶ, ଆଧୁନିକ ଡିଜାଇନ୍

ଉପକରଣର ବ୍ୟବହାର, ବ୍ରାଣ୍ଡିଂ ଏବଂ ଡିଜିଟାଲ ଟ୍ରେସେବିଲିଟି, ବଜାର ସଂଯୋଗ ସୁଦୃଢ଼ୀକରଣ ଓ ସାମାଜିକ ସୁରକ୍ଷା ସୁବିଧାର ପ୍ରସାର ଭଳି ପଦକ୍ଷେପ ଗ୍ରହଣ କରାଯିବ।

ସମ୍ବଲପୁରୀ ଇକତ୍, ଏହାର ଜଟିଳ ବନ୍ଧା-ରଙ୍ଗ, ପ୍ରଣାଳୀ ପାଇଁ ବିଶ୍ୱପ୍ରସିଦ୍ଧ। ବୁଣା ପୂର୍ବରୁ ସୂତାକୁ ରଙ୍ଗ କରିବାର ଏହି ବିଶେଷ ପ୍ରକ୍ରିୟାରେ ଅତ୍ୟଧିକ ନିଖୁଣତା ଓ କୌଶଳର ଆବଶ୍ୟକତା ରହିଥାଏ, ଯାହା ଏହାର ବିଶିଷ୍ଟ ଜ୍ୟାମିତିକ ଓ ସାଙ୍କେତିକ ନମୁନାକୁ ସୃଷ୍ଟି କରିଥାଏ। ତେବେ ଏହି କଳାର ସାଂସ୍କୃତିକ ସମୃଦ୍ଧି ଓ ଜଟିଳତା ସତ୍ତ୍ୱେ ଅନେକ ବୁଣାକାର ଏପର୍ଯ୍ୟନ୍ତ ପାରମ୍ପରିକ ଉତ୍ପାଦନ ଚକ୍ରରେ ସୀମିତ ରହିଯାଇଛନ୍ତି, ଯାହା ଏହାର ବ୍ୟାପକ ମୂଲ୍ୟ ସୃଷ୍ଟିକୁ ବାଧାପ୍ରାପ୍ତ କରୁଛି। ଏହି ପଦକ୍ଷେପ ମାଧ୍ୟମରେ ହିଣ୍ଡାଲକୋ ସମ୍ବଲପୁରୀ ବସ୍ତ୍ରକୁ ଏକ ଆଧୁନିକ, ବିସ୍ତାରଯୋଗ୍ୟ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଗଢ଼ିବ। ଯାହା ପରମ୍ପରାର ମୂଳଉତ୍ସ ସହ ଜଡିତ ରହିବା ସହିତ ସମୁଦାୟ ନିର୍ଭର ଓ ମୂଲ୍ୟଭିତ୍ତିକ ମଧ୍ୟ ହେବ। ଏହି ଏମ୍‌ଓୟୁ ଅନୁଯାୟୀ, ୱିଭର୍ସ ସର୍ଭିସ ସେଣ୍ଟର ନୀତିଗତ ମାର୍ଗଦର୍ଶନ, ପ୍ରଯୁକ୍ତିଗତ ଦକ୍ଷତା, ଜିଆଇ ଅନୁପାଳନ ସହାୟତା ଏବଂ ସଂସ୍ଥାଗତ ଭିତ୍ତିଭୂମିର ସୁବିଧା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ହିଣ୍ଡାଲକୋ ପ୍ରକଳ୍ପ ଏହାକୁ କାର୍ଯ୍ୟରେ ରୂପାୟନ କରିବା ସହ ବ୍ରାଣ୍ଡିଂ, ବଜାର ସଂଯୋଗ, ପ୍ରକଳ୍ପ ପରିଚାଳନା ଓ ନିରୀକ୍ଷଣ ଦାୟିତ୍ୱ ବହନ କରିବ। ତେବେ ଏହି ପ୍ରକଳ୍ପର ଅଗ୍ରଗତି ଓ ଫଳାଫଳର ସମୀକ୍ଷା ପାଇଁ ଏକ ଯୁଗ୍ମ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ଗଠନ କରାଯିବ। ସମ୍ବଲପୁରୀ ହସ୍ତତନ୍ତ ବିକାଶ ପଦକ୍ଷେପ ହିଣ୍ଡାଲକୋର ସଫଳ ସାମାଜିକ ଉଦ୍ୟମ ପ୍ରକଳ୍ପ 'କୋଶଳା'ର ଅନୁଭୂତି ଉପରେ ଆଧାରିତ। ଏହି ପ୍ରକଳ୍ପ ଛତିଶଗଡ଼ର ୭୦୦ରୁ ଅଧିକ କୋସା ରେଶମ କାରିଗରଙ୍କୁ ପାରମ୍ପରିକ କଳାର ପୁନରୁଜ୍ଜୀବନ, କୌଶଳ ବୃଦ୍ଧି ଏବଂ ବଜାର ସୁଯୋଗ ପ୍ରଦାନ ମାଧ୍ୟମରେ ସଶକ୍ତ କରିପାରିଛି। ପୂର୍ବ ଅନୁଭବକୁ କାର୍ଯ୍ୟରେ ଲଗାଇ ଏବଂ ବସ୍ତ୍ର ମନ୍ତ୍ରାଳୟ ସହ ଏହି ସହଯୋଗ ମାଧ୍ୟମରେ ମିଳୁଥିବା ମାର୍ଗଦର୍ଶନକୁ ଉପଯୋଗ କରି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁର ଅଞ୍ଚଳର କାରିଗରମାନଙ୍କ ଜୀବନରେ ଉଲ୍ଲେଖନୀୟ ସକାରାତ୍ମକ ସାମାଜିକ-ଆର୍ଥିକ ପ୍ରଭାବ ସୃଷ୍ଟି କରିବାକୁ ପ୍ରତିବଦ୍ଧ।"

ମୁଖ ସ୍ୱାସ୍ଥ୍ୟ ଓ ତ୍ୱଚା ସମସ୍ୟାର ଅଦୃଶ୍ୟ ସମ୍ପର୍କ : ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ସୋନିଆ ଦତ୍ତ

ଭୁବନେଶ୍ୱର, ୬।୬ (ନି.ପ୍ର) : ଆଜିର ସମୟରେ ସୁନ୍ଦର ଓ ଉଜ୍ଜ୍ୱଳ ତ୍ୱଚା ପାଇଁ ଲୋକମାନେ ନାନା ପ୍ରକାର ସ୍କିନ୍‌କେୟାର ପ୍ରଡକ୍ଟ ବ୍ୟବହାର କରୁଛନ୍ତି, ନୂଆ ନୂଆ ରୁଟିନ୍ ଅନୁସରଣ କରୁଛନ୍ତି ଏବଂ ସୁସ୍ଥ ଖାଦ୍ୟାଭ୍ୟାସକୁ ଗୁରୁତ୍ୱଦେଉଛନ୍ତି। ତଥାପି ବାରମ୍ବାର ମୁହଁରେ ବ୍ରଣ, ତ୍ୱଚାର ନିର୍ଜୀବତା କିମ୍ବା ଅନ୍ୟାନ୍ୟ ସମସ୍ୟା ଅନେକଙ୍କ ପାଇଁ ଚିନ୍ତାର କାରଣ ହୋଇ ରହିଛି। ନୂତନ ଗବେଷଣା ଓ ସ୍ୱାସ୍ଥ୍ୟ ବିଶ୍ଲେଷଣରୁ ଜଣାପଡୁଛିଯେ, ଏହାର ସମାଧାନ କେବଳ ତ୍ୱଚାର ବାହ୍ୟ ଯତ୍ନରେ ନୁହେଁ, ବରଂ ମୁଖ ସ୍ୱାସ୍ଥ୍ୟରୁ ଆରମ୍ଭହୋଇପାରେ। ସୁସ୍ଥ ଦାନ୍ତ ଓ ମାଢ଼ିକେବଳ ହସକୁ ସୁନ୍ଦର କରେନି, ତ୍ୱଚାକୁ ମଧ୍ୟ ସୁସ୍ଥ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାସ୍ଥ୍ୟ

ବିଶେଷଜ୍ଞମାନେ ଏବେ ମୁଖ ସ୍ୱଚ୍ଛତା ଓ ସାମଗ୍ରିକ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଅଧିକ ଆଲୋକପାତ କରୁଛନ୍ତି। ଏଥିରେ ତ୍ୱଚା ସ୍ୱାସ୍ଥ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ଯେତେବେଳେ ମୁଖର ଯତ୍ନରେ ସାମାନ୍ୟ ଅବହେଳା ହୁଏ, ସେତେବେଳେ ମୁଖ ଭିତରେ ବ୍ୟାକ୍ଟେରିଆର ବୃଦ୍ଧି ହୋଇ ଧୀରେ ଧୀରେ ପ୍ରଭାବ ସୃଷ୍ଟି ହୁଏ। ଆରମ୍ଭରେ ଏହା ଗୁରୁତର ଲାଗିନଥିଲେ ମଧ୍ୟ, ସମୟ ସହିତ ଏହାର ପ୍ରଭାବ ଶରୀରର ଅନ୍ୟ ଅଂଶରେ ଦେଖାଦେଇପାରେ। ତ୍ୱଚା ପ୍ରାୟତଃ ଏହି ଅନ୍ତର୍ନିହିତ ଅସନ୍ତୁଳନର ପ୍ରଥମ ସଙ୍କେତ ଦେଇଥାଏ।

ଅନେକ ଲୋକ ତ୍ୱଚା ସମସ୍ୟାର ସମାଧାନ ପାଇଁ କେବଳ ବାହ୍ୟ ଉପଚାର ଉପରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଶରୀର ଭିତରେ ଥିବା ପ୍ରଭାବ ତ୍ୱଚାର ସ୍ୱାଭାବିକ ସନ୍ତୁଳନକୁ ପ୍ରଭାବିତ କରିପାରେ। ଅନେକ ସମୟରେ ବାରମ୍ବାର ହେଉଥିବା ତ୍ୱଚା ସମସ୍ୟାର ମୂଳ କାରଣ ମୁଖ ସ୍ୱାସ୍ଥ୍ୟରେ ଲୁଚି ରହିଥାଏ।

ତେଣୁ ଜଟିଳ ସ୍କିନ୍‌କେୟାର ରୁଟିନ୍‌ରେ ନୂଆ ନୂଆ ପଦକ୍ଷେପ ଯୋଡ଼ିବା ପରିବର୍ତ୍ତେ, ସମସ୍ୟାର ମୂଳ କାରଣକୁ ଚିହ୍ନଟ କରିବା ଅଧିକ ଜରୁରୀ। ନିୟମିତ ଭାବରେ ମୁଖ ସ୍ୱଚ୍ଛତା ରକ୍ଷା କଲେ ବ୍ୟାକ୍ଟେରିଆର ସଞ୍ଚୟ କମିଥାଏ ଏବଂ ଶରୀରର ଆଭ୍ୟନ୍ତରୀଣ ସନ୍ତୁଳନ ଭଲ ରହିଥାଏ। ଏହା ଫଳରେ ସ୍କିନ୍‌କେୟାର, ସୁସ୍ଥ ଖାଦ୍ୟାଭ୍ୟାସ ଓ ଜୀବନଶୈଳୀର ସକାରାତ୍ମକ ପ୍ରଭାବ ଅଧିକ ସ୍ପଷ୍ଟ ଭାବେ ଦେଖାଯାଏ।

ଏହି ସଚେତନତା ବୃଦ୍ଧି ପାଇବା ସହିତ ଲୋକମାନେ ଏବେ ଦୈନନ୍ଦିନ ବ୍ୟବହାରର ସାମଗ୍ରୀ, ବିଶେଷକରି ଟୁଥପେଷ୍ଟ ବାଛିବାବେଳେ ମଧ୍ୟ ଅଧିକ ସଚେତନ ହେଉଛନ୍ତି। ଆୟୁର୍ବେଦିକ ନୀତି ଉପରେ ଆଧାରିତ ଏବଂ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ ର ସ୍ୱୀକୃତି ପ୍ରାପ୍ତ ଡାବର ରେଡ୍ ଟୁଥପେଷ୍ଟ ପରି ଉତ୍ପାଦଗୁଡ଼ିକ ସାମଗ୍ରିକ ମୁଖ ଯତ୍ନରେ ସହାୟକ ଭାବେ ପରିଚିତି ଲାଭ କରୁଛି। ଏହା ଏହି ଧାରଣାକୁ ଆହୁରି ଦୃଢ଼ କରୁଛି ଯେ, ମୁଖ ସ୍ୱାସ୍ଥ୍ୟ ଓ ସମଗ୍ର ଶରୀରର ସନ୍ତୁଳନ ପରସ୍ପର ସହ ଜଡ଼ିତ।

ଦୀର୍ଘମିଆଦୀ ଭାବରେ ମୁଖ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା କେବଳ ଦାନ୍ତ ଓ ମାଢ଼ିର ଯତ୍ନରେ ସୀମିତ ନୁହେଁ; ଏହା ଶରୀରର ଆଭ୍ୟନ୍ତରୀଣ ସ୍ଥିରତାକୁ ମଧ୍ୟ ବୃଦ୍ଧି କରେ। ଫଳସ୍ୱରୂପ, ତ୍ୱଚା ସମସ୍ୟା ପାଇଁ ବାରମ୍ବାର ତୁରନ୍ତ ସମାଧାନ ଖୋଜିବାର ଆବଶ୍ୟକତା କମିଯାଏ। ପ୍ରତିକାର ଅପେକ୍ଷା ପ୍ରତିରୋଧକୁ ଗୁରୁତ୍ୱ ଦେଇ ଲୋକମାନେ ଅଧିକ ସନ୍ତୁଳିତ ଓ ସମଗ୍ର ସ୍ୱାସ୍ଥ୍ୟମୂଳକ ଜୀବନଶୈଳୀ ଅପନାଇପାରିବେ। ମୁଖ ସ୍ୱାସ୍ଥ୍ୟ ଓ ତ୍ୱଚା ସ୍ୱାସ୍ଥ୍ୟର ଏହି ସମ୍ପର୍କ ସମ୍ବନ୍ଧୀୟ ବୁଝାମଣା ଯେତେ ଆଗକୁ ବଢୁଛି, ସେତେ ଗୋଟିଏ କଥା ସ୍ପଷ୍ଟ ହେଉଛି-ସବୁଠାରୁ ବଡ଼ ପରିବର୍ତ୍ତନ ସବୁବେଳେ ନୂଆ କିଛି ଯୋଡ଼ିବାରେ ନୁହେଁ, ବରଂ ଦୈନନ୍ଦିନ ଜୀବନର ମୌଳିକ ଓ ସୁସ୍ଥ ଅଭ୍ୟାସଗୁଡ଼ିକୁ ଆହୁରି ମଜବୁତ କରିବାରେ ଲୁଚି ରହିଥାଏ।

ରାଉରକେଲା ଇସ୍ପାତ କାରଖାନା ର ସିଣ୍ଟର ପ୍ଲାଣ୍ଟଗୁଡ଼ିକ ପକ୍ଷରୁ ସର୍ବଶ୍ରେଷ୍ଠ ପ୍ରଦର୍ଶନ

ରାଉରକେଲା, ୬।୬ (ନି.ପ୍ର): ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ର ସିଣ୍ଟର ପ୍ଲାଣ୍ଟ ସମୂହ ମେ ୨୦୨୬ ମାସକୁ ଏକ ରେକର୍ଡ ସୃଷ୍ଟିକାରୀ ପ୍ରଦର୍ଶନ ସହ ଶେଷ କରିଛନ୍ତି। ସିଣ୍ଟର ପ୍ଲାଣ୍ଟ-୩ ଏବଂ ସମସ୍ତ ତିନୋଟି ସିଣ୍ଟର ପ୍ଲାଣ୍ଟର ମୋଟ ଉତ୍ପାଦନ ଯଥାକ୍ରମେ ୩,୨୬,୩୦୦ ଟନ୍ ଏବଂ ୬,୨୧,୬୦୦ ଟନ୍ ସହ ସେମାନଙ୍କର ଏଯାବତ ସର୍ବଶ୍ରେଷ୍ଠ ମଇ ମାସର ପରିସଂଖ୍ୟାନ ହାସଲ କରିଛି। ଏହି ସଂଖ୍ୟାଗୁଡ଼ିକ ସିଣ୍ଟର ପ୍ଲାଣ୍ଟ-୩ ପାଇଁ ୨୦୨୫ ଏବଂ ମୋଟ ସିଣ୍ଟର ଉତ୍ପାଦନ ପାଇଁ ୨୦୨୨ରେ ରେକର୍ଡ



କରାଯାଇଥିବା ପୂର୍ବର ସର୍ବଶ୍ରେଷ୍ଠ ମଇ ମାସର ପ୍ରଦର୍ଶନକୁ ଅତିକ୍ରମ କରିଯାଇଛି।

ବାର୍ଷିକ ଉତ୍ପାଦନ ଯୋଜନା (ଏପିପି) ତୁଳନାରେ, ସିଣ୍ଟର ପ୍ଲାଣ୍ଟ-୧ ଏବଂ ସିଣ୍ଟର ପ୍ଲାଣ୍ଟ-୩ ନିଜର ବାର୍ଷିକ ଉତ୍ପାଦନ ଯୋଜନାର ଯଥାକ୍ରମେ ୧୦୧.୬% ଏବଂ ୧୦୦.୬% ପୂରଣ କରିସାରିଛନ୍ତି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ମଇ ଅବଧି ମଧ୍ୟରେ, ସମସ୍ତ ତିନୋଟି ସିଣ୍ଟର ପ୍ଲାଣ୍ଟ ସର୍ବକାଳୀନ ସର୍ବୋଚ୍ଚ ଉତ୍ପାଦନ ହାସଲ କରିଛି । ସିଣ୍ଟର ପ୍ଲାଣ୍ଟ-୧ ରେ ୨,୫୫,୨୬୦ ଟନ୍, ସିଣ୍ଟର ପ୍ଲାଣ୍ଟ-୩ ରେ ୬,୩୯,୦୪୪ ଟନ୍ ଏବଂ ମୋଟ ସିଣ୍ଟର ଉତ୍ପାଦନ ଏହି ଅବଧି ରେ ୧୨,୩୨,୯୯୪ ଟନ୍ ରହିଛି। ଏପ୍ରିଲ-ମଇ ମଧ୍ୟରେ, ଏକକ ଉତ୍ପାଦନ କେନ୍ଦ୍ର ରୂପେ ସିଣ୍ଟର ପ୍ଲାଣ୍ଟ-୧ ରେ ୨.୫%, ସିଣ୍ଟର ପ୍ଲାଣ୍ଟ -୨ ରେ ୫.୭% ଏବଂ ସିଣ୍ଟର ପ୍ଲାଣ୍ଟ-୩ ରେ ୧.୬% ର ଚମତ୍କାର ଅଭିବୃଦ୍ଧି ହାସଲ ହୋଇଛି , ଯାହାଫଳରେ ମୋଟ ସିଣ୍ଟର ଉତ୍ପାଦନ ପୂର୍ବ ବର୍ଷର ସମ ଅବଧି ତୁଳନାରେ ପ୍ରାୟ ୩% ବୃଦ୍ଧି ପାଇଛି। ସିଣ୍ଟର ପ୍ଲାଣ୍ଟ ସମୂହର ଏହି ଅସାଧାରଣ ପ୍ରଦର୍ଶନ ବ୍ଲାଷ୍ଟ ଫର୍ଣ୍ଣେସ୍ ଗୁଡ଼ିକ ପାଇଁ ନିରନ୍ତର ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ସିଣ୍ଟରର ଉପଲବ୍ଧତାକୁ ସୁନିଶ୍ଚିତ କରୁଛି, ଯାହା ଚଳିତ ଆର୍ଥିକ ବର୍ଷର, ବାର୍ଷିକ ବ୍ୟବସାୟିକ ଯୋଜନାରେ ପରିକଳ୍ପନା କରାଯାଇଥିବା ଉଚ୍ଚ ଉତ୍ତପ୍ତ ଧାତୁ ଉତ୍ପାଦନକୁ ସହଜ କରିବ। ସିଣ୍ଟର ସମୂହ ଆଗାମୀ ଦିନରେ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ସିଣ୍ଟର ଚାହିଦା ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ , ଯାହା ଏକ ମଜବୁତ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଇସ୍ପାତ ଉତ୍ପାଦନ ପ୍ରତି ରାଉରକେଲା ଇସ୍ପାତ କାରଖାନା ର ପ୍ରତିବଦ୍ଧତାକୁ ଦୋହରାଉଛି।

ରାଉରକେଲା ଇସ୍ପାତ କାରଖାନା ର ଅଣ୍ଡର-୧୯ କ୍ରିକେଟ୍ ଦଳ ଆନ୍ତଃ-ଜିଲ୍ଲା ଚାମ୍ପିଅନସିପ୍‌ରେ ରନର୍ସ-ଅପ୍

ରାଉରକେଲା, ୬।୬ (ନି.ପ୍ର): ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ର ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ପ୍ରତିଷ୍ଠିତ ଓଡ଼ିଶା କ୍ରିକେଟ୍ ଆସୋସିଏସନ, (ଓସିଏ) ଅଣ୍ଡର-୧୯ ପୁରୁଷ ଆନ୍ତଃ-ଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ଏକଦିବସୀୟ ଫର୍ମାଟ୍ ?)ରେ ଏକ ଅସାଧାରଣ ପ୍ରଦର୍ଶନ କରି ଏହି ଚାମ୍ପିଅନସିପ୍‌ରେ ରନର୍ସ-ଅପ ବିବେଚିତ ହୋଇଛି । ଆରଏସପି ଦଳ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ ଏବଂ ଦୃଢ଼ ସଂକଳ୍ପ ପ୍ରଦର୍ଶନ କରିଥିଲା। କ୍ୱାର୍ଟର ଫାଇନାଲରେ ଆର ଏସ ପି ଭୁବନେଶ୍ୱର 'ବି' କୁ ୮ ୱିକେଟ୍ ?ରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ନିଜର ପ୍ରଭାବଶାଳୀ ପ୍ରଦର୍ଶନ ଜାରି ରଖି ଆରଏସପି ସେମିଫାଇନାଲରେ କଟକ 'ଏ' କୁ ୭ ୱିକେଟ୍‌ରେ ପରାସ୍ତ କରି ଟାଇଟଲ୍ ଲଢ଼େଇରେ ପ୍ରବେଶ କରିଥିଲା। ୩ ଜୁନ୍ ୨୦୨୬ ରେ କଟକ ର ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ମହା ମୁକାବିଲା, ଫାଇନାଲ ରେ , ଆରଏସପି ଭୁବନେଶ୍ୱର-ଏ ବିପକ୍ଷରେ ଏକ ରୋମାଞ୍ଚକର ପ୍ରତିଯୋଗିତାରେ ମାତ୍ର ଛଅ ରନ ବ୍ୟବଧାନ ରେ ପରାଜିତ ହୋଇ ଥିଲା । ଆର ଏସ ପି ର ଏହି ପ୍ରଶଂସନୀୟ ସଫଳତା ପାଇଁ ଆରଏସପି ଦଳକୁ ରନର୍ସ-ଅପ୍ ଟ୍ରଫି ସହିତ ୫୦,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଲିକନ୍ ଷ୍ଟିଲ ମିଲ୍ ବିଭାଗର ଶ୍ରୀ



ରାଜୀବ ମହାରଣା ଏହି ଦଳର କୋଚ୍ ଥିବାବେଳେ ରାଜା ଯାଦବ ଦଳର ଅଧିନାୟକ ଥିଲେ। ଗତ ୫ ଜୁନ୍ ?ରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମସ୍ଥିତ କ୍ରୀଡ଼ା ବିଭାଗରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରୀ ରଘୁନାଥ ପାଢ଼ୀ, ଉପ ପ୍ରବନ୍ଧକ (କ୍ରୀଡ଼ା) ଏବଂ କ୍ରୀଡ଼ା ବିଭାଗର ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଫଳତା ରାଉରକେଲା ଇସ୍ପାତ କାରଖାନା ପାଇଁ ଗୌରବ ଆଣିଦେଇଛି ଏବଂ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବାରେ ଏହାର ଯୁବ ଆଥଲେଟ୍, କୋଚ୍ ଏବଂ ସହଯୋଗୀ କର୍ମଚାରୀଙ୍କ ନିଷ୍ଠାକୁ ପ୍ରତିଫଳିତ କରୁଛି।

ସାଓମି ଇଣ୍ଡିଆ ପକ୍ଷରୁ ନୂତନ ସାଓମି ୧୭ଟି ଶୁଭାରମ୍ଭ

ଭୁବନେଶ୍ୱର, ୬।୬ (ନି.ପ୍ର) : ସାଓମି ଇଣ୍ଡିଆ ପକ୍ଷରୁ ସାଓମି ୧୭ଟିର ଶୁଭାରମ୍ଭ କରାଯାଇଛି, ଯାହା ଏକ ପରିଶୋଧିତ ଫ୍ଲାଗସିପ ଡିଜାଇନରେ ଆଧୁନିକ ଇମେଜିଂ, ନିମଜ୍ଜିତ ମନୋରନ, ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫକୁ ଏକତ୍ରିତ କରିଛି। ସାଓମି ୧୭ଟିର କେନ୍ଦ୍ରରେ ଏକ ଲେଇକା-ପରିଚାଳିତ ଟ୍ରିପଲ କ୍ୟାମେରା ସିଷ୍ଟମ ରହିଛି ଯେଉଁଥିରେ ଏକ ୫୦ଏମପି ମେନ କ୍ୟାମେରା, ଏକ ଲେଇକା ୫ଏକ୍ସ ପେରିସ୍କୋପ ଟେଲିଫଟୋ କ୍ୟାମେରା ରହିଛି। ସାଓମି ୧୭ଟି ଲେଇକା ଲାଇଭ ମୁମେଂଟରେ ମଧ୍ୟ ଆରମ୍ଭ କରିଛି, ଏକ ନୂତନ ଇମେଜିଂ ଅନୁଭୂତି ଯାହା କେବଳ ନିର୍ଣ୍ଣାୟକ ମୁହୂର୍ତ୍ତକୁ କ୍ୟାପଚର କରିବା ପରିବର୍ତ୍ତେ ଦୈନନ୍ଦିନ ସ୍ମୃତିଗୁଡ଼ିକୁ ସମୃଦ୍ଧ ଭିଜୁଆଲ କାହାଣୀରେ ପରିବର୍ତ୍ତନ କରିଥାଏ। ଏହି ଡିଭାଇସରେ ୩୫୦୦ ନିଟ୍‌ସ ପର୍ଯ୍ୟ' ପିକ୍ ବ୍ରାଇଟନେସ୍ ସହ ୬.୫୯ ଇଂଚ ୧.୫କେ ଆମୋଲେଡ ଡିସପ୍ଲେ ଓ ୧୨୦ଏଚଜେଡ ରିଫ୍ରେଶ ରେଟ ରହିଛି ଯାହା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ମଧ୍ୟ ସ୍ପଷ୍ଟ ରଙ୍ଗ ଓ ଚମତ୍କାର ଭିଜିବିଲିଟି ଦେଇଥାଏ। ସାଓମି ୧୭ଟି , ଏକ ଇଂଟେଲିଜେଂଟ ଆଇ-କେୟାର ସିଷ୍ଟମ ସାଓମି ଭିଜନ କେୟାରର ଶୁଭାରମ୍ଭ କରିଛି ଯାହା ବ୍ଲୁଲାଇଟ ଏକ୍ସପୋଜର, ଫ୍ଲିକର ଓ ଭିଜୁଆଲ ଥକ୍କାପଣକୁ ନିୟନ୍ତ୍ରଣ କରିଥାଏ। ସାଓମି ୧୭ଟି ଭାୟୋଲେଟ, ବ୍ଲୁ ଓ ବ୍ଲାକରେ ଉପଲବ୍ଧ ହେଉଛି। ଲଂଚ୍ ଅବଧି ପାଇଁ ସାଓମି ୧୭ଟି ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଂଟରେ ଉପଲବ୍ଧ ହେବ ଯାହାର ମୂଲ୍ୟ ଯଥାକ୍ରମେ ୫୯,୯୯୯ ଟଙ୍କା ଓ ୬୪,୯୯୯ ଟଙ୍କା ରହିଛି। ଗ୍ରାହକମାନେ ଉଭୟ ଫୁଲ ସ୍ୱାଇପ

ଓ କ୍ରେଡିଟ କାର୍ଡ ଟ୍ରାନ୍ସକ୍ସନ ଉପରେ ୫୦୦୦ ଟଙ୍କାର ତତ୍କାଳ ବ୍ୟାଙ୍କ ରିହାତି ପାଇପାରିବେ, ଯାହା ଏହାର ପ୍ରଭାବୀ ମୂଲ୍ୟକୁ ୫୪,୯୯୯ ଟଙ୍କାକୁ ହ୍ରାସ କରୁଛି। ଏହାସହିତ ଉପଭୋକ୍ତାମାନେ ସହଜ ଋଣ ବିକଳ୍ପ, ଆକର୍ଷଣୀୟ ଏକ୍ସଚେ ଲାଭ ଓ ଏକ ମାଗଣା ଆସ୍ୟୋରଡ ବାୟବ୍ୟାକ ପ୍ରୋଗ୍ରାମ ପାଇପାରିବେ। ସାଓମି ୧୭ଟି ଉପଭୋକ୍ତାମାନେ ୩ ମାସର ଗୁଗଲ ଏଆଇ ପ୍ରୋ, ୩ ମାସର ୟୁଟ୍ୟୁବ ପ୍ରିମିୟମ, ୩ ମାସର ଜିଓହଟଷ୍ଟାର ସହ ୫୦୦୦ଜିବି କ୍ଲାଉଡ ଷ୍ଟୋରେଜ, ଗୁଗଲ ଜେମିନାଇ ପ୍ରୋ ଏବଂ ୪ ମାସର ସ୍ପଟିଫାଏ ପ୍ରିମିୟମ ଷ୍ଟାଣ୍ଡର୍ଡ ସମେତ ଏକାଧିକ ପ୍ରିମିୟମ ଡିଜିଟାଲ ଲାଭ ବିନା କୌଣସି ଅତିରିକ୍ତ ମୂଲ୍ୟରେ ପାଇବେ। ସାଓମି ୧୭ଟିର ସେଲ ଆସନ୍ତା ଜୁନ ୧୦ ତାରିଖ, ୨୦୨୬ରୁ ଆମାଜନ ଡଟ ଇନ, ଏମଆଇ ଡଟ୍ କମ ଓ ଭାରତବ୍ୟାପୀ ସାଓମି ରିଟେଲ ଷ୍ଟୋରଗୁଡିକରେ ଦିନ ୧୨ଟାରୁ ଆରମ୍ଭ ହେବ। ଏହି ଡିଭାଇସ ଏକ ବିସ୍ତୃତ ଶୃଙ୍ଖଳାର ଆଇ-କର୍ଟ ସାର୍ଟିଫିକେସନ ସହ ଟିୟୁଭି ରେନଲ୍ୟାଣ୍ଡ ଇଂଟେଲିଜେଂଟ ଆଇ କେୟାର ସାର୍ଟିଫିକେଶନ ହାସଲ କରିଛି। ଏଥିରେ ଏକ ୬୫୦୦ ଏମଏଏଚ ସିଲିକନ ବ୍ୟାଟେରୀ ଓ ୬୭ୱାଟ ହାଇପରଚାର୍ଜ ରହିଛି। ସାଓମି ହାଇପରଓଏସ, ଆଡ୍‌ଭାନ୍ସଡ କୁଲିଂ ଟେକ୍ନୋଲୋଜି ଏବଂ ସାଓମି ହାଇପରଏଆଇ, ଗୁଗଲ ଜେମିନାଇ ଓ ସର୍କଲ ଟୁ ସର୍ଚ୍ଚ ୱିଥ ଗୁଗଲ ସମେତ ଇଂଟେଲିଜେଂଟ ଫିଚରଗୁଡିକର ଏକ ଶୃଙ୍ଖଳା ସହ ପେୟାର ହୋଇ ସାଓମି ୧୭ଟି ଏକ ସ୍ମାର୍ଟ, ଅଧିକ ସହଜ ସ୍ମାର୍ଟଫୋନ ଅନୁଭୂତି ପ୍ରଦାନ କରୁଛି।

ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ଅନଲାଇନ୍ ଦାନ ସୁବିଧାର ଶୁଭାରମ୍ଭ ସହ ନୂତନ ଫିଜିଟାଲ୍ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର, ୬।୬ (ନି.ପ୍ର) : ଭାରତର ଅନ୍ତର୍ଜାତୀୟ ବ୍ୟାଙ୍କ, ବ୍ୟାଙ୍କ୍ ଅଫ୍ ବରୋଦା ଦୁଇଟି ପ୍ରମୁଖ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ନିଜର ସେବାକୁ ଅଧିକ ସୁଦୃଢ଼ କରିଛି - ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀର ୱେବସାଇଟ୍ ସହିତ ଏହାର ଇଣ୍ଟରନେଟ୍ ପେମେଣ୍ଟ ଗେଟୱେ'ର ସଂଯୋଗୀକରଣ, ଯାହା ଭକ୍ତମାନଙ୍କୁ ସହଜରେ ଅନଲାଇନ୍ ଦାନ କରିବାକୁ ସକ୍ଷମ କରିବ ଏବଂ ଭୁବନେଶ୍ୱର ଜୋନ୍‌ରେ ଏହାର ପ୍ରଥମ ଫିଜିଟାଲ୍ ଶାଖାର ଉଦ୍‌ଘାଟନ।ଏହି ଫିଜିଟାଲ୍ ଶାଖା ସହିତ ବ୍ୟାଙ୍କ୍ ସାରା ଦେଶରେ ମୋଟ୩୦ଟି ଫିଜିଟାଲ ଶାଖା ପ୍ରତିଷ୍ଠା କରିଛି।

ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ସରକାରୀ ୱେବସାଇଟ୍ ସହିତ ବ୍ୟାଙ୍କ୍ ର ସୁରକ୍ଷିତ ପେମେଣ୍ଟ ଗେଟୱେ'ର ସଂଯୋଗୀକରଣ ଦ୍ୱାରା ଭାରତ ତଥା ସାରା ବିଶ୍ୱର ଭକ୍ତମାନେ ଏକ ସରଳ, ସୁରକ୍ଷିତ ଏବଂ ସୁବିଧାଜନକ ଉପାୟରେ ଅନଲାଇନରେ ଦାନ କରିପାରିବେ। ଭକ୍ତମାନେ ବର୍ତ୍ତମାନ କର୍ପସ ଫଣ୍ଡ ଦାନ ଯୋଜନା, ସାଧାରଣ ଦାନ ଏବଂ ମନ୍ଦିରର ମରାମତି ଓ ନବୀକରଣ ଭଳି ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଅନଲାଇନ୍ ଅର୍ଥ ପ୍ରଦାନ କରିପାରିବେ। ଏହି ନୂତନ ସୁବିଧା ଭକ୍ତମାନଙ୍କୁ ସହଜରେ ମନ୍ଦିରକୁ ଭେଟି ପ୍ରଦାନ କରିବାକୁ ସକ୍ଷମ କରିବ, ଯାହା ଶତାବ୍ଦୀ ପୁରାତନ ଏହି ପବିତ୍ର ପୀଠ ସହିତ ସେମାନଙ୍କର ସମ୍ପର୍କକୁ ଆହୁରି ମଜବୁତ କରିବ।

ବ୍ୟାଙ୍କ୍‌ଅଫ୍ ବରୋଦା ଭୁବନେଶ୍ୱର ଜୋନ୍‌ରେ ଏହାର ପ୍ରଥମ ଫିଜିଟାଲ୍ ଶାଖାର ମଧ୍ୟ ଶୁଭାରମ୍ଭ କରିଛି। ଭୁବନେଶ୍ୱରର ଜନପଥଠାରେ ଅବସ୍ଥିତ ଏହି ଫିଜିଟାଲ୍ ଶାଖାକୁ ବ୍ୟାଙ୍କ୍ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଡ୍. ଦେବଦତ୍ତ ଚାନ୍ଦ, ଭୁବନେଶ୍ୱର ଜୋନ୍‌ର ଜିଏମ୍ ଏବଂଜୋନାଲ ମୁଖ୍ୟ ଶ୍ରୀ ଶରତ କୁମାର ପାଣିଗ୍ରାହୀଙ୍କ ସହ ବ୍ୟାଙ୍କ୍ ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି।

ଏହି ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଫିଜିଟାଲ୍ ଶାଖାଟି ଗ୍ରାହକମାନଙ୍କୁ ଡିଜିଟାଲ୍ ସୁବିଧା ଏବଂ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ୍ ସହାୟତାର ଏକ ସହଜ ସମନ୍ୱୟ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଉନ୍ନତ ସେଲ୍ଫ ସର୍ଭିସ୍ ବ୍ୟାଙ୍କିଙ୍ଗ୍ ସୁବିଧା ସହିତ ସମର୍ପିତ ଗ୍ରାହକ ସେବା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏହି ଶାଖା ଏକ ଆଧୁନିକ, ଦକ୍ଷ ଏବଂ ଗ୍ରାହକ-ଅନୁକୂଳ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବ।

ଏହି ଅବସରରେ ବ୍ୟାଙ୍କ୍ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଡ୍. ଦେବଦତ୍ତ ଚାନ୍ଦ କହିଛନ୍ତି,'ବ୍ୟାଙ୍କ୍ ଅଫ୍ ବରୋଦା ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଆମେ ରାଜ୍ୟରେ ଆମର ସେବା ସମ୍ପ୍ରସାରଣ ଏବଂ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ସହିତ ଆମର ଭାଗିଦାରୀ ମାଧ୍ୟମରେ, ଆମେ ଭକ୍ତମାନଙ୍କୁ ଏକ ସୁରକ୍ଷିତ ଏବଂ ସହଜ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ପ୍ରଦାନ କରି ସେବା କରିବାର ସୌଭାଗ୍ୟ ପାଇଛୁ, ଯାହା ଦ୍ୱାରା ସେମାନେ ମନ୍ଦିରକୁ ନିଜର ଦାନ ଅର୍ପଣ କରିପାରିବେ। ଏଥି ସହିତ, ଭୁବନେଶ୍ୱରରେ ଆମର ନୂତନ ଫିଜିଟାଲ୍ ଶାଖା ଆମର ଗ୍ରାହକମାନଙ୍କୁ ଏକ ଉନ୍ନତ ବ୍ୟାଙ୍କିଙ୍ଗ୍ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟକ୍ତିଗତ ସେବାକୁ ଏକତ୍ରିତ କରିବା ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି।

ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ବ୍ୟାଙ୍କ୍ ଅଫ୍ ବରୋଦା ନିଜର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ କ୍ଷମତାକୁ ବୃଦ୍ଧି କରିବା ଏବଂ ଓଡ଼ିଶା ସାରା ଗ୍ରାହକଙ୍କ ସହ ସମ୍ପର୍କକୁ ଆହୁରି ଗଭୀର କରିବାଦିଗରେ ପଦକ୍ଷେପ ଜାରି ରଖିଛି।

ବୃକ୍ଷରୋପଣ ସହ ବିଶ୍ୱ ପରିବେଶ ଦିବସ ପାଳନ କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୬।୬ (ନି.ପ୍ର): ଟିପି ସର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗୋପାଳପୁରସ୍ଥିତ ଜେଏନ୍ ଟାଟା ଟେକ୍ନିକାଲ୍ ଇନଷ୍ଟିଚ୍ୟୁଟ୍ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ କର୍ମଚାରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ସବୁଜ ପୃଥିବୀ ଗଠନ ଦିଗରେ କମ୍ପାନୀର ଏହି ସାମୂହିକ ଉଦ୍ଦେଶ୍ୟକୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ଟାଟା ସଷ୍ଟେନେବିଲିଟି ମାସ ୨୦୨୬କୁ ବିଦ୍ଧିବଦ୍ଧ ଭାବେ ଆରମ୍ଭ କରାଯାଇଛି, ଯାହାର ଥିମ୍ ରହିଛି- ଥିଙ୍କିଂ ଇଜ୍ ଗୁଡ୍, ଡୁଇଂ ଇଜ୍ ବେଟର୍ । ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ସହ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବ୍ୟକ୍ତିଗତ ଜୀବନରେ କିପରି ସବୁଜ ପୃଥିବୀ ଗଠନର ବାର୍ତ୍ତାବାହ ସାଜିବେ ସେନେଇ ସଚେତନ କରାଇବ ।

ପ୍ରତିବର୍ଷ ଜୁନ ୫ ତାରିଖରେ ସାରା ବିଶ୍ୱ, ବିଶ୍ୱ ପରିବେଶ ଦିବସ ପାଳନ କରେ । ଚଳିତବର୍ଷ ଏହାର ବିଷୟବସ୍ତୁ ରହିଛି -ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଏକ ସାମଗ୍ରିକ ପ୍ରୟାସର ଆବଶ୍ୟକତାକୁ ଅନୁଭବ କରି ଟିପିଏସ୍‌ଓଡିଏଲ୍ ଟାଟା ସଷ୍ଟେନେବିଲିଟି ମାସ ପାଳନ କରିଆସୁଅଛି । କମ୍ପାନୀ ପକ୍ଷରୁ ଏହି ମାସରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା ଅଧିବେଶନ, ବେଳାଭୂମି ସଫେଇ ଅଭିଯାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ପରିବେଶ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ ।

ପରିବେଶ ସଂରକ୍ଷଣ ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଟାଟା ଗ୍ରୁପ୍ ନିଜ ଦୃଢ଼ ପ୍ରତିବଦ୍ଧତା ଦେଖାଉଛି । ନିଜ କର୍ମଚାରୀ ତଥା ଉପଭୋକ୍ତା ସଂପ୍ରଦାୟଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରୁଛି ।

ଟିପିଏସ୍‌ଓଡିଏଲର ଏହି ବୃକ୍ଷରୋପଣ ଅଭିଯାନ ବିଭିନ୍ନ ଜିଲ୍ଲାରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଛି, ଯେଉଁଥିରେ କମ୍ପାନୀର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ।

ଆଞ୍ଚଳିକ ମନ୍ଥନ

ରବିବାର, ୦୭ ଜୁନ୍ ୨୦୨୬, ଭୁବନେଶ୍ୱର Sunday, 07 June 2026, Bhubaneswar

କିଶନନଗରରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା କଲେ ଅତିରିକ୍ତ ଜିଲ୍ଲାପାଳ

କଟକ,୬।୬ (ନି.ପ୍ର): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର -୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ କମଳଜିତ ଦାସ କିଶନନଗର ଅଞ୍ଚଳ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ? ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର ମାନଙ୍କ ସହ ଚାଲିଥିବା ଗଣନା ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟିକରଣ ମାଧ୍ୟମରେ କରାଯାଉଛି ସେଥି ନିମନ୍ତେ ସତର୍କତା , ଦାୟିତ୍ୱବୋଧ , ଓ ସମୟନିଷ୍ଠତା ସହ କାର୍ଯ୍ୟ କରିବାକୁ ବିଏଲଓ ମାନଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି । ଘରକୁ ଘର ଯାଇ କରାଯାଉଥିବା ତଥ୍ୟ ସଂଗ୍ରହ, ମତଦାତାଙ୍କ ବିବରଣୀ ଯାଞ୍ଚ ଏବଂ ଏନୁମେରେସନ୍ ଫର୍ମ ପୂରଣ କାର୍ଯ୍ୟର ତଦାରଖ କରିଛନ୍ତି । ବୁଥ ନଂ ୧୪୯, ୧୫୦, ୧୫୧ (୧), ୧୫୨, ୧୫୩, ୧୫୪, ୧୫୫, ୧୫୬, ୧୫୭ ଅନ୍ତର୍ଗତ ରାମକୁମାରପୁର , ସୋମପୁର , ଥୋରିଆପଡା , ତେଲଡିଆ , ତରିଲୋ ,ଅରିଲୋ ଆଦି ଅଞ୍ଚଳକୁ ଯାଇ ତଦାରଖ କରିଛନ୍ତି ।

ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ନୂତନ ଅଧ୍ୟୟନ ଓ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ, ୬।୬ (ନି.ପ୍ର) :- ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) କର୍ମଚାରୀ ଏବଂ ସହଯୋଗୀଙ୍କ ଦକ୍ଷତା ବିକାଶ ଲକ୍ଷ୍ୟରେ ଏକ ପଦକ୍ଷେପ ସ୍ୱରୂପ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର ତଥା ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର (ଏଲ୍ ଆଣ୍ଡ ଡି) ର ଉଦଘାଟନ ହୋଇ ଯାଉଛି । ଏହି କେନ୍ଦ୍ର ଏହାର କର୍ମଚାରୀ ମାନଙ୍କର ଦକ୍ଷତା ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ସହିତ ଏଏମ୍ /ଏନଏସ୍ ଇଣ୍ଡିଆର ବିକାଶର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ନିରନ୍ତର ପ୍ରଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଠାରେ ୧୨୦ ଜଣଙ୍କ ପାଇଁ ବସିବା କ୍ଷମତା ରହିଛି। ତାଲିମ ଅଧିବେଶନଗୁଡ଼ିକର ସହଜ ଓ ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଅଡିଓ-ଭିଜୁଆଲ୍ ସିଷ୍ଟମ୍ ଏବଂ ଏକ ଡିଜିଟାଇଜ୍ଡ ପୋଡିୟମ୍ (ମଞ୍ଚ) ଦ୍ୱାରା ସୁସଜ୍ଜିତ। ଏହି କେନ୍ଦ୍ରରେ ଏଲ୍ ଆଣ୍ଡ ଡି ଟିମ୍ ପାଇଁ ସ୍ୱତନ୍ତ୍ର ୱର୍କଷ୍ଟେସନ୍ ମଧ୍ୟ ରହିଛି। ଶିକ୍ଷଣ ପରିବେଶକୁ ଆହୁରି ସମୃଦ୍ଧ କରିବା ପାଇଁ ଖୁବ୍ ଶୀଘ୍ର ଏଥିରେ ଲାଉଞ୍ଜ୍ ଏବଂ ଲାଇବ୍ରେରୀ (ପାଠାଗାର) ସୁବିଧା ଯୋଡ଼ିବାକୁ ମଧ୍ୟ ଯୋଜନା କରାଯାଉଛି। ଏହି କେନ୍ଦ୍ରକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଅର୍ଥ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଅମିତ ହରଲାଲକା ଏବଂ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ପ୍ରକଳ୍ପ (ପୂର୍ବ) ବିଭାଗ ମୁଖ୍ୟ କେ.ଏ. ଚୌଧୁରୀ, ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ, ଓଡ଼ିଶା ଅପରେସନ୍ସର ମୁଖ୍ୟ ୟୁ.ଏସ୍.ଆର୍. ରାଜୁ, ପ୍ରକଳ୍ପ (ଓଡ଼ିଶା) ବିଭାଗ ମୁଖ୍ୟ ଘନଶ୍ୟାମ ପରିଡ଼ା ଏବଂ ମାଇନିଂ ଅପରେସନ୍ସ ଆଣ୍ଡ ଡେଭଲପମେଣ୍ଟ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶେଖାୱତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଉଦ୍‌ଘାଟନ ପରେ ଆୟୋଜିତ ଏକ ପୁରସ୍କାର ଓ ସ୍ୱୀକୃତି ସମାରୋହରେ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସେମାନଙ୍କର ଅବଦାନ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆର ନେତୃତ୍ୱମଣ୍ଡଳୀ ଦଳ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନେତୃତ୍ୱମଣ୍ଡଳୀ ସୁରକ୍ଷା, ଏଏମ୍/ଏନ୍ଏସ୍ ଇଣ୍ଡିଆର ମୂଲ୍ୟବୋଧର ଏକ ପ୍ରମୁଖ ଅଂଶ, ଏବଂ ସମସ୍ତେ ମିଳିତ ଭାବେ ସୁରକ୍ଷିତ ରହି ମାନଦଣ୍ଡ ବୃଦ୍ଧି କରିବା ଏବଂ ପରସ୍ପରକୁ ସୁରକ୍ଷିତ ରଖିବାରେ ସାମୂହିକ ଦାୟିତ୍ୱ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ନିରନ୍ତର ବିକାଶ ଏବଂ ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହନ ଦେଇ, ଏଏମ୍/ଏନ୍ଏସ୍ ଇଣ୍ଡିଆ ନିଜର କର୍ମଚାରୀ ଓ ସହଭାଗୀମାନଙ୍କୁ ସଶକ୍ତ କରିବା ପାଇଁ ସମର୍ପିତ, ଯାହା ଭବିଷ୍ୟତର ଅଭିବୃଦ୍ଧି, ସ୍ଥିରତା ଏବଂ ଶ୍ରେଷ୍ଠତାକୁ ସକ୍ଷମ କରିବ।

ଟ୍ରାନ୍ସଫର୍ମର ପୋଡି ଯିବାରୁ ୧୨ ଦିନ ଧରି ଅନ୍ଧାରରେ ମୁସିକିଗୁଡ଼ା

ମାଲକାନଗିରି, ୬/୬(ମନ୍ଥନ): ପଡ଼ିଆ ବ୍ଲକ ଅନ୍ତର୍ଗତ ମୁସିକିଗୁଡ଼ା ଗ୍ରାମରେ ଗତ ୨୫/୦୫/୨୦୨୬ ତାରିଖରୁ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଆଜିକୁ ୧୨ ଦିନ ହେଲା ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ ସେବା ଠପ୍ ପଡ଼ି ରହିଛି। ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ୪୨ ଡିଗ୍ରୀରୁ ଅଧିକ ତାପମାତ୍ରା

ମଧ୍ୟରେ ଗ୍ରାମବାସୀ ଅସହ୍ୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ବିଦ୍ୟୁତ ବିଭାଗର ନିଷ୍କ୍ରିୟତାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦିନେ ପ୍ରଚଣ୍ଡ ଖରା ଓ ରାତିରେ ଅନ୍ଧାର ଭିତରେ ଜୀବନ ବିତାଉଥିବା ଗ୍ରାମବାସୀଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ପାନୀୟ ଜଳ ସମସ୍ୟା ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହୋଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଯେପରି ଆଖି ବୁଜି ବସିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ବଦଳାଇବା କିମ୍ବା ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ଦିଗରେ କୌଣସି ପଦକ୍ଷେପ ଦେଖିବାକୁ ମିଳିନାହିଁ। ପ୍ରଶ୍ନ ଉଠୁଛି, ଜନସାଧାରଣଙ୍କ ମୌଳିକ ସୁବିଧା ସହ ଜଡ଼ିତ ଏଭଳି ଗୁରୁତର ସମସ୍ୟା ପ୍ରତି ବିଦ୍ୟୁତ ବିଭାଗ ଏତେ ଉଦାସୀନ କାହିଁକି ? ଆଉ କେତେ ଦିନ ଅନ୍ଧାରରେ ରହିବେ ମୁସିକିଗୁଡ଼ା ଗ୍ରାମବାସୀ ? ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ନୂତନ ଟ୍ରାନ୍ସଫର୍ମର ସ୍ଥାପନ ସହ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି। ଦେଖିବାକୁ ବାକି ରହିଲା ପ୍ରଶାସନ ର ନିଦ କେବେ ଭାଙ୍ଗୁଛି।

ସବୁଜ ବିପ୍ଳବ ସୃଷ୍ଟି କରିବା ଦିଗରେ ପାରାଦୀପ ପୌରପାଳିକା ପକ୍ଷରୁ ଦୃଢ ପଦକ୍ଷେପ

ପାରାଦୀପ, ୬।୭ (ନି.ପ୍ର) ବନ୍ଦର ନଗରୀ ପାରାଦୀପ କୁ ପ୍ରଦୂଷଣ ଆଁ କରି ଗିଳି ଚାଲୁଥିଲା ବେଳେ ବନ୍ଦରକୁ ଭିତ୍ତିକରି ମୁଣ୍ଡ ଟେକିଛି ମାତ୍ରାଧିକ ଶିଳ୍ପ ଶିଳ୍ପାୟନ । ଗୋଟେ ପଟେ ଶିଳ୍ପରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଭୂତଳ ଜଳକୁ ବିଷାକ୍ତ କରି ଚାଲୁଥିଲାବେଳେ ନଦୀ, ନାଳ ଓ ସମୁଦ୍ର ରେ ଶିଳ୍ପର ପାଣି ମିଶୁଥିବାରୁ ମାନବ ସମାଜ ଉପରେ ସିଧାସଳଖ କୁ ପ୍ରଭାବ ପଡୁଥିଲା ବେଳେ ଜଳଜୀବ ଏହାର ପ୍ରଭାବରେ ଲୋପ ପାଇବାକୁ ବସିଲାଣି । ଏପରିକି ପକୃତି ବିଗିଡି ଜିବାରୁ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ଉଭାନ ହେଇଜିବା ଚିନ୍ତାର କାରଣ ହେଇଯାଉଛି । ଯାହାକୁ ନେଇ ପରିବେଶ ବିତ୍ ମାନେ ଦେଇଥିବା ବାର୍ତ୍ତା ଶୁଭଙ୍କର ନୁହଁ ବୋଲି ଗବେଷକ ମାନେ ମତ ପ୍ରକାଶ କରିସାରିଲେଣି । ସବୁଦୃଷ୍ଟିକୁ ବିଚାର କରି ପାରାଦୀପ ପୌରପାଳିକା ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲା ବେଳେ ଉଜୁଡି ଯାଉଥିବା ହେନ୍ତାଳ ବଣ କୁ ସୁରକ୍ଷା ଦିଗରେ ନେଇଛନ୍ତି ଦୃଢ ପଦକ୍ଷେପ । ଏହି ପରିପ୍ରେକ୍ଷୀରେ ବିଶ୍ୱ ପରିବେଶ ଦିବସ-୨୦୨୬ ଉପଲକ୍ଷେ ପାରାଦ୍ୱୀପ ପୌରପାଳିକା ପକ୍ଷରୁ ୨ ନମ୍ବର ୱାର୍ଡ ସ୍ଥିତ ବିଜୟଚାନ୍ଦପୁର ନଦୀଘାଟ ନିକଟରେ ବାତ୍ୟା ପ୍ରତିରୋଧ ଓ ମୃତ୍ତିକା ସାରଂକ୍ଷଣ ନିମନ୍ତେ ଶୁକ୍ରବାର ସକାଳେ ହେନ୍ତାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି କ୍ଷ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ଶିକ୍ଷ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ବିଶିଷ୍ଟ ପରିବେଶବିତ୍ ଇଞ୍ଜିନିୟର ଅମେରେଶ ନରେଶ ସାମନ୍ତ, ପାରାଦ୍ୱୀପ ବିଜେପି ସଭାପତି ତଥା

ପାରିଷଦ ସୁବ୍ରତ ପ୍ରଧାନ, ପାରିଷଦ ପ୍ରତାପ ଚନ୍ଦ୍ର ନାୟକ,ଅଜିତ କୁମାର ଷଡଙ୍ଗୀ, ସୁଶାନ୍ତ ଦାସ, ଶ୍ରୀମତୀ କବିତା ସାହୁ, ନୀଳଚକ୍ର ଯୁଥ କ୍ଲବ ର ଦେବ ମଣ୍ଡଳ ଓ ସଭ୍ୟ, ସାତ୍ୱିକ ସୋଲ ଫାଉଣ୍ଡେସନ ର ବିଶ୍ୱଜିତ ସାମଲ ଓ ସାଥି, ବିବେକାନନ୍ଦ ଯୁଥ କ୍ଲବ ର ଜଗନ୍ନାଥ ହାଲଦାର ଓ ସଭ୍ୟ ଏବଂ ପୌର ଉପାଧକ୍ଷ ଙ୍କ ସମେତ ସମସ୍ତ ପାରିଷଦ ଉପସ୍ଥିତ ରହି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ କ୍ଷ ଏହାପରେ ସମସ୍ତ ପାରିଷଦ ରଙ୍ଗିଆଗଡ ଠାରେ ଅବସ୍ଥିତ ଗୋଶାଳା, ସମ୍ପଦ କେନ୍ଦ୍ର ଓ ବାୟୋଗ୍ୟାସ ପ୍ଲାଣ୍ଟ ପରିଦର୍ଶନ କରିଥିଲେ କ୍ଷ ଶେଷରେ ଦିନ ୧୧ ଟା ସମୟରେ ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଅଧିବେଶନରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ -୨୦୨୬ ସମ୍ବନ୍ଧରେ ଆଲୋଚନା କରାଯାଇ ପ୍ରସ୍ତାବ ପାରିତ ହୋଇଥିଲା। ଏହି ସଭାରେ ପୌରାଧକ୍ଷ ଓ ଉପାଧକ୍ଷ ଙ୍କ ସମେତ ସମସ୍ତ ପାରିଷଦ ପାରାଦୀପ ବିଧାୟକ ଙ୍କ ପାରାଦୀପ ପ୍ରତିନିଧି, ନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ବିଭୂତି ତ୍ରିପାଠୀ ଓ ଅନ୍ୟ ପୌର କର୍ମଚାରୀ ଉପସ୍ଥିତ ଥିଲେ।

ଏସଆଇଆର : ପଦଯାତ୍ରା ମାଧ୍ୟମରେ ମତଦାତାଙ୍କୁ ସଚେତନ କଲେ ଉପଜିଲ୍ଲାପାଳ

କଟକ,୬।୬ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର)-୨୦୨୬ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ମତଦାତା ଅଂଶଗ୍ରହଣ କରନ୍ତୁ ଏହି ଉଦ୍ଦେଶ୍ୟ ନେଇ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଟକ ସଦର ଉପଜିଲ୍ଲାପାଳ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏହି ସଚେତନତା ପଦଯାତ୍ରାକୁ ଉଦ୍ଘାଟନ କରି ନାଗରିକମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବା ସହ ବିଏଲଓମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରି ଏକ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ । ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ହାଇକୋର୍ଟ ଗଡ଼ା,

ନିମଚୌରୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା । ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏସ.ଆଇ.ଆର କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ମତଦାତା ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତିର ଆବଶ୍ୟକତା ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଏଥି ସହ ଜୁନ ୨ ତାରିଖରେ ଶୁଭାରମ୍ଭ କରାଯାଇଥିବା ସଚେତନତା ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତା ମାନଙ୍କୁ ଏସ.ଆଇ.ଆର ର ଗୁରୁତ୍ୱ ସମ୍ପର୍କରେ ସଚେତନ କରୁଛି ।

ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ବାଳକ ଓ ବାଳିକା ଚାମ୍ପିୟନସିପ୍ ଉଦ୍‌ଯାପିତ

ଅନୁଗୋଳ, ୬।୬ (ନି.ପ୍ର) : ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ ଅନ୍ତର୍ଗତ ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୪ (ଅନୁଗୋଳ) ବାଳକ ଓ ବାଳିକା ଚାମ୍ପିୟନସିପ୍-୨୦୨୬ ଉଦଯାପିତ ହୋଇଯାଇଛି। ଓଡ଼ିଶା କବାଡ଼ି ସଂଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଅନୁଗୋଳ ଜିଲ୍ଲା ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ୦୪.୦୬.୨୦୨୬ ରୁ ୦୬.୦୬.୨୦୨୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଗୋଳ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ବାଳିକା ବର୍ଗରେ ଅନୁଗୋଳ ୩୯-୩୦ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ବାଳକ ବର୍ଗରେ ନୟାଗଡ଼ ୪୬-୩୨ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିୟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡଃ ଗୌର ଗୋବିନ୍ଦ ସାମନ୍ତ, ଶ୍ରୀ ନରେନ୍ଦ୍ର ମହାକୁଳ, ଶ୍ରୀ ପେଷ୍କାର ଗଡନାୟକ, ଶ୍ରୀ କିଶୋର କୁମାର କର, ଶ୍ରୀମତୀ ରୁଚିରା ଦାସ ଏବଂ ଶ୍ରୀ ପ୍ରଭାସ ଦାଶ ଉପସ୍ଥିତ ରହିଥିଲେ। ସି.ଏମ୍. ଟ୍ରଫି କବାଡ଼ିର ପର୍ଯ୍ୟବେକ୍ଷକ ଶ୍ରୀ ଶୁଭେନ୍ଦୁ କୁମାର ଧୀର ପ୍ରତିଯୋଗିତାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିବାବେଳେ, ରାଜ୍ୟ ସଂଯୋଜକ ଶ୍ରୀ ସୁନୀଲ କୁମାର ମହାନ୍ତ ମୁଖ୍ୟମନ୍ତ୍ରୀ ଟ୍ରଫି ମାଧ୍ୟମରେ ରାଜ୍ୟରେ ଏକ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ହେଉଥିବା ପ୍ରକାଶ କରିଥିଲେ।

ଅଖୟ ମହାନ୍ତି ପାର୍କର ନବୀକରଣ ଓ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି : ମେୟର ସୁବାସ ସିଂ

କଟକ, ୬।୬ (ନି.ପ୍ର) : ଓଡ଼ିଶାର ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ କିମ୍ବଦନ୍ତୀ ସ୍ୱର୍ଗତ ଅଖୟ ମହାନ୍ତିଙ୍କ ସ୍ମୃତିକୁ ଅଧିକ ଗୌରବମୟ କରିବା ଉଦ୍ଦେଶ୍ୟରେ କଟକ ସହର, କନିକା ଛକ ସ୍ଥିତ ଅଖୟ ମହାନ୍ତି ପାର୍କର ସମ୍ପୂର୍ଣ୍ଣ ନବୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସେଠାରେ ଥିବା ଅର୍ଦ୍ଧାଙ୍ଗ ପ୍ରତିମୂର୍ତ୍ତି ପରିବର୍ତ୍ତେ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଆଜିର ଏହି ପରିଦର୍ଶନରେ କଟକ ମହାନଗର ନିଗମର କମିଶନର, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ , ସ୍ଥାନୀୟ କର୍ପୋରେଟର ଶ୍ରୀ ବିକାଶ ରଞ୍ଜନ ବେହେରା ଏବଂ ସନ୍ ହସ୍ପିଟାଲର ମ୍ୟାନେଜର ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ପାର୍କର ବର୍ତ୍ତମାନ ସ୍ଥିତି, ଉନ୍ନୟନର ଆବଶ୍ୟକତା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଏକ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମେୟର ଶ୍ରୀ ସୁବାସ ସିଂହ କହିଥିଲେ ଯେ ଅଖୟ ମହାନ୍ତି କେବଳ କଟକ କିମ୍ବା ଓଡ଼ିଶାର ନୁହେଁ, ସମଗ୍ର ଓଡ଼ିଆ ଜାତିର ଗର୍ବ ଓ ପରିଚୟ। ତାଙ୍କ ସ୍ମୃତି ବିଜଡ଼ିତ ଏହି ପାର୍କକୁ ଏକ ଆକର୍ଷଣୀୟ ଓ ସାଂସ୍କୃତିକ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ପାର୍କରେ ନୂତନ ଲ୍ୟାଣ୍ଡସ୍କେପିଂ, ସବୁଜୀକରଣ, ବସିବା ପାଇଁ ଉନ୍ନତ ବ୍ୟବସ୍ଥା, ଆକର୍ଷଣୀୟ ଆଲୋକୀକରଣ, ପଦଯାତ୍ରୀ ପଥର ଉନ୍ନତିକରଣ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧାର ବିକାଶ କରାଯିବ। ଏହା ସହିତ ପାର୍କକୁ ଆସୁଥିବା ଦର୍ଶନାର୍ଥୀ ଓ ସଙ୍ଗୀତପ୍ରେମୀଙ୍କ ପାଇଁ ଏହାକୁ ଏକ ସ୍ମରଣୀୟ ସ୍ଥାନ ଭାବେ ଗଢ଼ି ତୋଳିବାର ଯୋଜନା ରହିଛି। ବିଶେଷ କରି ସ୍ୱର୍ଗତ ଅଖୟ ମହାନ୍ତିଙ୍କ ଅର୍ଦ୍ଧାଙ୍ଗ ପ୍ରତିମୂର୍ତ୍ତି ପରିବର୍ତ୍ତେ ଏକ ସୁନ୍ଦର ଓ ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ସମସ୍ତଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ଏହା ମାଧ୍ୟମରେ ନୂତନ ପିଢ଼ି ଅଖୟ ମହାନ୍ତିଙ୍କ ଅବଦାନ ସମ୍ପର୍କରେ ଅଧିକ ପ୍ରେରଣା ପାଇବେ ବୋଲି ମେୟର ମତ ପ୍ରକାଶ କରିଥିଲେ। ସନ୍ ହସ୍ପିଟାଲ ପକ୍ଷରୁ ମଧ୍ୟ ପାର୍କର ଉନ୍ନୟନ ଏବଂ ସହରର ଏହି ଐତିହ୍ୟବାହୀ ସ୍ଥାନର ସୁରକ୍ଷା ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରାଯାଇଥିଲା। ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ କହିଥିଲେ ଯେ କଟକ ସହରର ଐତିହ୍ୟ, ସଂସ୍କୃତି ଓ ଗୌରବ ସହ ଜଡ଼ିତ ସମସ୍ତ ସ୍ଥାନର ସଂରକ୍ଷଣ ଓ ବିକାଶ କଟକ ମହାନଗର ନିଗମର ପ୍ରାଥମିକତା ମଧ୍ୟରେ ରହିଛି। ଖୁବ୍ ଶୀଘ୍ର ଅଖୟ ମହାନ୍ତି ପାର୍କର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ଏହା ଏକ ଆଦର୍ଶ ସାଂସ୍କୃତିକ ଓ ବିନୋଦନ କେନ୍ଦ୍ର ଭାବେ ପରିଣତ ହେବ।

ମହାତ୍ମାଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସ୍ମୃତି ସଭା

ଭଦ୍ରକ, ୬।୬ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧୀ ଭାରତବର୍ଷ ଓ ଓଡ଼ିଶାରେ ୧୯୩୪ ମସିହାରେ ଜାତିପ୍ରଥାକୁ ଦୂରୀଭୂତ କରିବା ପାଇଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ। ମହାତ୍ମାଗାନ୍ଧୀ ବିଚାରମଞ୍ଚ ଭଦ୍ରକ ତରଫରୁ ଏକ ସ୍ମୃତି ସଭା ଭଦ୍ରକ ସଂସ୍କୃତି ଭବନ ଠାରେ ଉକ୍ତ ଅନୁଷ୍ଠାନର ସଭାପତି ଶ୍ରୀ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମସ୍ତ ମାନନୀୟ ଅତିଥିବୃନ୍ଦ ଜୁନ୍ ୫ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ବାଳାଶ୍ରମରେ ଅବସ୍ଥାନ କରି କିପରି ହୀନ ଜାତିପ୍ରଥାକୁ ଉଠାଇ ଦେବା, ଗାନ୍ଧୀଜୀଙ୍କ ତ୍ୟାଗ, ସହନଶୀଳତା, ସତ୍ୟତା ଓ ଅହିଂସା ଗୁଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ସଭା ଆରମ୍ଭରେ ସଂଗଠନ ସମ୍ପାଦକ ବାବୁଲାଲ ଦାସ ସମ୍ମାନନୀୟ ଅତିଥିମାନଙ୍କୁ ମଞ୍ଚାସୀନ ହେବା ପାଇଁ ଅନୁରୋଧ କଲାପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଗାନ୍ଧୀଙ୍କର ପ୍ରିୟ ଭଜନ ବୈଷ୍ଣବ ଜନକେ ଗାୟନ କରାଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ ଦେଇଥିବା ବେଳେ ସଂପାଦକୀୟ



ବିବରଣୀ ପାଠ କରିଥିଲେ ଆମ୍ଭ ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ। ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ମାନନୀୟ ଜିଲ୍ଲାପାଳ ଡ଼. ଦିଲୀପ ରାଉତରାଏ, ସମ୍ମାନୀୟ ଅତିଥିଭାବେ ସେବା ନିବୃତ୍ତ ଅଧ୍ୟାପକ ଡ଼. ଭାଗବତ ତ୍ରିପାଠୀ ଏବଂ ଆଉ ଜଣେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ସଭାପତିଙ୍କ ଭାଷଣ ପରେ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସଂପାଦକ ଶ୍ରୀ ମଦନ ମୋହନ ନାୟକ। ସକାଳ ୭ଟା ବେଳେ ଗାନ୍ଧୀ ପଡ଼ିଆ ଠାରେ ସଫେଇ କାର୍ଯ୍ୟ ହୋଇଥିଲା ଏବଂ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସହଯୋଗ କରିଥିଲେ ସମାଜସେବୀ ଅଜୟ ନାୟକ, ଭାସ୍କର ଚନ୍ଦ୍ର ନାୟକ, ହରମୋହନ କୁଅଁର, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଗୌରାଙ୍ଗ ବାରିକ୍, ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ବିବେକାନନ୍ଦ ମୁଖାର୍ଜୀ, ରମାକାନ୍ତ ନାୟକ, ଅଶୋକ କୁମାର ଦାସ, ରାମଚନ୍ଦ୍ର ପଣ୍ଡା, ଶାନ୍ତିଲତା ବାରିକ୍, ସଂଯୁକ୍ତା ଯାଦବ, ମମତା ସାହୁ, ଲଲାଟେନ୍ଦୁ ମହାନ୍ତି, ଡ଼. କୃପାସିନ୍ଧୁ ମିଶ୍ର, ଶ୍ରୀହର୍ଷ ସ୍ୱାଇଁ, ବସୁମିତ୍ରା ସାହୁ, କୌଳାସ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, କରୁଣାକର ଉପାଧ୍ୟାୟ, ଇନ୍ଦ୍ରମଣି ପଣ୍ଡା, ଅଜିତ୍ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ବୈଲୋଚନ ବେହୁରିଆ।

ଆସନ୍ତା ୯ରୁ ସୁପ୍ରିମ୍ ୱାଣ୍ଡର୍ସ ଏକ୍ସପୋ ଓଡ଼ିଶା ଅନୁଷ୍ଠିତ ହେବ

କଟକ, ୬।୬ (ନି.ପ୍ର): ସୁପ୍ରିମ୍ ୱାଣ୍ଡର୍ସ ଏକ୍ସପୋ ଓଡିଶା ୨୦୨୬ ଚଳିତ ମାସ ୦୯ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଓଡ଼ିଶା ଚାମ୍ବର ଅଫ୍ କମର୍ସ ପ୍ରସ୍ତୁତ ଲଘୁ ଉଦ୍ୟୋଗ ଭାରତୀଙ୍କ ସମର୍ଥକ ଏବଂ ଉଡିଆଭିକ୍ସ ଏଣ୍ଟରଟେନମେଣ୍ଟ ପକ୍ଷରୁ ଆୟୋଜିତ ଏହି ଏକ୍ସପୋରେ ୯୦ରୁ ଅଧିକ କ୍ଷୁଦ୍ର ଶିଳ୍ପ ଠାରୁ ବୃହତ ଶିଳ୍ପ ସଂସ୍ଥାର ବ୍ୟବସାୟୀ ମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀର ଇଭେଣ୍ଟର ସଂଯୋଜିକା ଶ୍ରୁତି ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ,ଗତ ବର୍ଷ ଠାରୁ ଏବର୍ଷ ଉଦ୍‌ଯୋଗୀ ପାଇଁ ଭଲ ବ୍ୟବସାୟର ସୁଯୋଗ ରହିଛି।ଗତ ବର୍ଷ ତୁଳନାରେ ଏହି ବର୍ଷ ଆହୁରି ବଡ଼ ଭିଡ଼ ଓ ସଫଳତା ମିଳିବ ବୋଲି ଆୟୋଜକ ମାନେ ଆଶା ରଖିଛନ୍ତି।ସେ ଆହୁରି କହିଥିଲେ ଯେ,ଏହି ବର୍ଷର ଏକ୍ସପୋକୁ "ରଜ କାର୍ଣ୍ଣିଭାଲ୍" ଥିମ୍ ?ରେ ଆୟୋଜନ କରାଯାଉଛି। ରଜ ପର୍ବର ସମସ୍ତ ବିଶେଷତାକୁ ଏହି ଇଭେଣ୍ଟରେ ସାମିଲ୍ କରାଯାଇଛି। ଦର୍ଶକମାନେ ରଜ ଦୋଳି, ପଣା,ପିଠା ସହ ଓଡିଆ ପରମ୍ପରା ଓ ସଂସ୍କୃତିର ଅନେକ ଆକର୍ଷଣୀୟ ଅନୁଭବ ଉପଭୋଗ କରିପାରିବେ।ବ୍ୟବସାୟିକ ପ୍ରଦର୍ଶନୀ ସହ ଫ୍ୟାଶନ,ଲାଇଫ ଷ୍ଟାଇଲ,ଫୁଡ଼, ହସ୍ତଶିଳ୍ପ,କୁଟୀର ଶିଳ୍ପର ବିଭିନ୍ନ ଉପକରଣ ଓ ବିଭିନ୍ନ ଷ୍ଟାର୍ଟଅପ୍ ବ୍ରାଣ୍ଡ ମାନଙ୍କର ଆକର୍ଷଣୀୟ ଷ୍ଟଲ୍ ମଧ୍ୟ ଏଠାରେ ଦେଖିବାକୁ ମିଳିବ।ଏହି ସାମ୍ବାଦିକ ସମ୍ମିଳନୀରେ ଓସିସି ପକ୍ଷରୁ ସୁଶ୍ରୀ ବିଶ୍ୱାଳ ଉପସ୍ଥିତ ଥିବାବେଳେ ଇଡିଆଭିକ୍ସ ଏଣ୍ଟରଟେନମେଣ୍ଟ ପକ୍ଷରୁ ଆୟୁଷ ବିଶ୍ୱାଳ, ନିର୍ମାଲ୍ୟ ମହାନ୍ତି ଓ ପଲ୍ଲବୀ ଦାଶ ଉପସ୍ଥିତ ଥିଲେ।

ମାଲକାନଗିରି ସରକାରୀ ପଲିଟେକନିକରେ ନିଯୁକ୍ତିର ସଫଳତା; ୯୭ ଛାତ୍ରଛାତ୍ରୀ ପ୍ରତିଷ୍ଠିତ କମ୍ପାନୀରେ ମନୋନୀତ

ମାଲକାନଗିରି, ୬/୬ (ମନ୍ଥନ): ମାଲକାନଗିରି ସରକାରୀ ପଲିଟେକନିକ ଚଳିତ ବର୍ଷ କ୍ୟାମ୍ପସ ପ୍ଲେସମେଣ୍ଟ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଅନୁଷ୍ଠାନର ୯୭ ଜଣ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ଓ ଉତ୍ପାଦନ କ୍ଷେତ୍ରର କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇ ଅନୁଷ୍ଠାନ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ରଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟା ସଫଳତାର ସହ ଆୟୋଜିତ ହୋଇଥିଲା। ଟ୍ରେନିଂ ଓ ପ୍ଲେସମେଣ୍ଟ ଅଫିସର ଶ୍ରୀମତୀ ଦୀପିକା ସରକାର ଏବଂ ଶ୍ରୀ ସୀମାଞ୍ଚଳ ନାୟକଙ୍କ ସମନ୍ୱୟରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କମ୍ପାନୀ ସହ ଯୋଡ଼ିବାରେ ସଫଳତା ମିଳିଥିଲା। ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ (DTE&T) ଏବଂ କଟକସ୍ଥିତ ସେଣ୍ଟ୍ରାଲ ପ୍ଲେସମେଣ୍ଟ ସେଲ୍‌ର ସହଯୋଗରେ ଆୟୋଜିତ ବିଭିନ୍ନ ପ୍ଲେସମେଣ୍ଟ ଡ୍ରାଇଭ୍‌ରେ ଏହି ସଫଳତା ମିଳିଛି। ନିକଟରେ ବେଙ୍ଗାଲୁରୁସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ସ ପକ୍ଷରୁ ଆୟୋଜିତ କ୍ୟାମ୍ପସ ଡ୍ରାଇଭ୍‌ରେ ୪୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୨୪ ଜଣ ଚୟନିତ ହୋଇ ନିଯୁକ୍ତି ପତ୍ର

ପାଇଥିଲେ। ସେହିପରି ଚେନ୍ନାଇସ୍ଥିତ ସୁବ୍ରୋସ୍ ଲିମିଟେଡ୍‌ର ପ୍ଲେସମେଣ୍ଟ ଡ୍ରାଇଭ୍‌ରେ ୪୨ ଜଣ ଏବଂ ପୁଣେସ୍ଥିତ ଫ୍ଲାସ୍ ଇଲେକ୍ଟ୍ରୋନିକ୍ସର ଚୟନ ପ୍ରକ୍ରିୟାରେ ୩୧ ଜଣ ଛାତ୍ରଛାତ୍ରୀ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ମୋଟ ୯୭ ଜଣ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଅନୁଷ୍ଠାନର ଶିକ୍ଷାଦାନ, ପ୍ରଶିକ୍ଷଣ ଏବଂ କୌଶଳ ବିକାଶ କ୍ଷେତ୍ରରେ ଏକ ବଡ଼ ସଫଳତା ଭାବେ ବିବେଚିତ ହେଉଛି। ଏହି ଉପଲବ୍ଧି ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକମଣ୍ଡଳୀ, କର୍ମଚାରୀ ଏବଂ ଅଭିଭାବକମାନେ ମନୋନୀତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. eT-CRW-MCS-EL-5-2026

କାର୍ଯ୍ୟର ନାମ : [illegible]

ବିଜ୍ଞାପିତ ମୂଲ୍ୟ : ₹15,40,741.50, EMD : ₹31,000/-, [illegible] : 36 ମାସ ।

[illegible] : ତା.08.06.2026ରିଖ [illegible]

[illegible] ତା.22.06.2026ରିଖ 1500 ଘଣ୍ଟାରେ ।

[illegible] www.ireps.gov.in [illegible]

PR-219/R/26-27 CRW/[illegible]

ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ରାଜଗାଙ୍ଗପୁର: ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନା ସିଏ ଆର ବିଭାଗ ପକ୍ଷରୁ କୁକୁଡ଼ା ଗ୍ରାମ ଠାରେ ୨୦୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ଙ୍କ ସକ୍ରୀୟ ଅଂଶଗ୍ରହଣ ରେ ବିଶ୍ୱ ପରିବେଶ ଦିବସ ସଫଳତା ସହ ପାଳିତ ହୋଇଯାଇଛି କାର୍ଯ୍ୟକ୍ରମ ରେ ଅଂଶ ସ୍ୱରୂପ ୪୦୦ ବିଭିନ୍ନ ପ୍ରକାରର ଫଳ ଦାୟକ ଚାରା ରୋପଣ କରାଯାଇ ଉପସ୍ଥିତ ଶହ ଶହ ଗ୍ରାମବାସୀ ଙ୍କୁ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା ପରିବେଷ ଦିବସ ପ୍ରତିଯୋଗିତାରେ ସଫଳ ହାସଲ

କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କ ପ୍ରୟାସ ସ୍ୱିକୃତି ସ୍ୱରୂପ ପୁରସ୍କାର ପ୍ରଦାନ କରାଯାଇ ବିଶ୍ୱ ପରିବେଶ ସୁରକ୍ଷା ସୁନ୍ଦର ସୁସ୍ଥ ପରିବେଶ ସମ୍ପଦ ସୁରକ୍ଷା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଉପସ୍ଥିତ ଛାତ୍ରଛାତ୍ରୀ ଗ୍ରାମବାସୀ ଓ ସାଧାରଣ ନାଗରିକ ଙ୍କୁ ବିଶିଷ୍ଟ ବ୍ୟକ୍ତି ଗଣ ବିସ୍ତୃତ ଭାବରେ ଆଲୋକପାତ କରାଇଥିଲେ ଏହି ଅବସରରେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ସିଏ ଆର ବିଭାଗ ର ବହୁ ଉଚ୍ଚ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

କୋଇଡା ବ୍ଲକରେ ଭୋଟର ତାଲିକା ସଂଶୋଧନ ପାଇଁ ସଚେତନତା ରଥର ଶୁଭାରମ୍ଭ

?କୋଇଡା ;(ସୌମ୍ୟ ନାରାୟଣ ମହାନ୍ତି): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାରେ କୋଇଡା ବ୍ଲକରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ମେଗା ଅଭିଯାନ ଆରମ୍ଭ ହୋଇଛି। ଯୋଗ୍ୟ ନାଗରିକଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟ ବା ମୃତ ଭୋଟରଙ୍କ ନାମ ବାଦ୍ ଦେବା ଏହାର ମୂଳ ଲକ୍ଷ୍ୟ। ଏହି କ୍ରମରେ ଜନସଚେତନତା ବୃଦ୍ଧି ପାଇଁ କୋଇଡା ତହସିଲ ପ୍ରାଙ୍ଗଣରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କୋଇଡା ତହସିଲଦାର ଚିନ୍ମୟ ଦାସ ଓ ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଉଦ୍ଦେଶ୍ୟ ଗୁରୁତ୍ୱପୂର୍ଣ୍ଣ ସମୟସୀମା ଯେପରି ୧୦.୦୬.୨୦୨୬ ରୁ ୨୧.୦୭.୨୦୨୬: BLO ମାନେ ଘରକୁ ଘର ବୁଲି ପରିଗଣନା ଫର୍ମ (Enumeration Form) ପ୍ରଦାନ ଓ ସଂଗ୍ରହ କରିବେ।୦୫.୦୯.୨୦୨୬ ରୁ

୦୫.୧୦.୨୦୨୬ ଦାବି ଏବଂ ଆପତ୍ତି ଦାଖଲ ପ୍ରକ୍ରିୟା ଚାଲିବ।୦୨.୧୧.୨୦୨୬ ରେ ନୋଟିସ ଜାରି ଓ ଆପତ୍ତିଗୁଡ଼ିକର ନିଷ୍ପତ୍ତି କରାଯିବ।୦୬.୧୧.୨୦୨୬: ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଅଧିକ ସୂଚନା ପାଇଁ ହେଲ୍ପଲାଇନ ନମ୍ବର ୧୯୫୦ ର ସହାୟତା ଜଣେ ନାଗରିକ ନେଇ ପାରିବ କ୍ଷ ଘରକୁ ଆସୁଥିବା ଈଖଙ ମାନଙ୍କୁ ଜନ୍ମ ତାରିଖ ଓ ପରିଚୟର ସଠିକ୍ ପ୍ରମାଣ ଦେଇ ଫର୍ମ ପୂରଣ କରିବା ସହ ନିଶ୍ଚିତ ଭାବେ ରସିଦ୍ (ଇମଳଭକ୍ଟଙ୍ଗକ୍ଷରୟଶରଙ୍କରଭଷ୍ପ ୪କ୍ଷସକ୍ତ) ସଂଗ୍ରହ କରିବାକୁ ବ୍ଲକ ପ୍ରଶାସନ ଅନୁରୋଧ କରିଛନ୍ତି ।

ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ମାଗଣା ଚିକିତ୍ସା ଶିବିର

କୁଚିଣ୍ଡା,୦୬।୦୬(ନି.ପ୍ର.):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ସାମ୍ବାଦିକ ଭବନ ଠାରେ ସମ୍ବଲପୁର ଲାଇଫ କେୟାର ମଲ୍ଟି ସ୍ପ ?ସିଆଲିଟି ହସ୍ପିଟାଲ ପକ୍ଷରୁ

ଏକ ମାଗଣା ସ୍ୱାସ୍ଥ୍ୟ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିର ରେ ସ୍ତ୍ରୀ ପ୍ରସୁତି ବିଭାଗ,ଅସ୍ଥି ଶଲ୍ୟ, ଶଲ୍ୟ ଚିକିତ୍ସା ଏବଂ ଭେଷଜ ଇତ୍ୟାଦି ଚିକିତ୍ସା କରାଯାଇଥିଲା। ଏଥିରେ ଡାକ୍ତର ପ୍ରଭାସ ଦେବତା,ତପନ କର୍ମାକର,ସୁମିତ କୌସିକ,ଶିବାନୀ ବୈଦ୍ୟ ପ୍ରମୁଖ ଡାକ୍ତର ମାନେ ଚିକିତ୍ସା କରିଥିଲେ। ଏହି ଶିବିରର ଉଦଯୋଗ କର୍ତ୍ତା ଭାବେ କୃଷ୍ଣ ସୁଦାମା ପାଣିଗ୍ରାହୀ, ବିଜ୍ଞାନ ମିର୍ଦ୍ଧା, ଲିଙ୍କନ ସାହୁ ରହିଥିବାବେଳେ,ସମାଜ ସେବୀ କାର୍ତ୍ତିକ ମିସ୍ତ୍ରୀ ସହଯୋଗ କରିଥିଲେ।

ବିଶ୍ୱ ପରିବେଶ ଦିବସ ଅବସରରେ ଯାଜପୁରରେ ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଗୋଷ୍ଠୀ-ଚାଳିତ ସ୍ଥାୟୀ ବିକାଶ କାର୍ଯ୍ୟକ୍ରମ

କଳିଙ୍ଗନଗର/ଯାଜପୁର,୬।୬: ପରିବେଶ ପରିଚାଳନା ଏବଂ ଗୋଷ୍ଠୀ-ଆଧାରିତ ସ୍ଥାୟୀ ବିକାଶ (ସଷ୍ଟେନେବିଲିଟି) ପ୍ରତି ନିଜର ପ୍ରତିବଦ୍ଧତାକୁ ନିରନ୍ତର ଦୃଢ଼ କରିଆସୁଥିବା, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା, ଜିନ୍ଦଲ ଷ୍ଟେନଲେସ୍, ପକ୍ଷରୁ ଓଡ଼ିଶାର ଯାଜପୁରର କଳିଙ୍ଗନଗରଠାରେ ବିଶ୍ୱ ପରିବେଶ ଦିବସ ୨୦୨୬ ଉପଲକ୍ଷେ ଅନେକ ସଚେତନତା ଓ ସହଭାଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ (ଥିମ୍) 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।' ସହ ସାମଞ୍ଜସ୍ୟ ରଖି ଏବଂ ଏହି ଆହ୍ୱାନର ସକ୍ରିୟ ପ୍ରତିକ୍ରିୟାରେ, ସପ୍ତାହବ୍ୟାପୀ ପାଳିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଓ କର୍ମଚାରୀମାନଙ୍କ ଅଂଶଗ୍ରହଣ ଦ୍ୱାରା ଦାୟିତ୍ୱବାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଚେତନତାକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଆଖପାଖର ଗୋଷ୍ଠୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକାଧିକ ସଚେତନତା ଏବଂ କାର୍ଯ୍ୟକଳାପ ଭିତ୍ତିକ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ସବୁଜ ବଳୟ ବୃଦ୍ଧି, ସ୍ଥାୟୀ ଜୀବନଶୈଳୀ ଅଭ୍ୟାସ, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ଦାନଗଦୀସ୍ଥିତ 'ଜିନ୍ଦଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ'ଠାରେ ଆଖପାଖ ଅଞ୍ଚଳର ମହିଳା ନେତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଘରୋଇ ଏବଂ ସାମାଜିକ ସ୍ତରରେ ପରିବେଶ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା।

ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଶ୍ରୀ ଦୀପକ ଅଗ୍ରୱାଲ କହିଛନ୍ତି, 'ସ୍ଥାୟୀ ବିକାଶ ବା ସଷ୍ଟେନେବିଲିଟି ସେତେବେଳେ ଅଧିକ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଏହା ସାମୂହିକ ହୋଇଥାଏ। ଆମେ ଆମର କର୍ମଚାରୀ ଏବଂ ଗୋଷ୍ଠୀକୁ ଏଥିରେ ସାମିଲ କରି ପରିବେଶ ପ୍ରତି ଥିବା ଦାୟିତ୍ୱକୁ ଏକ ସାଧାରଣ, ଦୈନନ୍ଦିନ ଅଭ୍ୟାସରେ

ପରିଣତ କରିବା ପାଇଁ ଏହି ପରିବର୍ତ୍ତନର ସୂତ୍ରପାତ କରୁଛୁ।'

ସହରରେ ସବୁଜ ବଳୟକୁ ସୁଦୃଢ଼ କରିବା ଏବଂ ପରିସ୍ଥିତିକ ସନ୍ତୁଳନ (ଇକୋଲୋଜିକାଲ୍ ବାଲାନ୍ସ) ବଜାୟ ରଖିବା ପାଇଁ କମ୍ପାନୀ ପକ୍ଷରୁ କାରଖାନା ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ପିଲାଦିନରୁ ପରିବେଶ ସଚେତନତା ଜାଗ୍ରତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ପରିବେଶ ପ୍ରତି ସଚେତନ ନାଗରିକ ଭାବରେ ଗଢ଼ିତୋଳିବା ପାଇଁ ପରିବେଶ ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ପାରସ୍ପରିକ କଥୋପକଥନ ଓ ସୃଜନଶୀଳ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା।

ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜ ର ମହାସମାବେଶ: ସଂସ୍କୃତି ଓ ସାମାଜିକ ଏକତା ରକ୍ଷା ପାଇଁ ଆହ୍ୱାନ

କୋଇଡା ୦୬।୦୬(ସୌମ୍ୟ ମହାନ୍ତି):ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ମଣ୍ଡଳ ଅନ୍ତର୍ଗତ ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜ ପକ୍ଷରୁ ଦୁଇ ଦିବସୀୟ ବାର୍ଷିକ ମହାସମାବେଶ-୨୦୨୬ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସକାଳକୁ ବାବା ଲଙ୍ଗଳେଶ୍ୱର ମନ୍ଦିର ରେ ପୂଜା ଓ ଆଶୀର୍ବାଦ ଏବଂ ପାରମ୍ପରିକ ବେସଭୁଷା ସହିତ ଶୋଭାଯାତ୍ରା କରି କୋଇଡ଼ାର ଧରଣୀଧର ଖେଳ ପଡ଼ିଆଠାରେ ପହଁଚି ଧରଣୀଧର ମୂର୍ତ୍ତି ମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ କ୍ଷ ମଞ୍ଚରେ ଥିବା ସହିଦ ରନ୍ନା ନାୟକ,ସହିଦ ଧରଣୀଧର ନାଏକ, ସହିଦ ମାଦ୍ରୀ କକ୍ଷଲୋ ଙ୍କ ଫୋଟ ପୂଜା କରି ଉପସ୍ଥିତ ଅତିଥିମାନଙ୍କୁ ପାରମ୍ପରିକ ସ୍ୱାଗତ ସଙ୍ଗୀତ, କର୍ପୂର-ଚନ୍ଦନର ତିଳକ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ଅତିଥି ସମ୍ମାନିତ ଭାବେ ଯୋଗ ଦେଇଥିଲେ।ପାଖା ପାଖି ପାଞ୍ଚ ହଜାର ରୁ ଉର୍ଦ୍ଧ ଲୋକ ଉପସ୍ଥିତ ହୋଇଥିଲେ ସେମାନଙ୍କ ମଧ୍ୟରେ ବଣାଇର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜନାର୍ଦନ ଦେହୁରୀ,ଶ୍ରୀଯୁକ୍ତ ଭୀମସେନ ଚୌଧୁରୀ,କୋଇଡ଼ା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ନାଏକ,କୋଇଡା ବ୍ଲକ ଜିଲ୍ଲା ପରିଷଦ (ଖ)ଅଶୋକ ନାଏକ,କାଳକୁଳ ପୀଢ଼: ସଭାପତି - ଶ୍ରୀଯୁକ୍ତ ମନୋଜ କୁମାର ମହାପାତ୍ର,ପଞ୍ଚନାୟିକା ପୀଢ଼ ସଭାପତି ଶ୍ରୀଯୁକ୍ତ ଶୁକଦେବ ନାଏକ,ଚାରିଭାୟା ପୀଢ଼: ସଭାପତି ଶ୍ରୀଯୁକ୍ତ ତ୍ରିବିକ୍ରମ ନାଏକ,ଚାରିଦେହୁରୀଆ ପୀଢ଼: ସଭାପତି ଶ୍ରୀଯୁକ୍ତ ବଳରାମ ନାଏକ,ଭୂୟାଁ ସାଂସ୍କୃତିକ ସଂଗଠନ: ସଭାପତି ଶ୍ରୀଯୁକ୍ତ ହରିଶଙ୍କର ନାଏକ ଉପସ୍ଥିତ ହୋଇ ଥିଲେ । ପାଞ୍ଚଶହ ଖଣ୍ଡା ଭୂୟାଁ ସମାଜ ବିପ୍ଳବୀ ଧରଣୀଧର ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ହୃଷିକେଶ ଦେହୁରୀ, ମଣ୍ଡଳ ସଭାପତି ଭାରତ ନାଏକ, ସମ୍ପାଦକ ହଳଧର ଦେହୁରୀ ଉପସ୍ଥିତ ଥିଲେ କ୍ଷ ସଭାରେ ଉପସ୍ଥିତ ବୁଦ୍ଧିଜୀବୀମାନେ କହିଥିଲେ, ସଂସ୍କାରର ଅର୍ଥ ପରମ୍ପରାକୁ ଭୁଲିଯିବା ନୁହେଁ, ବରଂ ସଂସ୍କାରର ମୂଳ ଇନ୍ଧନ ହେଉଛି ଶିକ୍ଷା। ଶିକ୍ଷାର

ଅଭାବରେ ସମାଜ ନିରନ୍ତର ପଛକୁ ପଡ଼ିଯିବ। ତେଣୁ ପ୍ରତିଟି ପରିବାରରେ ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରିବା ପାଇଁ ସର୍ବସମ୍ମତ ଆହ୍ୱାନ ଦିଆଯାଇଥିଲା। ଭୂୟାଁ ଜାତିର ନୀତି ଓ ପରିଚୟକୁ ବଜାୟ ରଖି ବିବାହ, ବ୍ରତ, ଶୁଦ୍ଧି କାର୍ଯ୍ୟ ଏବଂ ପାରମ୍ପରିକ ରୀତିନୀତିକୁ ସାମାଜିକ ନିୟମ ଅନୁସାରେ ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଛି। କୌଣସି ମନୋମାଳିନ୍ୟ ଥିଲେ ମଧ୍ୟ ସମାଜର ଉତ୍ସବ ଓ ସଭା ସମିତିରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶପଥ ନିଆଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ପୀଢ଼ର ନେତୃବୃନ୍ଦ, ପ୍ରାକ୍ତନ ଜନପ୍ରତିନିଧି, ବୁଦ୍ଧିଜୀବୀ ଏବଂ ପ୍ରତିଷ୍ଠିତ ସମାଜସେବୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଭୂୟାଁ ସମାଜର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ସାମାଜିକ ଏକତା ଏବଂ ଆଞ୍ଚଳିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।ଶେଷରେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଚାରିପୀଢ଼ ସମ୍ପାଦକ ଶ୍ରୀଯୁକ୍ତ ମଧୁସୂଦନ ନାଏକ ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରାଇଥିଲେ ।

ସିଲାଇ ମେସିନ୍-ଆଧାରିତ ଜୀବିକା କାର୍ଯ୍ୟକଳାପ ଉପରେ ଭିଏସଏସ ସମନ୍ୱୟ ବୈଠକ

ଅନୁଗୋଳ : ଏଜେଓ୍ୱାଇ ଛେଣ୍ଡିପଦା ରେଞ୍ଜର ଛେଣ୍ଡିପଦା-୧ ସେକ୍ସନ ଅନ୍ତର୍ଗତ ନାଗୁଳି ଜଙ୍ଗଲ ଭିଏସଏସ ପରିଦର୍ଶନ କରିଥିଲା। ପରିଦର୍ଶନ ସମୟରେ, ସିଲାଇ ମେସିନ୍-ଆଧାରିତ ଜୀବିକା କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିବା ପାଇଁ ସଦସ୍ୟମାନଙ୍କ ସହିତ ଏକ ଭିଏସଏସ ସମନ୍ୱୟ ବୈଠକ

ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଦକ୍ଷେପ ଗୁଡିକର କାର୍ଯ୍ୟକାରିତା, ହିତାଧିକାରୀଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଆୟ ଏବଂ ସ୍ଥାୟୀ ଜୀବିକା ସୁଯୋଗକୁ ଆହୁରି ସୁଦୃଢ଼ ଏବଂ ବିସ୍ତାର କରିବା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା। ଦଳ ପକ୍ଷରୁ ଆୟ ବୃଦ୍ଧିର ସମ୍ଭାବନାକୁ ଉନ୍ନତ କରିବା ଏବଂ ଜୀବିକାମୂଳକ ହସ୍ତକ୍ଷେପଗୁଡିକର ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଦକ୍ଷତା - ଆଧାରିତ ଜୀବିକା ମାଧ୍ୟମରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ତୃଣମୂଳ ସ୍ତରରେ ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ଲାଗିଛି।

ଅନୁଗୋଳ ପୋଲିସ ପକ୍ଷରୁ ରବିବାସରୀୟ ସାଇକେଲ ଯାତ୍ରା

ଅନୁଗୋଳ : ବିଶ୍ୱ ବାଇସାଇକଲ୍ ଦିବସର ଭାବନା କୁ ନେଇ ଅନୁଗୋଳ ପୋଲିସ ପକ୍ଷରୁ ଆଜି ଜୁନ୍ ୭ ତାରିଖ ସକାଳେ ଏକ ବାଇସାଇକଲ୍ ଯାତ୍ରା ର ଶୁଭାରମ୍ଭ କରାଯାଇଥିଲା। ଫିଟ୍ ଇଣ୍ଡିଆ ମୁଭମେଣ୍ଟ ବ୍ୟାନର ରେ ଲୋକ ମାନଙ୍କୁ ସୁସ୍ଥ ସବଳ ଓ ସକ୍ରିୟ ରଖିବା ପାଇଁ ଅନୁଗୋଳ ପୋଲିସ ପକ୍ଷରୁ ଏହି ସାଇକେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଉତ୍ତରକେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ରୂପେ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଅତିଥି ଦ୍ୱୟ ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି ପାଇଁ ନିୟମିତ ସାଇକେଲ ଚଳାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଅନୁଗୋଳ ଥାନା ଛକ ରୁ ଶୋଭାଯାତ୍ରା ବାହାରି ହୁଲୁରିସିଂହା ଛକ, ହେମସୁରପଡ଼ା ଛକ, ଥାନା ଛକ ଦେଇ ଛେଳିଆପଡ଼ା ରିଜର୍ଭ ପୋଲିସ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ଶାରୀରିକ କ୍ଷମତା ବଢ଼ାଇବା ସହ ମାନସିକ ଦୃଢ଼ତା ଓ ଭାଇଚାରା ବଢ଼ାଇବା ପାଇଁରବିବାର ଭଳି ଛୁଟି ଦିନ ମାନଙ୍କରେ ବାଇସାଇକଲ୍ ଚଲାଇବାକୁ ଅନେକ ମତ ଦେଇଥିଲେ।ମୋଟ ୭୫ ଜଣ ପୋଲିସ ଓ ସ୍ଥାନୀୟ ଯୁବ ବନ୍ଧୁ ସାଇକେଲ ଶୋଭାଯାତ୍ରା ରେ ଯାଇଥିଲେ।

କୁଟୁରାଚୁଆଁ ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କୁଚିଣ୍ଡା :ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଗୀତା ପ୍ରଧାନ ଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ ର ଶୁଭ ଉଦଘାଟନ କରିଛନ୍ତି।ଏହି ଅବସରରେ ସମ୍ମାନୀତ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ, ଶିକ୍ଷା ଜିଲ୍ଲା ଅଧିକାରୀ ଲକ୍ଷ୍ମଣ ଭୋଇ,ମନ୍ତ୍ରୀ ପ୍ରତିନିଧି ସୁଶିଲ କର, ସରପଞ୍ଚ ପଦ୍ମାବତୀ ପ୍ରଧାନ, ସମିତି ସଭ୍ୟ ଯଶୋବନ୍ତି ଭୋଇ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କିସାନ ମଞ୍ଚ ପରିଚାଳନା କରିଥିବାବେଳେ, ଶେଷରେ କୁଟୁରାଚୁଆଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଅଞ୍ଚଳର ସରପଞ୍ଚ,ସମିତି ସଭ୍ୟ ସଭ୍ୟା ମାନେ ଏବଂ କୁଟୁରାଚୁଆଁ ଗ୍ରାମ ପଞ୍ଚାୟତର ବହୁ ଜନସାଧାରଣ ତଥା ଅଭିଭାବକ ମାନେ ସାମିଲ ହୋଇଥିଲେ।

ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ?ର ଦ୍ୱିତୀୟ ସଂସ୍କରଣ

ବାଳିକା ବିଭାଗରେ ଜୋନ୍ ଚାମ୍ପିଅନ୍ ହେଲା ବରଗଡ଼

ବଲାଙ୍ଗିର,୦୭/୦୬: ଆନ୍ତଃଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଫୁଟବଲ୍ ଚାମ୍ପିୟନସିପ୍ ?ର ଦ୍ୱିତୀୟ ସଂସ୍କରଣର ଫାଇନାଲ୍ ମ୍ୟାଚ୍ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗିରରେ ଅନୁଷ୍ଠିତ ହୋଇଥିଲା। ବାଳିକା ବର୍ଗର ଫାଇନାଲ୍ ?ରେ ବରଗଡ଼ ଓ ଦେବଗଡ଼ ମଧ୍ୟରେ ହୋଇଥିବା ରୋମାଞ୍ଚକର ମୁକାବିଲାରେ ବରଗଡ଼ ୨-୧ ଗୋଲ୍ ?ରେ ବିଜୟୀ ହୋଇ ଜୋନ୍? ଚାମ୍ପିୟନ୍? ଟ୍ରଫି ହାସଲ କରିଛି। ଏହି ଅବସରରେ ବରଣ୍ୟ ଅତିଥି ଭାବେ ବଲାଙ୍ଗିର ପୌରପାଳିକା ଅଧକ୍ଷା ଶ୍ରୀମତୀ ଲିକା ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଫୁଟବଲ୍ ଏସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡଃ ଶ୍ରୀକର ମିଶ୍ର, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ୍ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଡଃ ସିଦ୍ଧ ?ଶ୍ୱର ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଚ୍ ପରିଚାଳନାର ଦାୟିତ୍ୱ ସୀତା ମାରାଣ୍ଡି, ମାମା ସିଂ, ଅନିତା ମହାନନ୍ଦ ଓ ପ୍ରିୟଙ୍କା ବିଶିଙ୍କୁ ଦିଆଯାଇଥିଲା। ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଭାବେ କାର୍ଯ୍ୟଭାର ନିଭାଇଥିଲେ।

ବିଶ୍ୱ ପରିବେଶ ଦିବସରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ବୃକ୍ଷ ରୋପଣ

ଅନୁଗୁଳ : ଅନଗୁଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆହ୍ୱାନ କ୍ରମେ ଏକ ପେଡ ମା କେ ନାମ କୁ ପାଥେୟ କରି ସମଗ୍ର ଜିଲ୍ଲାରେ ବ୍ୟାପକ ବୃକ୍ଷ ରୋପଣ କରାଯାଇଛି । ଅନୁଗୁଳ କୁମଣ୍ଡ ଢେରେଙ୍ଗେ ସାହି ଠାରେ ମା ପାଇଁ ଗଛ ଟିଏ ଲାଗାଇ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝି ଉପସ୍ଥିତ ରହି ବୃକ୍ଷ ପରିବେଶ ଉପରେ ସଚେତନତା ବାର୍ତ୍ତା



ଦେଇଥିଲେ ଓ ବିଜେପି କାର୍ଯ୍ୟକର୍ତ୍ତା ଶତୃଘନ ସାହୁ, ମିତା ରାଣୀ ପାତ୍ର, ରମେଶ ଜେନା ମଣି, ଜିତେନ୍ଦ୍ର ନାୟକ, ମଣ୍ଟୁ ଗଡନାୟକ, ସନ୍ତୋଷ ପରିଡା, ଅକ୍ଷୟ ଗଡନାୟକ, ଟୁକୁ ସାହୁ , ସୁଶାନ୍ତ ପ୍ରଧାନ ଙ୍କ ସମେତ ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ